

ଅର୍ଦ୍ଧଶତକରେ ଫୋର୍ଡଙ୍କ ବିଶ୍ୱ ରେକର୍ଡ

ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-325 • BHUBANESWAR • SATURDAY • 24 MAY 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୨ • ସଂଖ୍ୟା-୩୨୫ • ଭୁବନେଶ୍ୱର • ଶନିବାର • ୨୪ ମେ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦



# NEWTON COLLEGE OF +2 SCIENCE

NEWTON COLLEGE OF +2 SCIENCE SAMBALPUR · KNOWLEDGE IS POWER

## NEWTON HIGHER SECONDARY SCHOOL OF SCIENCE

Permanently Recognised by the Govt. of Odisha & Affiliated to C.H.S.E., Odisha

## CHSE Results-2025 SCIENCE

1 MANAS – MARKS 570 – 95% – 10th 93.6%
2 FIROZ – MARKS 567 – 94.5% – 10th 91.8%
3 PARITOSH – MARKS 566 – 94.3% – 10th 93.6%
4 PADMASHREE – MARKS 564 – 94 % – 10th 87.17%
4 SUMANTA – MARKS 564 – 94 % – 10th 87.3%

RUCHISMITA 559 93.17% (10th 92.8%) · ASMIT 559 93.17% (10th 91%) · SOMANATH 558 93% (10th 91.5%) · SUGNYASHREE 556 92.67% (10th 92.5%) · PIYUSH 555 92.5% · ISHANT 555 92.5% (10th 90.5%) · SIDDHARTH 554 92.33% (10th 91%) · SAHIL 554 92.33% · SWADHIN 551 91.83% (10th 91.8%)

RITESH 551 91.83% (10th 90 %) · SANTOSHI 549 91.5% · KAUSHAL 548 91.33% (10th 90 %) · ANWESHA 548 91.33% · VENKAT RAMAN 547 91.17% (10th 88 %) · MUSKAN 547 91.17% (10th 91 %) · JIJNASA 547 91.17% (10th 88.5%) · ANKIT 545 90.83% (10th 90 %) · ADITYA 545 90.83%

ADHYAYAN 545 90.83% (10th 76.6 %) · JYOTISANKAR 544 90.67% (10th 88.3 %) · ADYASHA 544 90.67% (10th 88.8 %) · ABHIJIT 544 90.67% · ADARSH 542 90.33% (10th 78.8 %) · NABIN 541 90.17% (10th 90 %) · JANAKI 541 90.17% (10th 85.8 %) · DHABALESWAR 540 90 %

IN CAMPUS SPECIAL PREPARATION FOR NEET & JEE (MAIN & ADVANCED)

A SCIENCE COLLEGE WITH ONLY CLASS - XI & XII FOCUSING ON INTEGRATED TEACHING FOR COUNCIL & DIFFERENT COMPETITIVE EXAMS

MATHEMATICS MARKS - 80 / 80 10 STUDENTS

CHSE RESULTS 2025

| | |
|---|---|
| Total Appeared | - 342 |
| 90% Marks & Above | - 31 |
| 500 Marks & Above | - 108 |
| 80% & Above | - 136 |
| 1st Division | - 319 (92%) |
| 2nd Division | - 21 |

538 NEHA · 537 OMPRAKASH · 535 PRERANA · 535 ANKIT · 534 BANDITA · 534 SWARNALAXMI · 533 JASMIN · 532 DOLESWAR · 531 OJASHREE · 531 DIBYANJALI · 531 ARYAN · 530 RAJKUMAR · 530 PRATYUSH

529 SUPRIYA · 529 NEHARANI · 529 ANSUMAN · 526 SRITTAM · 526 SOURAV · 526 SOHAN · 526 PREETIRANJAN · 525 SWAGAT · 525 DHARITRI · 525 ARNAP · 525 ANANYA · 524 SOURAV · 524 PRIYANSHI

524 SOM · 524 BIJAYA · 522 TWINKLE · 522 DEBASMITA · 522 BIVASHREE · 521 ARCHITA · 520 SUJAL · 519 TINKU · 519 RAJAT · 519 PRIYANSHU · 518 SOHAM · 518 SAJAN · 518 ANKIT

517 RISHITA · 517 KARISMA · 517 BIBEK · 517 BHAGYASHREE · 516 PRIYANKA · 516 DIPTEE · 516 DHANJAYA · 515 ABHIGYAN · 514 SANSKRUTI SANSHITA · 513 CHINMAYA · 512 ALOKA · 511 SUBHAM · 511 KABYANJALEE

511 ANKIT · 510 SMUTEE MAYEE · 509 TOSHABANTA · 509 SMRUTI SNEHA · 509 CHARUSMITA · 509 CHANDRA SHEKHAR · 508 BIKASH · 507 SHREYAS · 507 SAGAR · 507 PRACHI · 507 MOUSUMI · 507 AYUSH · 506 ZINI

505 SOUMYARANJAN · 505 PRATYUSH · 504 SMIT SMARAK · 504 KRISHNA · 504 DEBASHISH · 502 PRIYANKA · 502 PRAGNYARANI · 502 MAMISHA · 501 SNIGDHARANI · 500 PRATHAM · 500 SANCHITA · 500 RUPALI

Newton... Where The Heritage Of Fostering Intellectual Excellence Continues......

Debaipali, Majhipali Chowk, Sambalpur

99385 86082, 93373 01382, 95833 25666






## କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

# ରାଜସ୍ଥାନ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ କାହିଁକି ଜୀବନ ହାରୁଛନ୍ତି ଛାତ୍ରଛାତ୍ରୀ

■ ଆତ୍ମହତ୍ୟା ରୋକିବା ପାଇଁ କ'ଣ କରିଛ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲାକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ଗୁରୁତର କହିଛନ୍ତି। ଏହାକୁ ନେଇ ଶୁକ୍ରବାର ରାଜସ୍ଥାନ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେବି ପାରଦୀୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୋଟାରେ ୧୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେଣି। ଏହାକୁ ନେଇ ରାଜ୍ୟ ସରକାର କ'ଣ କରୁଛନ୍ତି? ଖାଲି କୋଟାରେ ଛାତ୍ରଛାତ୍ରୀ କାହିଁକି ଆତ୍ମହତ୍ୟା କରୁଛନ୍ତି? ରାଜ୍ୟ ଭାବେ ଏହା ଉପରେ ବିଚାର କରିନାହାନ୍ତି କି? ଏଭଳି ମାମଲାକୁ ହାଲକାରେ କାହିଁକି ନେଉଛନ୍ତି? ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅବମାନନା କରୁଛନ୍ତି। ପୁଲିସ ନିର୍ଦ୍ଦେଶ ପାଳନ କରୁନାହିଁ। ଆତ୍ମହତ୍ୟା ପରେ ଏତଲା ରୁଜୁ କାହିଁକି କରାଯାଉ ନାହିଁ? ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁତ୍ୱର ସହ ନେବା ଉଚିତ। ତୁରନ୍ତ ଏତଲା ରୁଜୁ କରି ଏଭଳି ମାମଲାର ତଦନ୍ତ କରିବା ଆବଶ୍ୟକ। ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ରାଜସ୍ଥାନ ସରକାରଙ୍କୁ ଜବାବ ମାଗିଛନ୍ତି। ଜୁଲାଇ ୧୪ରେ ମାମଲାର



ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ଆଇଆଇଟି ଖଡଗପୁରରେ ୨୨ ବର୍ଷୀୟ ଛାତ୍ର ଏବଂ କୋଟାରେ ଜଣେ ମେଡିକାଲ ଆଶାୟୀଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି।

କୋର୍ଟ ଜାଣିବାକୁ ପାଇଥିଲେ ଯେ ଆଇଆଇଟି ଛାତ୍ର ଗତ ୪ ତାରିଖରେ ଆତ୍ମହତ୍ୟା କରିଥିବାବେଳେ ୪ ଦିନ ବିଳମ୍ବରେ ଏତଲା ରୁଜୁ କରାଯାଇଥିଲା। ଏହାକୁ ଖଣ୍ଡପୀଠ ଅତ୍ୟନ୍ତ ଗୁରୁତର କହିଥିଲେ। ଏତଲାରେ ବିଳମ୍ବକୁ ନେଇ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କୋର୍ଟ ଚେତାବନୀ ଦେଇଥିଲେ। ପୁଲିସ ଅଧିକାରୀଙ୍କ ବିରୋଧରେ ଅବମାନନା ମାମଲା ରୁଜୁ କରିବାକୁ କହିଥିଲେ। ଏହାର ଉତ୍ତରରେ ଏତଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଉଲ୍ଲେଖ କରିଥିଲେ। ପରେ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଇଆଇଟି ଖଡଗପୁର କର୍ତ୍ତୃପକ୍ଷ ଏବଂ ପୁଲିସ ଅଧିକାରୀଙ୍କ ଉତ୍ତରରେ ସୁପ୍ରିମକୋର୍ଟ ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି କୋଟା ମାମଲାରେ ଛାତ୍ର କୋଚିଂ କେନ୍ଦ୍ର ପକ୍ଷରୁ ପ୍ରଦତ୍ତ ରୁମ୍ ଛାଡ଼ି କାହିଁକି ଘରେ ରହୁଥିଲେ ବୋଲି ସୁପ୍ରିମକୋର୍ଟ ପଚାରି ଥିଲେ। ଖଣ୍ଡପୀଠ କହିଥିଲେ ଯେ ଏତଲା ରୁଜୁ କରି ତଦନ୍ତ କରିବା ପୁଲିସର କାମ। ଏହି କ୍ଷେତ୍ରର ଥାନା ଅଧିକାରୀ ନିଜ କର୍ତ୍ତବ୍ୟ ସମ୍ପାଦନରେ ବିଫଳ ହୋଇଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସେ ପାଳନ କରିନାହାନ୍ତି। ଏହାକୁ ନେଇ କୋଟା ଥାନାର ଅଧିକାରୀଙ୍କୁ ସୁପ୍ରିମକୋର୍ଟ ସମନ ଜାରି କରିଛନ୍ତି। ଜୁଲାଇ ୧୪ରେ ତଥ୍ୟ ସହିତ ଉପସ୍ଥିତ ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଶୁକ୍ରବାର ଐତିହାସିକ ରାୟ ଦେଇଛନ୍ତି। ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ। ଏହା ପ୍ରଜନନ ଅଧିକାରର ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟ। ମହିଳାଙ୍କୁ ମାତୃତ୍ୱ ଛୁଟି ଦେବାରେ କୌଣସି ପ୍ରତିଷ୍ଠାନ ମନା କରିପାରିବେ ନାହିଁ ବୋଲି ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୁଇଁଆଙ୍କ ଖଣ୍ଡପୀଠ କହିଛନ୍ତି। ତାମିଲନାଡୁର ଜଣେ ମହିଳା ଶିକ୍ଷକ (ସରକାରୀ) ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ପ୍ରଥମ ବିବାହରୁ ୨ଟି ସନ୍ତାନ ଥିବାରୁ ଦ୍ୱିତୀୟ ବିବାହରେ ସନ୍ତାନ ଜନ୍ମ ସମୟରେ ଏହି ମହିଳାଙ୍କୁ ଛୁଟି ଦେବାକୁ ମନା କରିଦିଆଯାଇଥିଲା। ତେବେ ତାମିଲନାଡୁରେ କେବଳ ଦୁଇଟି ସନ୍ତାନ ପାଇଁ ମାତୃତ୍ୱ ଛୁଟି ଦେବାର ନିୟମ ରହିଛି। କିନ୍ତୁ ଏହି ମହିଳା ପ୍ରଥମ ଦୁଇ ସନ୍ତାନ ପାଇଁ କୌଣସି ଛୁଟି ନେଇ ନ ଥିଲେ। ଏହା ଜାଣିବା ପରେ ସୁପ୍ରିମକୋର୍ଟ ମାତୃତ୍ୱ ଛୁଟିର ପରିସର ବୃଦ୍ଧି କରିଥିଲେ। ଏବେଠାରୁ ମାତୃତ୍ୱ ଛୁଟି ପ୍ରଜନନ ଅଧିକାରର ଅଂଶ ହେବ ବୋଲି କହିଥିଲେ।

■ ଅପରେସନ ବାଲାକୋଟରେ ସାମିଲ ଥିଲେ ମହିଳା ଅଧିକାରୀ

## ଅବସର ନ ଦେବାକୁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଅପରେସନ ବାଲାକୋଟ ଏବଂ ସିନ୍ଦୂରରେ ସାମିଲ ଜଣେ ମହିଳା ଅଧିକାରୀଙ୍କୁ ଚାକିରିରୁ ବାହାର ନ କରିବା ପାଇଁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଏବଂ ଭାରତୀୟ ବାୟୁସେନାକୁ କହିଛନ୍ତି। ସୁଚିନ୍ତିତ ନୀତି ପ୍ରଣୟନ ନ କରିବା ଯାଏ ଏପରି କରିବା ଉଚିତ ନୁହେଁ ବୋଲି କହି ଅଗଷ୍ଟ ୬ ପର୍ଯ୍ୟନ୍ତ ଏହା ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେବେ ସର୍ଟ ସର୍ଭିସ କମିଶନ (ଏସଏସସି) ର ଏହି ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ସ୍ଥାୟୀ କମିଶନ ଦେବାରେ ଭେଦଭାବ କରାଯାଇଛି ବୋଲି ୱିଙ୍ଗ କମାଣ୍ଡର ନିକିତା ପାଣ୍ଡେ ଦାବି କରିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏହା ଉପରେ କେନ୍ଦ୍ର ଏବଂ ଆଇଏଏଫଙ୍କୁ ଜବାବ ମାଗିଛନ୍ତି। ଆଇଏଏଫ ଏକ ବୃତ୍ତିଗତ ବାହିନୀ। ସେବାରେ ଅସ୍ଥିରତା ରହିବା ଏଭଳି ଅଧିକାରୀଙ୍କ ପାଇଁ ଶୋଭନୀୟ ନୁହେଁ। ଆମ ବାୟୁସେନା ବିଶ୍ୱର ପ୍ରମୁଖ ସଙ୍ଗଠନ ମଧ୍ୟରୁ ଅନ୍ୟତମ। ଅଧିକାରୀଙ୍କ ଯୋଗଦାନ ପ୍ରଶଂସନୀୟ। ସେମାନେ ଯେଉଁ ଭଳି ସମନ୍ୱୟ ଦେଖାଇଛନ୍ତି ତାହା ଅତୁଳନୀୟ। ଆମେ ସବୁବେଳେ ତାଙ୍କୁ ସାଲ୍ୟୁଟ କରୁଛୁ। ସେମାନେ ଦେଶର ସବୁଠୁ ବଡ଼ ସମ୍ପତ୍ତି। ଗୋଟିଏ ଦୃଷ୍ଟିରୁ ସେମାନେ ରାଷ୍ଟ୍ର ଭଳି। ତାଙ୍କ ପାଇଁ ଆମେ ଶାନ୍ତିରେ ଶୋଇପାରୁଛୁ। ନିଯୁକ୍ତି ପରେ ଏସଏସସି ଅଧିକାରୀଙ୍କ କଠିନ ଜୀବନ ଆରମ୍ଭ ହୋଇଥାଏ। ୧୦ରୁ ୧୫ ବର୍ଷ ପରେ ତାଙ୍କୁ ସ୍ଥାୟୀ କମିଶନ ମିଳିଥାଏ। ଏହି ଦୃଷ୍ଟିରୁ ଅସ୍ଥିରତା ସଶସ୍ତ୍ର ବାହିନୀ ପାଇଁ ଶୋଭନୀୟ ନୁହେଁ। ଏହା ଜଣେ ସାଧାରଣ ନାଗରିକଙ୍କ ପ୍ରସ୍ତାବ, କାରଣ ଆମେ ବିଶେଷଜ୍ଞ ନୋହୁଁ। ଏଥି ପାଇଁ ଧାର୍ଯ୍ୟ ସର୍ବନିମ୍ନ ମାନଦଣ୍ଡରେ କୌଣସି ସାଲିସ କରାଯାଇପାରିବ ନାହିଁ।

ଅଧିକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମେନକା ଗୁରୁସ୍ୱାମୀ କହିଥିଲେ ଯେ ତାଙ୍କ ମହକିଲ ଲଢୁଆ ବିମାନ ନିୟନ୍ତ୍ରକ ବିଶେଷଜ୍ଞ। ସେ ବିଶେଷଜ୍ଞ ଭାବେ ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ)ରେ ସାମିଲ ହୋଇଥିଲେ। ଅପରେସନ ସିନ୍ଦୂର ଏବଂ ବାଲାକୋଟରେ ଏହାକୁ ମୁତୟନ କରାଯାଇଥିଲା। ୧୩.୫ ବର୍ଷ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କୁ ୨୦୧୯ ରେ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ଏହାର ମାସେ ପରେ ଚାକିରି ଛାଡିବାକୁ ଚାପ ପକା ଯାଇଥିଲା। ଏହି ଅଧିକାରୀ ଲଢୁଆ ବିମାନ ନିୟନ୍ତ୍ରକ ତାଲିକରେ ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲେ। ତେବେ କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କହିଥିଲେ ଯେ ସ୍ଥାୟୀ କମିଶନ ଦେବା ପାଇଁ ଚୟନ ବୋର୍ଡ ତାଙ୍କୁ ଅଯୋଗ୍ୟ ପାଇଥିଲା।

## ତୃତୀୟ ଥର କ୍ଷମା ମାଗିଲେ ମନ୍ତ୍ରୀ ବିଜୟ ଶାହା

ଭୋପାଳ, ୨୩।୫ (ଏଜେନ୍ସି): ଭାରତୀୟ ସେନାର କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ପ୍ରତି ଅପମାନଜନକ ଟିପ୍ପଣୀ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟଶାହା ପୁଣି କ୍ଷମା ମାଗିଛନ୍ତି। ଏହା ଭାଷାଗତ ଭୁଲ ଥିଲା ବୋଲି କହିଛନ୍ତି। ଏଥିପାଇଁ ସେ ଭଉଣୀ ସୋଫିଆ ଏବଂ ଦେଶବାସୀଙ୍କୁ କ୍ଷମା ମାଗୁଥିବା ଉଲ୍ଲେଖ କରିଛନ୍ତି। ସେ ଶୁକ୍ରବାର ଏକ ଭିଡିଓ ଜାରି କରି ଏହି କ୍ଷମା ପ୍ରାର୍ଥନା କରିଛନ୍ତି। କାହାକୁ ଆଘାତ ଦେବା ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ତାଙ୍କ ମାମଲା ସୁପ୍ରିମକୋର୍ଟରେ ଚାଲିଛି। ତାଙ୍କ କ୍ଷମା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଅଗ୍ରାହ୍ୟ କରିଦେଇଛନ୍ତି।

## ଇସ୍ରାଏଲ ଆକ୍ରମଣ କଲେ ଆମେରିକାକୁ ଦାୟୀ କରିବ ଇରାନ

ତେହରାନ୍,୨୩।୫(ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ବିଗତ କିଛି ମାସ ହେଲା ଉତ୍ତେଜନା ଲାଗି ରହିଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଦେଶ ମଧ୍ୟରେ ବିବାଦ ବଢିବାରେ ଲାଗିଛି। ତେବେ ଓମାନ ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ରୋମ୍‌ରେ ବୈଠକ ହେବାକୁ ରହିଥିଲା ବେଳେ ଇରାନ ପକ୍ଷରୁ ଆମେରିକା ପ୍ରତି ଚେତାବନୀ ଜାରି କରାଯାଇଛି। ଯଦି ଇସ୍ରାଏଲ ଇରାନର ପରମାଣୁ ଠିକଣା ଉପରେ ଆକ୍ରମଣ କରେ ଏଥିପାଇଁ ଆମେରିକା ଦାୟୀ ରହିବ ବୋଲି ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଅରାଗଚ୍ଛି ଗୁରୁବାର ସ୍ପଷ୍ଟ କରିଛନ୍ତି। ଇରାନ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ ପ୍ରସ୍ତୁତ ହୋଇସାରିଛି ବୋଲି ଆମେରିକୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଇରାନ ଆମେରିକା ପ୍ରତି ଏଭଳି ଟିପ୍ପଣୀ ଜାରି କରିଛି। ଏହାଛଡ଼ା ଇସ୍ରାଏଲ ଆକ୍ରମଣ କଲେ ଇରାନ ପକ୍ଷରୁ ମଧ୍ୟ ଦୃଢ ଜବାବ ଦିଆଯିବ ବୋଲି ଅରାଗଚ୍ଛି କହିଛନ୍ତି।

## ମୁନିରଙ୍କୁ ରାଜା ଉପାଧି ମିଳିଥିଲେ ଭଲ ହୋଇଥାଆନ୍ତା: ଇମ୍ରାନ୍

ଇସ୍‌ଲାମାବାଦ୍,୨୩।୫(ଏଜେନ୍ସି):ଭାରତର ଅପରେସନ ସିନ୍ଦୂର ପରେ ପାକିସ୍ତାନ ସରକାର ସେନାଧ୍ୟକ୍ଷ ଆସିମ ମୁନିରଙ୍କୁ ପଦୋନ୍ନତି ଦେବା ସହିତ ଫିଲ୍ଡ ମାର୍ଶାଲ ଭଳି ସର୍ବୋଚ୍ଚ ସେନା ଉପାଧିରେ ଭୂଷିତ କରିଥିଲେ। ଭାରତର ଆକ୍ରମଣକୁ ପ୍ରତିହତ କରିବା ଦିଗରେ ମୁନିର ବହୁ ସଫଳତା ହାସଲ କରିଥିବାରୁ ତାଙ୍କୁ ଶେହବାଜ ସରକାର ଏହି ପୁରସ୍କାର ଦେଇଥିଲେ। ପାକିସ୍ତାନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ହୋଇଥିଲା ବେଳେ ଏବେ ପିଟିଆଇ ନେତା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମୁନିରଙ୍କୁ ଭର୍ତ୍ସନା କରିବା ସହିତ କଟାକ୍ଷ କରିଛନ୍ତି। ମୁନିରଙ୍କୁ ତାଙ୍କ ସଫଳତା ପାଇଁ ଫିଲ୍ଡ ମାର୍ଶାଲ ବଦଳରେ ରାଜା ଉପାଧି ଦିଆଯାଇଥିଲେ ଆହୁରି ଭଲ ହୋଇଥାଆନ୍ତା ବୋଲି ଇମ୍ରାନ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଶେହବାଜ ସରକାର ଗଣତନ୍ତ୍ରର ଦୁଇ ମୁଖ୍ୟ ସ୍ତମ୍ଭ ଆଇନ କାନୁନ ବ୍ୟବସ୍ଥା ଏବଂ ନୈତିକତାକୁ ଜଳାଞ୍ଜଳି ଦେଇ ସାରିଛନ୍ତି ବୋଲି ଇମ୍ରାନ କହିଛନ୍ତି।

■ ଉତ୍ତରପ୍ରଦେଶରେ ଝଡ଼ତୋଫାନ

## ୨ ଦିନରେ ୬୦ ମୃତ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):ଉତ୍ତର ପ୍ରଦେଶର ବିଭିନ୍ନ ଭାଗରେ ଦୁଇ ଦିନ ହେଲା ପ୍ରବଳ ଝଡ଼ତୋଫାନ ଜାରି ରହିଛି। ଏଥିରେ ୧୭ ମହିଳାଙ୍କ ସମେତ ୬୦ ଜଣଙ୍କ ମୃତ୍ୟୁ ହୋଇଛି। ୧୨ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ୬୪ ଜିଲ୍ଲାରେ ଝଡ଼ ତୋଫାନ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ୨୧ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଧନଜୀବନ କ୍ଷୟକ୍ଷତି ହୋଇଛି। ଗୋରଖପୁରରେ ସର୍ବାଧିକ ୭୪ ମିମି ବର୍ଷା ହୋଇଛି। ନୋଏଡ଼ାରେ ୮୦ କିମି ବେଗରେ ପବନ ହୋଇଛି। ଅନ୍ୟପକ୍ଷରେ ଝଡ଼ତୋଫାନ ଜନିତ ଘଟଣାରେ ରାଜସ୍ଥାନରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଜି ପାଣିପାଗ ବିଭାଗ ସବୁ କେନ୍ଦ୍ରଶାସିତ ଅଞ୍ଚଳକୁ ଝଡ଼ ତୋଫାନ ଏବଂ ଗ୍ରୀଷ୍ମ ପ୍ରବାହକୁ ନେଇ ଚେତାବନୀ ଜାରି କରିଛି। ମହାରାଷ୍ଟ୍ର ଏବଂ ଗୋଆର ଉପକୂଳ ଅଞ୍ଚଳକୁ ରେଡ୍ ଆଲର୍ଟ ଦିଆଯାଇଛି। ଏହା ବ୍ୟତୀତ ଆରବ ସାଗରରେ ଲଘୁଚାପ ସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଅବପାତ ରୂପ ନେଇ ଗୋଆ-ମହାରାଷ୍ଟ୍ର ଉପକୂଳ ଅଭିମୁଖେ ବଢିବ ବୋଲି ଆଶଙ୍କା କରାଯାଉଛି।

### ବାଂଲାଦେଶ ପାଇଁ ବଢୁଛି ରାଜନୈତିକ ସଙ୍କଟ

# ଇସ୍ତଫା ଦେବାକୁ ୟୁନୁସ୍‌ଙ୍କ ଧମକ

■ ମିଳୁନି ରାଜନୈତିକ ସହଯୋଗ

■ ପ୍ୟାରିସ୍ ପଳାୟନ ପାଇଁ ମସୁଧା

ଢାକା,୨୩।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ଅଚାନକ ଭାବେ ନିଜ ପଦରୁ ଇସ୍ତଫା ଦେବାକୁ ଧମକ ଦେବା ଏବେ ବିଭିନ୍ନ ମହଲରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ଏପରିକି ସେ ଶୁକ୍ରବାର ଇସ୍ତଫା ଦେବାକୁ କହିଥିବା ଏବଂ ଗୁରୁବାର ବିଳମ୍ବିତ ରାତିରେ କିଛି ରାଜନୈତିକ ଦଳର ମୁଖିଆ ତାଙ୍କୁ ଭେଟିଥିବାର ଖବର ମଧ୍ୟ ସାମ୍ନାକୁ ଆସିଛି। ୟୁନୁସ୍ ବାଂଲାଦେଶର ସର୍ବାଙ୍ଗୀନ ଉନ୍ନତି ଏବଂ ବିକାଶ ପାଇଁ କାର୍ଯ୍ୟ କରିବାକୁ ଚାହୁଁଥିଲେ ହେଁ ତାଙ୍କୁ ରାଜନୈତିକ ସହଯୋଗ ମିଳୁ ନାହିଁ ବୋଲି ଅଭିଯୋଗ କରି ସେ ଇସ୍ତଫା ଦେବାକୁ ଧମକ ଦେଇଛନ୍ତି ବୋଲି ବାଂଲାଦେଶର ବହୁ ପ୍ରମୁଖ ଗଣମାଧ୍ୟମ ଖବର ପ୍ରକାଶ କରିଛନ୍ତି। କିନ୍ତୁ ତାଙ୍କର ଇସ୍ତଫା ଦେବା ପଛରେ ଆଉ କିଛି କାରଣ ରହିଛି ବୋଲି ମଧ୍ୟ ଅନ୍ୟ କିଛି ଖବରଦାତା ସଂସ୍ଥା କହିଛନ୍ତି। ପ୍ରକୃତରେ ବାଂଲାଦେଶର ସେନାଧ୍ୟକ୍ଷ ୱାକର ଜମାନଙ୍କୁ ହଟାଇ ତାଙ୍କ ସ୍ଥାନରେ କଠୋରବାଦୀ ଜେନେରାଲ ଫୈଜୁର ରହମନଙ୍କୁ ନିଯୁକ୍ତ କରିବାକୁ ୟୁନୁସ୍ ବହୁ ଦିନ ଧରି ପ୍ରୟାସ ଚଳାଇ ଆସିଛନ୍ତି। ଏଥିପାଇଁ ସେ ୱାକର ଜମାନଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଇ ନାହାନ୍ତି। କିନ୍ତୁ ଏହି ବିଷୟ ଏବେ ସାମ୍ନାକୁ ଆସିବା ପରେ ୱାକରଙ୍କ କୋପରୁ ବର୍ତ୍ତିବା ଲାଗି ୟୁନୁସ୍ ଇସ୍ତଫା ନାଟକ କରିଥିବା କୁହାଯାଉଛି। ଅନ୍ୟପଟେ ୟୁନୁସ୍ ଦେଶରେ ନିର୍ବାଚନ କରିବାକୁ କୌଣସି ଉଦ୍ୟମ କରୁ ନଥିବା ଏବଂ ଏହାକୁ ଟାଳି ଚାଲିଥିବାରୁ ବହୁ ରାଜନୈତିକ ଦଳ ମଧ୍ୟ ୟୁନୁସ୍ ବିରୋଧୀ ହୋଇପଡ଼ିଛନ୍ତି। ଯାହାକୁ ନେଇ ୟୁନୁସ୍ ବାଂଲାଦେଶ ଛାଡି ପୁଣି ପ୍ୟାରିସ୍ ଫେରାର୍ ହୋଇଯିବାକୁ ଯୋଜନା କରିଛନ୍ତି ବୋଲି କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି।



୨୦୨୪ ଅଗଷ୍ଟରେ ଶେଖ ହସିନା ସରକାରର ପତନ ପରେ ୟୁନୁସ୍ ବାଂଲାଦେଶରେ ପହଞ୍ଚିବା ସହିତ ଦେଶର ରୂପ ବଦଳାଇ ଦେବାକୁ ବାଂଲାଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାମଧ୍ୟରେ ୯ ମାସ ବିତିଯାଇଥିଲେ ହେଁ ୟୁନୁସ୍‌ଙ୍କ ଯୋଜନାର ରୂପରେଖ କ'ଣ ରହିଛି ତାହାକୁ କେହି ଜାଣିପାରିଲେ ନାହିଁ। ବଙ୍ଗ ଦେଶରେ ନିର୍ବାଚନ କରାଯାଇ ନଥିବାରୁ ଏକ ସ୍ଥିର ଓ ସ୍ଥାୟୀ ସରକାର ପ୍ରତିଷ୍ଠା ଅଭାବରେ ବାଂଲାଦେଶର ଅର୍ଥନୀତି ଏବଂ ସାମାଜିକ ସ୍ଥିତି ବେଳକୁ ବେଳ ସଙ୍ଗୀନ ହେବାରେ ଲାଗିଛି। ଅନ୍ୟପଟେ ଆମେରିକା ୟୁନୁସ୍‌ଙ୍କ ହାତ ଛାଡି ଦେଇଥିଲା ବେଳେ ଚୀନ୍ କୋଳରେ ବସିଥିବା ୟୁନୁସଙ୍କୁ ଚୀନ୍ ମଧ୍ୟ ପ୍ରତିଶ୍ରୁତି ଦେଇ ସେଭଳି କିଛି ସହାୟତା ଦେଇ ନାହିଁ। ଚୀନ୍ ବଳରେ ବଳିୟାନ ହୋଇ ଭାରତର ଉତ୍ତରପୂର୍ବ ରାଜ୍ୟସମୂହକୁ ଘେରିବାକୁ ଯୋଜନା କରିଥିବା ୟୁନୁସ୍ ଏବେ ଅଚାନକ ଇସ୍ତଫା ଦେବାକୁ ଘୋଷଣା କରିବା ମଧ୍ୟ ଅନ୍ୟତମ କାରଣ ବୋଲି କୁହାଯାଉଛି। ସେପଟେ ବାଂଲାଦେଶ ସେନାଧ୍ୟକ୍ଷଙ୍କୁ ନେଇ ୟୁନୁସ୍ କରିଥିବା ଷଡ଼ଯନ୍ତ୍ର ସାମ୍ନାକୁ ଆସିବା ପରେ ସେନା ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ବାଂଲାଦେଶ ଏକ ବଡ଼ ରାଜନୈତିକ ସଙ୍କଟ ଆଡକୁ ମହାଁଉଛି ବୋଲି ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି।

## ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି: ହାଭାର୍ଡରେ ପଢ଼ିପାରିବେନି ବିଦେଶୀ

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଆମେରିକାର ପ୍ରତିଷ୍ଠିତ 'ଆଇଭିୱାଇ ଲିଗ୍(ସର୍ବଶ୍ରେଷ୍ଠ ୮ ବିଶ୍ୱବିଦ୍ୟାଳୟ ଓ କଲେଜ) ଶିକ୍ଷାନୁଷ୍ଠାନରେ ପାଠ ପଢିବାକୁ କେବଳ ଆମେରିକୀୟ ଛାତ୍ରଛାତ୍ରୀ ନୁହନ୍ତି, ବରଂ ସାରା ବିଶ୍ୱରୁ ଏଥିପାଇଁ ବିଦ୍ୟାର୍ଥୀମାନଙ୍କ ଆଗ୍ରହ ରହିଥାଏ। ଏହି 'ଆଇଭିୱାଇ ଲିଗ୍' ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରୁ ପ୍ରତିଷ୍ଠିତ ହାଭାର୍ଡ ବିଶ୍ୱବିଦ୍ୟାଳୟ ଅନ୍ୟତମ। ଏହି ବିଶ୍ୱବିଦ୍ୟାଳୟରେ ଆମେରିକା ବିଦ୍ୟାର୍ଥୀଙ୍କ ବ୍ୟତୀତ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାଆନ୍ତି। କିନ୍ତୁ ବିଦେଶୀ ବିଦ୍ୟାର୍ଥୀଙ୍କ ପାଇଁ ଏବେ ଏହି ବିଶ୍ୱବିଦ୍ୟାଳୟର ଦ୍ୱାର ବନ୍ଦ ହେବାକୁ ଯାଉଛି। ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତି ଅନୁଯାୟୀ ହାଭାର୍ଡରେ ବିଦେଶୀ ଛାତ୍ରଙ୍କୁ ଆଉ ନାମଲେଖାଇବାକୁ ସୁଯୋଗ ମିଳିବ ନାହିଁ। ଏହି ବିଶ୍ୱବିଦ୍ୟାଳୟର 'ଷ୍ଟୁଡେଣ୍ଟ ଆଣ୍ଡ ଏକ୍ସଚେଞ୍ଜ ଭିଜିଟର ପ୍ରୋଗ୍ରାମ ସାର୍ଟିଫିକେସନ୍' (ଏସଇଭିପି) ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଆମେରିକାର ଗୃହସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୃହସୁରକ୍ଷା ବିଭାଗ ସଚିବ କ୍ରିଷ୍ଟି ନୋଏମ ସୋସିଆଲ୍ ମିଡିଆରେ ପୋଷ୍ଟ କରି ହାଭାର୍ଡ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହିଂସା ସହିତ ଇହୁଦୀ-ବିରୋଧୀ



ମନୋଭାବକୁ ପ୍ରୋତ୍ସାହନ ଦିଆଯିବା ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ସପକ୍ଷରେ ମାହୋଲ ବଢୁଥିବା ସେ ଉଲ୍ଲେଖ କରିଛନ୍ତି। ହାଭାର୍ଡକୁ ସମୁଚିତ ପଦକ୍ଷେପ ନେବାକୁ ପୂର୍ବରୁ ଅନେକ ସୁଯୋଗ ଦିଆଯାଇଛି। କିନ୍ତୁ ଏହାକୁ ଗ୍ରହଣ କରାଯାଇ ନାହିଁ। ନିୟମ କାନୁନ ନ ମାନିବା କାରଣରୁ ବିଶ୍ୱବିଦ୍ୟାଳୟର ଏସଇଭିପି ରଦ୍ଦ କରାଯାଇଛି ବୋଲି ସେ କହିଛନ୍ତି। କେବଳ ହାଭାର୍ଡ ନୁହେଁ , ଏହି ନିଷ୍ପତ୍ତି ଆମେରିକାର ଅନ୍ୟ ସବୁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନ ପାଇଁ ଚେତାବନୀ ଭାବେ କାର୍ଯ୍ୟ କରିବ ବୋଲି ନୋଏମ କହିଛନ୍ତି। କିନ୍ତୁ ଟ୍ରମ୍ପ ପ୍ରଶାସନର ଏଭଳି ନିଷ୍ପତ୍ତି ପାଇଁ ଭାରତୀୟ ଛାତ୍ରଛାତ୍ରୀମାନେ ଅନେକ ଭାବେ ପ୍ରଭାବିତ ହେବେ ବୋଲି ଆଶଙ୍କା ବଢିଛି। ହାଭାର୍ଡରେ ୨୦୨୪-୨୫ବର୍ଷରେ ୬ହଜାର ୮ଶହ ବିଦେଶୀ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ପ୍ରତିବର୍ଷ ୫ଶହରୁ ୮ଶହ ଭାରତୀୟ ଛାତ୍ରଛାତ୍ରୀ ଓ ଗବେଷକ ଏଠାରେ ନାମ ଲେଖାଇଥିଲା ବେଳେ ଏବେ ୭୮୮ ଭାରତୀୟ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ପରେ ଏହି ଛାତ୍ରଛାତ୍ରୀଙ୍କୁ ଏସଇଭିପି ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନକୁ ସ୍ଥାନାନ୍ତର ହେବାକୁ ପଡିବ। ଏହା ନ କଲେ ସେମାନଙ୍କ ଭିସା ବାତିଲ ହୋଇପାରେ ବୋଲି କୁହାଯାଉଛି।

## 'ୟଙ୍ଗ୍ ଇଣ୍ଡିଆ'କୁ ଦାନ ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା: ଇଡି



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ବଡ଼ ଖୁଲାସା କରିଛି। ୟଙ୍ଗ ଇଣ୍ଡିଆ ଲିମିଟେଡକୁ ଟଙ୍କା ଦାନ କରିବା ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା। ବରିଷ୍ଠ ନେତାଙ୍କ ନିର୍ଦ୍ଦେଶରେ କଂଗ୍ରେସ ନେତା ଏବଂ ବ୍ୟକ୍ତି ଅର୍ଥ ଦାନ କରିଥିଲେ। ଏମାନଙ୍କ ମଧ୍ୟରେ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ତାଙ୍କ ଭାଇ ସାମିଲ ରହିଛନ୍ତି। ଏହି ସଂସ୍ଥାକୁ ଉଭୟେ ପ୍ରାୟ ୨.୫ କୋଟି ଟଙ୍କା ଦେଇଥିଲେ। ଟଙ୍କା ନ ଦେଲେ ରାଜନୈତିକ କ୍ୟାରିୟରକୁ ଶେଷ କରିଦିଆଯିବ ବୋଲି କଂଗ୍ରେସ ନେତାଙ୍କୁ ଧମକ ଦିଆଯାଇଥିଲା ବୋଲି ଆରୋପପତ୍ରରେ ଇଡି ଦର୍ଶାଇଛି। ଇଡି ପକ୍ଷରୁ ଦାବି କରାଯାଇଛି ଯେ ୧୪୨ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ଅଭିଯୁକ୍ତ। ଉଭୟେ ୯୮୮ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତିରୁ ଲାଭ ପାଉଛନ୍ତି। କମ୍ପାନୀ ଆଇନର ଧାରା ୨୫ ଅନୁଯାୟୀ ୟଙ୍ଗ ଇଣ୍ଡିଆର ପଞ୍ଜିକରଣ ହୋଇଥିଲେ ବି ଏହାକୁ ଗାନ୍ଧୀ ପରିବାର ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିଥିଲା ବୋଲି ଏଜେନ୍ସି ପକ୍ଷରୁ ଅଭିଯୋଗ କରାଯାଇଛି।

## ଲେଫ୍ଟନାଣ୍ଟ ଶଶାଙ୍କ ସିକିମରେ ସହିଦ

■ ସହଯୋଗୀଙ୍କୁ ବଞ୍ଚାଇ ହରାଇଲେ ନିଜ ଜୀବନ



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ପରୋପକାର, ଭାରତୀୟ ସେନାର ନୀତି ଏବଂ ଅଦମ୍ୟ ସାହସ ପ୍ରଦର୍ଶନ କରି ଜଣେ ସହଯୋଗୀ ଯବାନଙ୍କୁ ବଞ୍ଚାଇବା ପାଇଁ ଲେଫ୍ଟନାଣ୍ଟ ଶଶାଙ୍କ ତିୱାରୀ (୨୩) ସିକିମର ଭରା ନଈକୁ ଡେଇଁ ପଡିଛନ୍ତି। ସହଯୋଗୀଙ୍କୁ ମୃତ୍ୟୁ ମୁଖରୁ ଟାଣି ଆଣିଛନ୍ତି। କିନ୍ତୁ ନିଜେ ନଦୀର ଉଗ୍ର ଧାରାରେ ବୁଡିଯାଇ ବୀରଗତି ପ୍ରାପ୍ତ କରିଛନ୍ତି। ୮୦୦ ମିଟର ଦୂରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏକମାତ୍ର ପୁଅକୁ ହରାଇ ପରିବାର ଦୁଃଖରେ ମ୍ରିୟମାଣ ହୋଇଥିବାବେଳେ ଭାରତୀୟ ସେନା ଶଶାଙ୍କଙ୍କ ବୀରତ୍ୱକୁ ସାଲ୍ୟୁଟ କରିଛି। ଶଶାଙ୍କଙ୍କ ବାପା ମର୍ଚ୍ଚାଣ୍ଟ ନେଭିରେ କାମ କରୁଛନ୍ତି। ପୁଅ ମୃତ୍ୟୁ ଖବର ପାଇଁ ସେ ଭାରତ ଫେରୁଛନ୍ତି। କିନ୍ତୁ ହୃତ୍‌ପିଣ୍ଡ ରୋଗୀ ହୋଇଥିବାରୁ ମାଆଙ୍କୁ ଏହାର ସୂଚନା ଦିଆଯାଇ ନାହିଁ। ଶନିବାର ରାଷ୍ଟ୍ରୀୟ ସମ୍ମାନରେ ଅଯୋଧ୍ୟାର ଶଶାଙ୍କଙ୍କ ଅନ୍ତିମ ସଂସ୍କାର ହେବ। ଗତ ବର୍ଷ ଡିସେମ୍ବରରୁ ଲେଫ୍ଟନାଣ୍ଟ ଶଶାଙ୍କ ସିକିମ ସ୍କାଉଟରେ ମୁତୟନ ଥିଲେ। ଶୁକ୍ରବାର ସକାଳେ ଏକ ପ୍ରମୁଖ ପୋଷ୍ଟକୁ ଯାଉଥିବାବେଳେ ପୋଲରୁ ଜଣେ ସହଯୋଗୀଙ୍କ ଘୋଡ ଘଷି ଯାଇଥିଲା। ତେଣୁ ସେ ନଦୀକୁ ଖସି ପଡ଼ିଥିଲେ। ସେ ବୁଡି ଯାଉଥିବା ଦେଖି ଶଶାଙ୍କ ତାଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ।

### ବୋଝ ଉପରେ ନଳିତାବିଡ଼ା

# ୩ ଦିନ ଯୁଦ୍ଧରେ ପାକିସ୍ତାନର ୨.୫ ବିଲିୟନ ଡଲାର କ୍ଷତି

■ ଆଇଏମ୍‌ଏଫ୍‌ରୁ ପାଇଥିବା ଋଣ ଠାରୁ ବି କ୍ଷତି ଅଧିକ

■ କେବଳ ଋଣ ବାବଦ ବର୍ଷକୁ ଶୁଝିବ ୪ ବିଲିୟନ ଡଲାର

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଆମେରିକା ଠାରୁ ଚୀନ୍, ବିଶ୍ୱବ୍ୟାଙ୍କ ଠାରୁ ଆରମ୍ଭ କରି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମଏଫ) ପର୍ଯ୍ୟନ୍ତ ବହୁ ଆନ୍ତର୍ଜାତିକ ସଂସ୍ଥା ଠାରୁ ଋଣ କରି ପାକିସ୍ତାନ ଏବେ ଋଣଯନ୍ତାରେ ଫଶିଛି। ପାକିସ୍ତାନର ଆର୍ଥିକ ସ୍ଥିତି ଏଭଳି ରହିଛି ଯେ, ଏଠାକାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡ ଉପରେ ୩.୫ ଲକ୍ଷ ଟଙ୍କା(ପାକ୍)ର ଋଣବୋଝ ରହିଛି। କିନ୍ତୁ ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ବିନା ଋଣରେ ତିଷ୍ଠିବା ସମ୍ଭବ ନୁହେଁ। ଯେଉଁଥିପାଇଁ ମାତ୍ର ଗୋଟିଏ ବିଲିୟନ ଡଲାର ଋଣ ପାଇଁ ପାକିସ୍ତାନ ନେତାଙ୍କୁ ୧୦ଥର ଆଇଏମଏଫର ଦ୍ୱାରସ୍ଥ ହେବାକୁ ପଡ଼ିଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଭାରତ ସହ ମାତ୍ର ତିନି ଦିନରେ ପାକିସ୍ତାନର କ୍ଷତି ଅନ୍ୟୂନ ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆନ୍ତର୍ଜାତିକ ସ୍ତରରେ ଆକଳନ କରାଯାଇଥିଲା ବେଳେ ଏହା ବୋଝ ଉପରେ ନଳିତାବଡ଼ା ପରି ହୋଇଛି। ଭାରତ ସହ ପାକିସ୍ତାନର ଉତ୍ତେଜନା ବଢିବା ଭିତରେ ଆଇଏମଏଫ ପକ୍ଷରୁ ପାକିସ୍ତାନକୁ ୨.୩ ବିଲିୟନ ଡଲାର ଋଣ ମଞ୍ଜୁର କରାଯାଇଥିଲା। କିନ୍ତୁ ଯୁଦ୍ଧ ପ୍ରସ୍ତୁତି ଏବଂ ଭାରତ ସହ ତିନି ଦିନର ଯୁଦ୍ଧ ଖର୍ଚ୍ଚ ସହିତ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ଯେଉଁ କ୍ଷତି ହୋଇଛି ତାହା ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆକଳନ କରାଯାଇଛି। ଫଳରେ ପାକିସ୍ତାନ ଆଇଏମଏଫରୁ ଯେତିକି ଅର୍ଥ ଋଣ ଆକାରରେ ପାଇଥିଲା ତା'ଠୁ ଅଧିକ ପରିମାଣର କ୍ଷତି ଏହି ଯୁଦ୍ଧରେ ସହିବାକୁ ପଡ଼ିଛି। ଆନ୍ତର୍ଜାତିକ ସ୍ତରରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ୪ଟି ଏଫ-୧୬ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଗୋଟିଏ ଏଫ-୧୬ ବିମାନ ମୂଲ୍ୟ ପ୍ରାୟ ୮୭ ନିୟୁତ ଡଲାର ରହିଥିଲା ବେଳେ ଏବାବଦରେ ମୋଟ କ୍ଷତି ୩୫୦ ନିୟୁତ ଡଲାର ରହିଛି। ଗୋଟିଏ ସି-୧୩୦ ହର୍କ୍ୟୁଲେସ୍ ବିମାନ ନଷ୍ଟ ହୋଇଥିଲା ବେଳେ ଏହାର ମୂଲ୍ୟ ୪୦ ନିୟୁତ ଡଲାର ରହିଛି। ସେହିପରି ଏଚକ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ ଏବଂ ଦୁଇଟି ମୋବାଇଲ କମାଣ୍ଡ ସେଣ୍ଟର ନଷ୍ଟ ହେବା ଦ୍ୱାରା ଏଥିପାଇଁ ମଧ୍ୟ ଅନ୍ୟୂନ ୨୧୦ ନିୟୁତ ଡଲାର କ୍ଷତି ହୋଇଛି। ପାକିସ୍ତାନର ଆୱାକସ୍ ବିମାନକୁ ନଷ୍ଟ କରି ଦିଆଯାଇଥିଲା ବେଳେ ଏଥିପାଇଁ ମଧ୍ୟ ୧୦୦ ନିୟୁତ ଡଲାରର କ୍ଷତି ହୋଇଛି। ଫଳରେ କେବଳ 'ଗ୍ରାଉଣ୍ଡ ଲସ୍' ବାବଦରେ ପାକିସ୍ତାନକୁ ୭୦୦ ନିୟୁତ ଡଲାରରୁ ଅଧିକ କ୍ଷତି ସହିବାକୁ ପଡ଼ିଛି।

ଅନ୍ୟପକ୍ଷରେ 'ଅପରେସନାଲ ରେଡିନେସ୍'(ପ୍ରସ୍ତୁତି) ଏବଂ ୨୯ ଦିନ ପାଇଁ ' କମ୍ବାଟ୍ ଏୟାର ପାଟ୍ରୋଲିଂ ଓ ଷ୍ଟ୍ରାଇକ୍' ବାବଦ ଖର୍ଚ୍ଚ ୭୨୫ ନିୟୁତ ଡଲାର ରହିଥିଲା ବେଳେ



ଡ୍ରୋନ ଏବଂ ମିସାଇଲ ବାବଦ ଖର୍ଚ୍ଚ ୪୫୦ ନିୟୁତ ଡଲାର ରହିଥିବା କୁହାଯାଉଛି। ସୀମାରେ ସେନା ମୁତୟନ ( ବର୍ଡର ମୋବିଲାଇଜେସନ) ବ୍ୟୟ ମଧ୍ୟ ୪୩୫ ନିୟୁତ ଡଲାର ରହିଛି। ଅପରେସନ ସିନ୍ଦୂରରେ ପାକିସ୍ତାନର ୧୦ରୁ ଅଧିକ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି। ତେବେ ଏହାମଧ୍ୟରୁ ସର୍ଗୋଧା ଏବଂ ନୂର ଖାନ୍ ଭଳି ଦୁଇ ପ୍ରମୁଖ ବାୟୁସେନା ଘାଟିରେ ଯେଉଁଭଳି କ୍ଷତି ଘଟିଛି ତାହାକୁ ମରାମତି କରିବାକୁ ହେଲେ ପ୍ରାୟ ୨୫୦ ନିୟୁତ ଡଲାର ବ୍ୟୟ ହେବ ବୋଲି କୁହାଯାଇଛି। ତେଣୁ ଏସବୁକୁ ମିଶାଇଲେ ପ୍ରାୟ ମାସକର ପ୍ରସ୍ତୁତି ଏବଂ ୩ ଦିନର ଯୁଦ୍ଧ ପାଇଁ ପାକିସ୍ତାନକୁ ପାଖାପାଖି ୨.୫ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି ବୋଲି କୁହାଯାଇଛି। ପାକିସ୍ତାନର ସାଂପ୍ରତିକ ଋଣ ଭାର ଯେତିକି ରହିଛି ତଦ୍ୱାରା ବର୍ଷକୁ ୪ ବିଲିୟନ ଡଲାର ପରିଶୋଧ କରିବାକୁ ପଡ଼ିବ। ଏଭଳି ସ୍ଥିତିରେ ଏହି ପରିମାଣର କ୍ଷତି ପାକିସ୍ତାନ ଆର୍ଥିକ ସ୍ଥିତିକୁ ଆହୁରି ଜଟିଳ କରିବ। ଏହାବ୍ୟତୀତ ଭାରତ ଯଦି ଏଫଏଟିଏଫ୍ ଏବଂ ଆନ୍ତର୍ଜାତିକ ସହାୟତା ବନ୍ଦ ପାଇଁ ଅଭିଯାନ ଚଳାଏ ତେବେ ପାକିସ୍ତାନକୁ ଆହୁରି ଉତ୍କଟ ସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି କୁହାଯାଇଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 42 ◆ISSUE-325 ◆BHUBANESWAR ◆SATURDAY ◆24 MAY 2025 ◆PAGE-12 ◆₹ 6.00
BHUBANESWAR
◆ବର୍ଷ-୪୨ ◆ସଂଖ୍ୟା-୩୨୫ ◆ଭୁବନେଶ୍ୱର ◆ଶନିବାର ◆୨୪ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ସାରା ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା

**୨୭ରେ ଲଘୁଚାପ, ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା**

**ଭୁବନେଶ୍ୱର, ୨୩।୫ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଉଭୟ ଆରବ ସାଗର ଓ ବଙ୍ଗୋପସାଗର ପଟୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ହେତୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଗତ ୨ରୁ୩ ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିବା ସହ ଝିପି ଝିପି ବର୍ଷା ଲାଗି ରହିଛି। ଗୁରୁବାର ରାତିରେ ରାଜ୍ୟର ପ୍ରାୟ ୧୭ଟି ସ୍ଥାନରେ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ଗଜପତି ଜିଲ୍ଲାର ଗୁମ୍ମା ଠାରେ ସର୍ବାଧିକ ୧୩୦ ମିମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଚମ୍ପୁଆରେ ୧୦୬ ମିମି., ସେମିଳିଗୁଡ଼ାରେ ୧୦୫ ମିମି., କୋମନାରେ ୧୦୦ ମିମି. ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି। ଅନ୍ୟପଟେ ଆସନ୍ତା ୨ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବାର ସମ୍ଭାବନା ରହିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ରେ କେରଳ ଛୁଇଁବା ପରେ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ▶ପୃଷ୍ଠା-୭

## ଭାରତକୁ ପାକ୍ ଜେନେରାଲ ଅହମ୍ମଦ ସରିଫଙ୍କ ଧମକ

# ପାଣି ବନ୍ଦକଲେ ନିଶ୍ୱାସ ବନ୍ଦ କରିଦେବୁ

**ଇସଲାମାବାଦ, ୨୩।୫ (ଏଜେନ୍ସି):** ଅପରେସନ ସିନ୍ଦୂରକୁ ମାତ୍ର ୧୦ରୁ ୧୨ ଦିନ ବିତିଥିବା ଏବଂ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚାଲିଥିବା ବେଳେ ପାକିସ୍ତାନ ସେନା ପ୍ରବକ୍ତା ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ ଭାରତକୁ ପୁଣି ଧମକ ଦେବା ଆରମ୍ଭ କରିଛନ୍ତି। ଭାରତ ଯଦି ପାକିସ୍ତାନ ପାଣି ନ ଛାଡେ ତେବେ ପାକିସ୍ତାନ ଭାରତବାସୀଙ୍କୁ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରିଦେବ ବୋଲି ସେ ଧମକ ଦେଇଛନ୍ତି।

ପାକିସ୍ତାନର ଏକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ସମ୍ବୋଧିତ କରି ସେ ଏହା କହିଛନ୍ତି। କିନ୍ତୁ ତାଙ୍କର ଏଭଳି ଧମକ ନିକଟରେ ଲସ୍କର-ଏ-ତୋଏବା ଆତଙ୍କବାଦୀ ସଂଗଠନ ମୁଖ୍ୟ ହାଫିଜ୍ ସୟିଦ ଦେଇଥିବା ବୟାନ ସହିତ ତାଳ ଖାଉଥିବାରୁ ଜେନେରାଲ ଚୌଧୁରୀଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯିବା ଆରମ୍ଭ ହୋଇଛି। ଭାରତ ସିନ୍ଧୁ ଜଳ ପାକିସ୍ତାନକୁ ବନ୍ଦ କରିବା ପରେ ହାଫିଜ୍ ସୟିଦ ଭାରତକୁ ଧମକ ଦେଇ ପାକିସ୍ତାନ ଭାରତୀୟଙ୍କ ନିଶ୍ୱାସ ବନ୍ଦ କରିଦେବ ଏବଂ ସିନ୍ଧୁ ନଦୀରେ ରକ୍ତ ବୋହିବ ବୋଲି କହିଥିଲା। ଏବେ ଜେନେରାଲ ଚୌଧୁରୀ ସେହି କଥା ଅବିକଳ ଦୋହରାଇଛନ୍ତି। ଏହାଦ୍ୱାରା ପାକିସ୍ତାନ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ କିଭଳି ସମନ୍ୱୟ ରହିଛି ତାହା ପୁଣିଥରେ ପ୍ରମାଣିତ ହୋଇଛି।




ଆଫଗାନିସ୍ତାନର ଜଣେ ପୂର୍ବତନ ସାଂସଦ ମରିୟନ ସୋଲାଇମନଖିଲ ଜେନେରାଲ ଚୌଧୁରୀଙ୍କ ବୟାନକୁ ନିନ୍ଦା କରିବା ସହିତ ସେନା ନେତୃତ୍ୱ ନେଉଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ମୁହଁରେ ଏଭଳି କଥା ଶୋଭା ପାଏନି ବୋଲି କହିଛନ୍ତି। ତାଙ୍କର ବୟାନ ଜଣେ ଆତଙ୍କବାଦୀର ବୟାନ ସହିତ ମେଳ ଖାଇବା ଆଦୌ ସମୀଚିନ ନୁହେଁ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରକୁ ନେଇ ପାକିସ୍ତାନର ବିଫଳତା ସେଠାକାର ସେନାଧିକାରୀଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥିବାରୁ ଏବେ ଜଣକ ପରେ ଜଣେ ଏଭଳି ବୟାନ ଜାରି କରିବାରେ ଲାଗିଛନ୍ତି ବୋଲି ମଧ୍ୟ ବିଭିନ୍ନ ସ୍ତରରେ ଆଲୋଚିତ ହେଉଛି।

## ରୁଷିଆ ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

# ମସ୍କୋ ଆକାଶରେ ୪୫ ମିନିଟ୍ ଚକ୍କର କାଟିଲା ଭାରତୀୟ ସାଂସଦଙ୍କ ବିମାନ

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** 'ଅପରେସନ ସିନ୍ଦୂର ଆଉଟ୍‌ରିଚ୍' କାର୍ଯ୍ୟକ୍ରମରେ ଡିଏମକେ ସାଂସଦ କାନିମୋଝିଙ୍କ ନେତୃତ୍ୱରେ ଏକ ୬ ଜଣିଆ ସାଂସଦ ପ୍ରତିନିଧି ଦଳ ଗୁରୁବାର ରାତିରେ ରୁଷିଆରେ ପହଞ୍ଚିଛନ୍ତି। ସେମାନେ ଡୋମଡିଡୋଭୋ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ସେମାନଙ୍କୁ ସ୍ୱାଗତ କରିଥିଲେ। ହେଲେ ଏହି ବିମାନଟି ଡ୍ରୋନ ଆକ୍ରମଣ ଯୋଗୁଁ ବହୁ ସମୟ ଧରି ମଝି ଆକାଶରେ ଫସି ରହିଥିଲା। ମସ୍କୋକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ଡ୍ରୋନ ଆକ୍ରମଣ କରାଯାଇଥିଲା ବେଳେ ଭାରତୀୟ ବିମାନ ଅବତରଣ ପାଇଁ ସମସ୍ୟା ଉପୁଜିଥିଲା। ଯାହାକୁ ନେଇ ବିମାନଟି ମସ୍କୋ ଆକାଶରେ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ଘୁରି ବୁଲିଥିଲା। ପରେ ସବୁଜ ସଙ୍କେତ ମିଳିବା ପରେ ବିମାନଟି ଅବତରଣ କରିଥିଲା। ବିମାନଟି ମସ୍କୋ ଆକାଶରେ ଅବତରଣ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଏହି ସମୟରେ ୟୁକ୍ରେନର ଡ୍ରୋନ ମାଡ଼ ଏବଂ ଅବତରଣ ପାଇଁ ଉପୁଜିଥିବା ସମସ୍ୟା ସମ୍ପର୍କରେ କାନିମୋଝି ସୂଚନା ଦେଇଛନ୍ତି। ପୂର୍ବରୁ ରୁଷ ରାଷ୍ଟ୍ରପତି ପୁତିନ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଆଲୋଚନା ସମୟରେ କହିଥିଲେ ଯେ ଯେତେବେଳେ ଅନ୍ୟ ଦେଶର ସରକାରୀ ପ୍ରତିନିଧିମଣ୍ଡଳୀ ରୁଷିଆ ଆସିଥାଆନ୍ତି ସେତେବେଳେ ୟୁକ୍ରେନ ମସ୍କୋ ▶ପୃଷ୍ଠା-୭

# ଦୁଇଘଣ୍ଟାର ଛୁଆକୁ ପର ହାତକୁ ଟେକିଦେଲା ମା'

**ଦାରିଦ୍ର୍ୟର ତାଡ଼ନା**
**ଉଦ୍ଧାର କଲା ଜିଲ୍ଲା ଶିଶୁ ସୁରକ୍ଷା କମିଟି**

**ମାଥିଲି, ୨୩।୫ (ସମିସ):** ମାତ୍ର ଟଙ୍କା କେଇଟା ପାଇଁ ଦୁଇ ଘଣ୍ଟାର ଏକ ନବଜାତ ଶିଶୁପୁତ୍ରକୁ ପରହାତକୁ ଟେକିଦେଲା ମା'। ଆଖିରେ ଆଖିଏ ଲୁହ, ଛାତିରେ ଛାତିଏ କୋହ ଫୁଟି ଆସୁଥିଲେ ହେଁ ବାକି ୨ ଛୁଆଙ୍କ ପାଟିରେ ଦାନା ଦେବା ପାଇଁ ଛାତିକୁ ପଥର କରି ଏ ଚରମ ପଦକ୍ଷେପ ନେଇଥିଲା ମା'। କିନ୍ତୁ ସୌଭାଗ୍ୟକୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ଉକ୍ତ ଶିଶୁକୁ ଉଦ୍ଧାର କରିଛି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସଦର ମହକୁମାସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଘଟିଥିବା ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ସୂଚନାନୁଯାୟୀ, ଖଇରପୁଟ ବ୍ଲକ୍ ଅନ୍ତର୍ଗତ ଦୁମାଲିଗୁଡ଼ା ଗାଁର ସବିତା ବଟେଙ୍କ ପୂର୍ବରୁ ଦୁଇଟି କନ୍ୟା ସନ୍ତାନ ଥିବା ବେଳେ ଗତକାଲି ସକାଳ ୬ଟାରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଗର୍ଭବତୀ ହେବା ପରେ ମାଥିଲି ଥାନା ନିକଟରେ ଜଣେ ସମ୍ପର୍କୀୟଙ୍କ ଘରେ ଆସି ତିନି ମାସ ରହିଥିଲେ ସବିତା। ଗତକାଲି ସକାଳ ୬ଟାରେ ସେଠାରେ ହିଁ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରୁନଥିବା ବେଳେ ତିନି ସନ୍ତାନକୁ କେମିତି ପାଳିବେ ଭାବି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ମା' ▶ପୃଷ୍ଠା-୭

# ଅନୁଜ କୁମାର ଦାସ ପଟ୍ଟନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

**ଭୁବନେଶ୍ୱର, ୨୩।୫ (ସମିସ):** ରାଜ୍ୟ ସରକାର ଶୁକ୍ରବାର ଓଏଏସ୍‌ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଧିକାରୀ ଅନୁଜ କୁମାର ଦାସ ପଟ୍ଟନାୟକ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ପିଏମ୍ ପୋଷଣ ଓ ଏମ୍‌ଏମ୍ ପୋଷଣ ରାଜ୍ୟ ଯୋଜନାର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ▶ପୃଷ୍ଠା-୭

## ଦିନକରେ ଦୁଇ ଥର ବସିଲା କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ

# ଅସନ୍ତୁଷ୍ଟ ନେତାଙ୍କ ମାନଭଞ୍ଜନ

**ନିରଞ୍ଜନ, ପ୍ରସାଦ ଦୁଇ କମିଟିର ଅଧ୍ୟକ୍ଷ ନିଯୁକ୍ତ**

**ଭୁବନେଶ୍ୱର, ୨୩।୫ (ସମିସ):** ଗତକାଲି ଅହୋରାତ୍ର ଧାରଣାରେ ବରିଷ୍ଠ ନେତାଙ୍କ ଅନୁପସ୍ଥିତିକୁ ନେଇ ଘନୀଭୂତ ବିବାଦ କଂଗ୍ରେସରେ ସୃଷ୍ଟି ହୋଇଛି କମ୍ପନ। ଏହାର ନକରାତ୍ମକ ବାର୍ତ୍ତା ଏତେ ତୀବ୍ର ଥିଲା ଯେ ତୁରନ୍ତ ଦଳର ରାଜନୈତିକ କମିଟି ବୈଠକ ଆହ୍ୱାନ ହୋଇଛି। ଗୋଟିଏ ଦିନରେ ଦୁଇ ଦୁଇଥର ବୈଠକ ଡ଼କାଯାଇ ଦଳୀୟ ସମସ୍ୟାର ସମାଧାନ ଓ ବରିଷ୍ଠ ନେତାମାନଙ୍କ ମାନଭଞ୍ଜନ କରାଯାଇଛି। ଦଳର ଦୁଇ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କୁ ଦୁଇଟି କମିଟିର ଅଧ୍ୟକ୍ଷ କରାଯାଇ ଦଳୀୟ ଫାଟରେ କାଦୁଅ ଲେସିଛନ୍ତି ପିସିସି ସଭାପତି ଭକ୍ତଚରଣ।

ସାମାଜିକ ନ୍ୟାୟ ପ୍ରସଙ୍ଗରେ ପିସିସି ସଭାପତିଙ୍କ ଡାକରା ଆୟୋଜିତ ଅହୋରାତ୍ର ଧାରଣା ସ୍ଥଳକୁ ଅନେକ ହେଭିୱେଟ୍ ନ ଆସିବା ଦଳରେ ଯେଉଁ ବିବାଦ ସୃଷ୍ଟି କରିଥିଲା, ତାହାକୁ ସମାଧାନ କରାଯାଇଛି ବୋଲି କୁହାଯାଉଛି। ଗୁରୁବାର ଧାରଣାସ୍ଥଳକୁ ଆସି ନ ଥିବା ନେତାମାନେ ଶୁକ୍ରବାର ସକାଳେ କଂଗ୍ରେସ ଭବନରେ ଆୟୋଜିତ ▶ପୃଷ୍ଠା-୭






୨୩/୫/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୦,୧୭୬/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୩୬.୧୦୦ ଗ୍ରାମ୍



ରଥଖଳାରୁ...

## ବଳକା ୭ ଚକ ନିର୍ମାଣ ଜାରି



ପୁରୀ, ୨୩।୫(ସମିସ): ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ରଥଖଳାରେ ଆଗେଇ ଚାଲିଛି ତିନିରଥ ନିର୍ମାଣ। ଭଉଁରୀରେ ଚକଡେରା ନୀତି ସମ୍ପନ୍ନ ପରେ ଏବେ ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମହାରଣା ସେବକ ଲାଗି ପଡ଼ିଛନ୍ତି। ତିନିରଥର ୪୨ ଚକ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୩୫ଟି ଚକ ନିର୍ମାଣ ଶେଷ ହୋଇଛି। ନନ୍ଦିଘୋଷ ଏବଂ ଦେବଦଳନ ରଥର ୨ଟି ଲେଖାଏଁ ଚକ ନିର୍ମାଣ ଜାରି ରହିଥିବା ବେଳେ ତାଳଧ୍ୱଜର ୩ଟି ଚକ କାମ ଚାଲିଛି। କଟକ କରତକଳରୁ ଆଜି ପହି ଆସି ରଥଖଳାରେ ପହଞ୍ଚିଛି। ସେହିପରି ରଥ ଅମିନଙ୍କ ପରାମର୍ଶକ୍ରମେ ଭୋଇ ସେବକମାନେ ପ୍ରତ୍ୟେକ ରଥ ପାଇଁ ଦଣ୍ଡା କାଠ ଏବଂ ଅଖ କାଠ ଯୋଗାଇ ଦେଇଥିଲେ। ତାହାକୁ ସାଇଜ୍ କରୁଛନ୍ତି ମହାରଣା ସେବକ। ତିନିରଥର ମୁହାଁଟ, ନିରାଡ଼ି, ଖମ୍ବି, ଓରା ନିର୍ମାଣ ଚାଲିଛି। ପ୍ରତ୍ୟେକ ରଥର ୧୨ଟି ଲେଖାଏଁ ଭୂଇଁ ଚଉତା କାଠର ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଯୋକା ନିର୍ମାଣ ଜାରି ରହିଛି। ଶୁକ୍ରବାର ସୁଦ୍ଧା ପ୍ରତ୍ୟେକ ରଥର ୧୦ଟି ଲେଖାଏଁ ଯୋକା ନିର୍ମାଣ ଶେଷ ହୋଇଛି। ଏଥିପାଇଁ ପ୍ରତି ରଥ ଚାଳିକୁ ୪ଟି ଲେଖାଏଁ ୧୨ ଫୁଟିଆ ଧଉରା କାଠ ଦିଆଯାଇଥିଲା। ଏହାକୁ ଚଉପଟ କରୁଛନ୍ତି ମହରଣା ସେବକ। ସେହିପରି ତିନିରଥର ରୂପକାର ସେବକମାନେ କୋଣଗୁଜଗୁଡ଼ିକରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କରୁଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ତିନିରଥର ଦଣ୍ଡା ବିଡ଼ିଆ କଣ୍ଟା ତିଆରି କରୁଛନ୍ତି।

ଗୋଟିଏ ସ୍ଥାନକୁ ଉଠିଯିବ ୧୯ ମଠ

# ମଠ ମହନ୍ତଙ୍କ ବିରୋଧ

ପୁରୀ, ୨୩।୫(ସମିସ): ଗୋଟିଏ ସ୍ଥାନରେ ରହିବ ୧୯ଟି ମଠର ବିଜେସ୍ଥଳୀ। ପରିକ୍ରମା ପ୍ରକଳ୍ପ ମଧ୍ୟରେ ଐଶ୍ୱର୍ଯ୍ୟର ଛାପ ଦିଆଯାଇଥିବା ଐତିହ୍ୟ ମଠକୁ ସମ୍ପୂର୍ଣ୍ଣ ଭାବେ ମୂଳ ପୀଠରୁ ଉଠାଇ ନିଆଯିବ। ଏଥିପାଇଁ ଜାଗା ଚିହ୍ନଟ ହୋଇଥିବା ବେଳେ ଦେବୋତ୍ତର କମିଶନରଙ୍କ ସହ ଆଲୋଚନା ବି ସରିଛି। ଶୁକ୍ରବାର ଗଣମାଧ୍ୟମକୁ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କିନ୍ତୁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି ମଠ ମହନ୍ତ। ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି, ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ୧୯ ମଠର ମୂଳ ପୀଠ ବା ବିଜେସ୍ଥଳୀକୁ ଗୋଟିଏ ଜାଗାକୁ ଉଠାଇ ନିଆଯିବାକୁ ଆମେ ବିରୋଧ କରୁଛୁ। ଦରକାର ପଡ଼ିଲେ, ଆମେ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଏଭଳି ନିଷ୍ପତ୍ତି ବିରୋଧରେ ଫେରାଦ ହେବୁ।

ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବେଶ୍ ସମୃଦ୍ଧ। ଓଡ଼ିଶାର ଧାର୍ମିକ ଇତିହାସରେ ପୁରୀର ମଠ ସଂସ୍କୃତି ଏକ କାଳଜୟୀ ଅଧ୍ୟାୟ। ଶ୍ରୀମନ୍ଦିରର ସେବା ପରମ୍ପରା ଓ ପ୍ରଚାର ପ୍ରସାର ମଠ ବିନା ପରିକଳ୍ପନା କରାଯାଇ ନପାରେ। ବିଭିନ୍ନ ମଠ ଶ୍ରୀଜଗନ୍ନାଥଙ୍କ ଉପାସନା, ଯାନିଯାତ୍ରା, ଭୋଗ ଓ ବେଶ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି, ଯାହା ଏବେ ବି ଜାରି ରହିଛି। ତେଣୁ ପରିକ୍ରମା ପ୍ରକଳ୍ପ ପରିସରରେ ଥିବା ୧୯ଟି ମଠର ବ୍ୟବସାୟିକ କୋଠାକୁ ଭାଙ୍ଗି ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖିଥିଲେ ବିଜେଡି ସରକାର। ପରବର୍ତ୍ତୀ ସମୟରେ ଏହି ମଠଗୁଡ଼ିକର ପୁନରୁଦ୍ଧାର ନିଷ୍ପତ୍ତି ନିଆଯାଇଥିଲା।

● ବିଜେସ୍ଥଳୀ ସ୍ଥାନାନ୍ତର ନ ହେଉ, ଅନ୍ୟ ଜାଗାରେ ନୂଆ ମଠ କରାଯାଉ

ଖ୍ୟାତନାମା ଶିଳ୍ପୀ ଭବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ସଂଲଗ୍ନ ମଠ ଓ ମନ୍ଦିରକୁ ଦିଆଯାଇଥିଲା ନୂଆ ରୂପ। କଳିଙ୍ଗ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକୁ ଅତୁଟ ରଖି ସମସ୍ତ ମଠକୁ ଖଣ୍ଡେଲାଇଟ୍ ପଥର ଭାସ୍କର୍ଯ୍ୟ ବିମଣ୍ଡିତ କରାଯାଇଛି। ପ୍ରତ୍ୟେକ ମଠରେ ରହିଛି ତୋରଣ, ମଗର ଓ ଖମ୍ବ। ସମସ୍ତ ମଠକୁ ୟୁନିଫର୍ମ ଅର୍ଥାତ୍ ସମାନ ପ୍ରକାରର ଛାପ ଦିଆଯାଇଛି। ଜରାଜୀର୍ଣ୍ଣ ମଠ ପାଇଛି ନୂଆରୂପ। ଫଳରେ ଏମାର ମଠ, ଉତ୍ତରପାର୍ଶ୍ୱ ମଠ, ଦକ୍ଷିଣ ପାର୍ଶ୍ୱ ମଠ, ଛାଉଣୀ ମଠ, ରାଘବଦାସ ମଠ, ପଞ୍ଜାବୀ ମଠ, କୌଶଲ୍ୟା ଦାସ ମଠ, ତ୍ରିମାଳି ମଠ, ରେବେସା ମଠ, ରାମଦୟା ପରିଷଦ, ବଡ଼ ଆଖଡ଼ା ମଠ, ନରସିଂହଚାରୀ ମଠ, ଲଙ୍ଗୁଳି ମଠ, ମଙ୍ଗୁ ମଠ, ଶଙ୍ଖଚକ୍ର ମଠ, କଟକୀ ମଠ ଓ କାକୁଡିଖାଇ ସମେତ ବୁଢୀ ମା' ମନ୍ଦିର, ମା' ଭଗବତୀ ମନ୍ଦିର, ପ୍ରଭୁ ଶ୍ରୀକପାଳମୋଚନ ମହାଦେବଙ୍କ ମନ୍ଦିର ଆଜି ଶ୍ରଦ୍ଧାଳୁଙ୍କ ଆକର୍ଷଣ ସାଜିଛି। ଏବେ ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁମାନେ ମଠଗୁଡ଼ିକୁ ଦେଖି ବେଶ୍ ଖୁସି ହେଉଛନ୍ତି।

ଏଭଳି ସ୍ଥିତିରେ ଏବେ ରାଜ୍ୟ ସରକାର ପରିକ୍ରମା ପ୍ରକଳ୍ପ ପରିସରରେ ଥିବା ୧୯ଟି ମଠକୁ ସେଠାରୁ ହଟାଇ ଗୋଟିଏ ଜାଗାରେ ନୂତନ ଭାବେ ସ୍ଥାପନ କରିବା ଲାଗି ଯୋଜନା କରୁଛନ୍ତି। ଏଥିପାଇଁ ପୁରୀ ସହରରେ ଜାଗା ମଧ୍ୟ ଚିହ୍ନଟ ସରିଛି। ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ରହିଲେ ଭକ୍ତମାନଙ୍କୁ ଦର୍ଶନ ଏବଂ ସେବା ପୂଜା ପାଇଁ ସୁବିଧା ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କିନ୍ତୁ କେଉଁ ଜାଗାରେ ଏହି ମଠଗୁଡ଼ିକ କରାଯିବ, ତାହାର ସ୍ୱଷ୍ଟତା ଆସିନାହିଁ। ବର୍ତ୍ତମାନ ଶ୍ରୀମନ୍ଦିରକୁ ଆସିଲେ ସହଜରେ ମଠଗୁଡ଼ିକ ବୁଲି ଦେଖି ପାରୁଛନ୍ତି ଶ୍ରଦ୍ଧାଳୁ। ହେଲେ ଚିହ୍ନଟ ଜାଗା ଶ୍ରୀମନ୍ଦିରଠାରୁ କେତେ ଦୂରରେ ଅବସ୍ଥିତ, ସେଠାକୁ ଭକ୍ତମାନଙ୍କ ଯିବାଆସିବା ସହଜ ହେବ ତ? ଏମିତି ଅନେକ ପ୍ରଶ୍ନ ଏବେ ମୁଣ୍ଡ ଟେକିଛି।

ଅନ୍ୟପକ୍ଷରେ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ। ସେ କହିଛନ୍ତି, ସରକାରଙ୍କ ସହିତ ଆଲୋଚନା ବେଳେ ଆମକୁ ବିଜେସ୍ଥଳୀ ଉଠାଇ ନିଆଯିବ ବୋଲି କୁହାଯାଇ ନ ଥିଲା। ବିଜେସ୍ଥଳୀ ଯେଉଁଠାରେ ଅଛି ସେହିଠାରେ ରହିବ। ଅନ୍ୟ ଏକ ଜାଗାରେ ପରିକ୍ରମା ପ୍ରକଳ୍ପ ପରିସର ୧୯ ମଠର ସନ୍ଥ ଭବନ, ବିଦ୍ୟାର୍ଥୀ ଭବନ ଆଦି କରାଯିବ ବୋଲି କୁହାଯାଇଥିଲା। ଆମେ ଏହାକୁ ସ୍ୱାଗତ କରିଥିଲୁ। ହେଲେ ଏବେ ବିଜେସ୍ଥଳୀ ଗୋଟିଏ ଜାଗାକୁ ଉଠାଇ ନିଆଯିବ ଯାହା କୁହାଯାଉଛି ତାହାକୁ ଆମେ ବିରୋଧ କରୁଛୁ। ପରିକ୍ରମା ପ୍ରକଳ୍ପ ପରିସରରେ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ କରି ପୂର୍ବ ସରକାର ଏହାର ସୌନ୍ଦର୍ଯ୍ୟକରଣ କରିଛନ୍ତି। ଭକ୍ତମାନେ ବି ମଠଗୁଡ଼ିକ ଦର୍ଶନ କରିପାରୁଛନ୍ତି। ହେଲେ ପୁଣି କାହିଁକି ମଠଗୁଡ଼ିକର ବିଜେସ୍ଥଳୀ ଉଠାଇ ନିଆଯିବ ବୋଲି ସେ ପ୍ରଶ୍ନ କରିବା ସହ ଦରକାର ପଡ଼ିଲେ ସେମାନେ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଫେରାଦ ହେବେ ବୋଲି କହିଛନ୍ତି ମହନ୍ତ ନାରାୟଣ ରାମାନୁଜ ଦାସ।

## କୋରେକ୍ସ ବିକି ଜଣେ ଗିରଫ

ପୁରୀ,୨୩।୫(ସମିସ): ଘରେ କୋରେକ୍ସ ବିକ୍ରି ଅଭିଯୋଗରେ ଟାଉନ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ, ହରଚଣ୍ଡୀ ସାହି ଶ୍ୟାମ ସୁନ୍ଦର ଲେନ୍ ଡିପ ଜାଗାର ସାଗର କୁମାର ମଲ୍ଲିକ। ତା'ଠାରୁ ପୁଲିସ ୨୫ ବୋତଲ କୋରେକ୍ସ ଓ ୨,୫୫୦ ଟଙ୍କା ଜବତ କରିଛି। ଅଭିଯୋଗ ଅନୁଯାୟୀ, ସାଗର ନିଜ ଘରେ ବେଆଇନ ଭାବେ ଅଧିକ ଦରରେ କୋରେକ୍ସ ବିକ୍ରି କରୁଥିଲା। ଖବର ପାଇ ପୁଲିସ ତା' ଘରେ ଚଢ଼ଉ କରିଥିଲା। ସାଗରକୁ କାବୁ କରିବା ସହ କୋରେକ୍ସ ଏବଂ ଟଙ୍କା ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ( ନଂ.୨୦୧/୨୫) ରୁଜୁ ପରେ ତାକୁ କୋର୍ଟଚାଲାଣ କରିଛି ପୁଲିସ୍।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଏଏସ୍ଆଇ ଡିଜି



ପୁରୀ, ୨୩।୫(ସମିସ): ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ଏଏସ୍ଆଇ ଡିଜି ଯଦୁବୀର ସିଂହ ରାଓ୍ୱତ୍। ଶୁକ୍ରବାର ସନ୍ଧ୍ୟାରେ ଏଏସ୍ଆଇ ଡିଜି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ଆଶିଷ ଲାଭ କରିଛନ୍ତି। ଏଥିସହ ବେଢ଼ା ପରିକ୍ରମା କରି ମା' ବିମଳା, ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିଛନ୍ତି। ତେବେ ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏଏସ୍ଆଇ ଡିଜି କହିଛନ୍ତି, ଦୀର୍ଘ ୪୦ବର୍ଷ ପରେ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ମିଳିଲା। ମହାପ୍ରଭୁଙ୍କ ଦର୍ଶନ ପାଇ ନିଜକୁ ଭାଗ୍ୟବାନ ମନେ କରୁଛି। ଠାକୁରଙ୍କ ଆଶୀର୍ବାଦରୁ ଶ୍ରୀମନ୍ଦିରର ବିଭିନ୍ନ ମରାମତି କାର୍ଯ୍ୟ ଏଏସ୍ଆଇ ପକ୍ଷରୁ କରାଯାଉଛି।

ଖୁବଶୀଘ୍ର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବ। ଆଗକୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଥିବାରୁ ଠାକୁରମାନେ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବା ସମୟରେ ଯେଉଁ ସମୟ ମିଳିବ, ସେହି ସମୟ ମଧ୍ୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରାଯିବ। ସେହିପରି ଅନ୍ୟାନ୍ୟ ଯାହା କିଛି କାର୍ଯ୍ୟ ବାକି ରହିଛି, ତାକୁ ମଧ୍ୟ ଶୀଘ୍ର ଶେଷ କରାଯିବ।

ମହାପ୍ରଭୁଙ୍କ କାର୍ଯ୍ୟ କରିବା ପାଇଁ ଏଏସ୍ଆଇ ସବୁବେଳେ ପ୍ରତିଶ୍ରୁତିବଦ୍ଧ। ସେହିପରି ଶନିବାର କୋଣାର୍କ ଯାଇ ମନ୍ଦିରରୁ ବାଲି କଢ଼ା ସ୍ଥିତିର ସମୀକ୍ଷା କରିବେ ବୋଲି ଡିଜି କହିଛନ୍ତି। ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍ଆଇ ଡିଜିଙ୍କୁ ଠାକୁରଙ୍କ ପତିତପାବନ ପତାକା ପ୍ରଦାନ କରାଯାଇଥିଲା।

ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀ

## ବରିଷ୍ଠ ନାଗରିକ ସମାଜ ପାଇଁ ସମ୍ବଳ




ପୁରୀ,୨୩।୫(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଶୁକ୍ରବାର ପୁରୀ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ବରିଷ୍ଠ ନାଗରିକମାନେ ଅଭିଜ୍ଞତା ଓ ଅନୁଭବ ଦୃଷ୍ଟିରୁ ସମାଜ ପାଇଁ ଜଣେ ଜଣେ ସମ୍ବଳ ଓ ଶକ୍ତି ସଦୃଶ୍ୟ। ସେମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଆଜିର ପିଢୀ ଓ ବୟସ୍କମାନଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି ହେଉଛି। ଏହାକୁ ପ୍ରତିହତ କରି ଆମ ମହାନ ସଂସ୍କୃତି ଓ ପରମ୍ପରା ଆଧାରରେ ବରିଷ୍ଠମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଏବଂ ସମସ୍ତ ସୁବିଧା ସୁଯୋଗ ଦେବାର ବ୍ୟବସ୍ଥା ରହିଛି ବୋଲି ଶ୍ରୀ ଭୋଇ ସୂଚନା ଦେଇଥିଲେ। ଉପଜିଲ୍ଲାପାଳ ରାଜକିଶୋର ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ନିୟମ, ସୁରକ୍ଷା ବ୍ୟବସ୍ଥା, ସମସ୍ୟାର ସମାଧାନ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ।

ବରିଷ୍ଠମାନଙ୍କ ପାରିବାରିକ ସମସ୍ୟାର ଅନେକ ମାମଲା ରହିଛି। ଏହାକୁ ଆପୋଷ ସମାଧାନ କରି ପୁନଃ ଶାନ୍ତି ଓ ସ୍ନେହ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅନିତା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜସେବୀ ସିଦ୍ଧାର୍ଥ ରାୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସୂଚନା ପତ୍ର ଉନ୍ମୋଚନ କରିଥିଲେ। ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ କମିଟି ସଦସ୍ୟମାନଙ୍କ ନାମ ଘୋଷଣା କରାଯିବା ସହିତ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରାରମ୍ଭରେ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ସହ ପ୍ରତ୍ୟେକଙ୍କୁ ଛତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

## ମା' ରାମଚଣ୍ଡୀଙ୍କ ଜଳଶାୟୀ ଉତ୍ସବ

ପୁରୀ,୨୩।୫(ସମିସ): ଦୋଳମଣ୍ଡପ ସାହି ଜେନାରୀ ଗଛସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ଉତ୍ସବ ଶୁକ୍ରବାର ଜଳକ୍ରୀଡ଼ା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ, ଶୀତଳଭୋଗ, ବାଲଭୋଗ ଓ ଶଙ୍ଖୁଡ଼ି ଭୋଗ ବଢିବା ପରେ ମା'ଙ୍କ ଆସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା। ଶିଶିର ଶତପଥୀ, ରଞ୍ଜନ ଦାଶ, ଅକ୍ଷୟ କର, ଯତୀନ୍ଦ୍ର କୁମାର ପାଣିଗ୍ରାହୀ, ତ୍ରିଲୋଚନ ମିଶ୍ର ଓ ସନ୍ତୋଷ ପଣ୍ଡା ପ୍ରମୁଖ ନିକଟସ୍ଥ କୂଅରୁ ଗଡୁରେ ଜଳ ଆଣି ମା'ଙ୍କ ଅସ୍ଥାନ ନିକଟରେ ରଖିଥିଲେ। ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ଜଳରେ ଅଗୁର, ଚନ୍ଦନ, ଚୁଆ, କେସର ଓ ସୁବାସିତ ପୁଷ୍ପ ମିଶ୍ରଣ କରିବା ପରେ ମା'ଙ୍କ ମସ୍ତକରେ ଜଳ ଲାଗି କରାଯାଇଥିଲା। ଏହାପରେ ପଣାଭୋଗ ହୋଇଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ମା' ପାଣିରେ ବୁଡ଼ି ରହିଥିଲେ। ସନ୍ଧ୍ୟାରେ ଅସ୍ଥାନରୁ ଜଳ ନିଷ୍କାସନ କରାଯିବା ପରେ ମାଆଙ୍କୁ ଚନ୍ଦନ ବେଶରେ ସଜିତ କରାଯାଇ ସନ୍ଧ୍ୟା ଆଳତି ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଜଳାଶାୟୀ ଓ ବେଶ ଦର୍ଶନ କରି ମା'ଙ୍କ ଆଶିଷ ଲାଭ କରିଥିଲେ। ରାତିରେ ମା'ଙ୍କୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ କରାଯାଇଥିଲା। ଏହି ଅବସରରେ ମା'ଙ୍କ ମନ୍ଦିରକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜିତ କରାଯାଇଥିଲା। ମା' ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହ ସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧ୍ୟକ୍ଷ ବୁଲୁ ପଡିଆରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ

ପୁରୀ,୨୩।୫(ସମିସ): ଶ୍ରୀମନ୍ଦିରରେ ଶୁକ୍ରବାର ଜଳକ୍ରୀଡ଼ା ଏକାଦଶୀ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳକୁଣ୍ଡରେ ସ୍ନାନ କରିବା ପରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଲାଗି ଏହା ହେଉଛି ପ୍ରଥମ ଜଳକ୍ରୀଡ଼ା।

## ୨୭ରେ ଅଭିଯୋଗ ଶୁଣାଣି

ପୁରୀ,୨୩।୫(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଚଳିତ ମାସ ୨୬ ତାରିଖ ସୋମବାର ପରିବର୍ତ୍ତେ ୨୭ ତାରିଖ ମଙ୍ଗଳବାର ସକାଳ ୭ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ପୂର୍ବରୁ ୨୬ ତାରିଖ ସାବିତ୍ରୀ ଅମାବାସ୍ୟା ପାଇଁ ଛୁଟି ଥିଲା। ତେବେ ସାବିତ୍ରୀ ୨୬ ତାରିଖରେ ପଡୁଥିବାରୁ ୨୬ ତାରିଖ ଛୁଟି ହେବ। ୨୭ ତାରିଖରେ କାର୍ଯ୍ୟାଳୟ ଖୋଲା ରହିବ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ଅବଗତ କରାଇଛନ୍ତି। ଅଭିଯୋଗ ଶୁଣାଣିରେ ଆବେଦନ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ୨୭ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଶ୍ରୀମନ୍ଦିର ସୁରକ୍ଷା ପାଇଁ ବ୍ୟବହାର ହେବ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି

ଭୁବନେଶ୍ୱର,୨୩।୫(ସମିସ): ଶ୍ରୀମନ୍ଦିର ସୁରକ୍ଷାକୁ କଡ଼ାକଡ଼ି କରାଯିବା ସହ ବ୍ୟବହାର ହେବ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି। ଶ୍ରୀମନ୍ଦିର ଉପରେ କିମ୍ବା ଆଖପାଖରେ ଡ୍ରୋନ୍ ଉଡ଼ିଲେ, ଏହାକୁ ଖସାଇଦେବ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି। ଏଥିପାଇଁ ଆବଶ୍ୟକ ଅର୍ଥ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ଓ ଏହାର ଆଖପାଖରେ ଡ୍ରୋନ୍ ଉଡୁଥିବାର ନଜର ଆସେ, ଯାହା ଶ୍ରୀମନ୍ଦିରର ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲଗାଇଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ପୁଲିସ ପ୍ରଶାସନ ସହ ଆଇନ ବିଭାଗ ପକ୍ଷରୁ ଆଲୋଚନା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ରାଜ୍ୟର ଜଗନ୍ନାଥ ମନ୍ଦିରଗୁଡ଼ିକୁ ମିଳିବ ରଥଯାତ୍ରା ପାଇଁ ଆର୍ଥିକ ସହାୟତା

ପରିକ୍ରମା ପ୍ରକଳ୍ପ ଅଞ୍ଚଳରୁ ଉଚ୍ଛେଦ ହୋଇଥିବା ମଠଗୁଡ଼ିକର ପୁନର୍ବାସ କରାଯିବ

ମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ ପ୍ରମୁଖ ସ୍ଥାନରେ ହେଉଥିବା ରଥଯାତ୍ରା ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଦେବୋତ୍ତର ଆୟୋଗଙ୍କ ଅଧୀନରେ ଥିବା ଜଗନ୍ନାଥ ମନ୍ଦିରକୁ ରଥଯାତ୍ରା ପାଇଁ ଆର୍ଥିକ ସହାୟତା ମିଳିବ। ଏଥିସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବେଳେ ପ୍ରଭାବିତ ହୋଇଥିବା ମଠ, ମନ୍ଦିରଗୁଡ଼ିକୁ ପୁନର୍ବାସ କରିବା ପାଇଁ ମଧ୍ୟ ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି। ମୋଟ ୧୯ଟି ମଠର ପୁନଃନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାପନ କରାଯିବ। ଏଥିପାଇଁ ପୁରୀ ସହରରେ ଏକ ଜାଗା ଚିହ୍ନଟ ହୋଇଥିବା ମନ୍ତ୍ରୀ କହିଛନ୍ତି।

# ରଥଯାତ୍ରାରେ ପୁଲିସ୍‌ଙ୍କ ପାଇଁ ହେବ ଅସ୍ଥାୟୀ ଶେଡ୍

### ୯୦ ଲକ୍ଷ ଟଙ୍କା ଖର୍ଚ୍ଚକୁ ନେଇ ଉଠିଲା ପ୍ରଶ୍ନ | ସ୍ଥାୟୀ କୋଠା ନିର୍ମାଣ କରୁନାହାନ୍ତି କାହିଁକି?

ପୁରୀ, ୨୩।୫(ସମିସ)

ପ୍ରତିବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବାହାର ଜିଲ୍ଲାରୁ ପୋଲିସ ଅଧିକାରୀ ଓ କର୍ମଚାରୀ ପୁରୀ ଆସିଥାନ୍ତି। ପ୍ରାୟ ୧୯ ଦିନ ଧରି ସେମାନଙ୍କୁ ରହିବାକୁ ପଡ଼ିଥାଏ। ଅଧିକାରୀମାନେ ବିଭିନ୍ନ ହୋଟେଲରେ ରହୁଥିବା ବେଳେ ଅନ୍ୟ କର୍ମଚାରୀମାନେ ସ୍କୁଲ, କଲେଜ, ବୃନ୍ଦାବତୀ ନିବାସ ଆଦି ଜାଗାରେ ରହିଥା'ନ୍ତି। କିନ୍ତୁ ଚଳିତବର୍ଷ ପ୍ରଥମ କରି ସେମାନେ ରହଣି ନିମନ୍ତେ ୨ଟି ଅସ୍ଥାୟୀ ଫେବ୍ରିକେଟେଡ ଶେଡ୍ କରାଯିବା ଲାଗି ନିଷ୍ପତ୍ତି ନେଇଛନ୍ତି ସରକାର। ଆଉ ଏଥିପାଇଁ ରାଜ୍ୟ ରାଜକୋଷରୁ ୯୦ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ଏହି ଅସ୍ଥାୟୀ ଶେଡ୍ ନିର୍ମାଣ ପାଇଁ ଟେଣ୍ଡର୍ ଡକା ହେବାକୁ ଯାଉଥିବା ବେଳେ ଏହାକୁ ନେଇ ଉଠିଲାଣି ପ୍ରଶ୍ନ। ୯୦ଲକ୍ଷ ଟଙ୍କା ଖର୍ଚ୍ଚ କରି ଅସ୍ଥାୟୀ ଶେଡ୍ ନିର୍ମାଣ କାହିଁକି କରାଯାଉଛି ବୋଲି କହିବା ସହ ସେହି ଅର୍ଥରେ ସରକାରୀ ଜମିରେ ସ୍ଥାୟୀ କୋଠା କାହିଁକି ତିଆରି କରାଯାଉନି ବୋଲି ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ରଥଯାତ୍ରା ହେବ। ତେଣୁ ସ୍ଥାୟୀ କୋଠା ତିଆରି କଲେ, ପ୍ରତିବର୍ଷ ପ୍ରାୟ କୋଟିଏ ଲେଖାଏ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ବୋଲି କହିଛନ୍ତି ଆଇନଜୀବୀ ଦିଲ୍ଲୀପ ବରାଳ।

ପୁରୀ ରଥଯାତ୍ରାକୁ ଲକ୍ଷଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି। ତେଣୁ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଟ୍ରାଫିକ ସୁପରିଚାଳନା ପାଇଁ ହଜାରହଜାର ସଂଖ୍ୟାରେ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ପୁରୀ ଅଣାଯାଇଥାଏ। ଅଧିକାରୀମାନଙ୍କ ପାଇଁ ବିଭିନ୍ନ ହୋଟେଲରେ ରୁମ୍ ନିଆଯାଏ। କର୍ମଚାରୀମାନେ ପୁଲିସ ବାରାକ୍, ଅବକାଶ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହିଥା'ନ୍ତି। ବିଶେଷକରି ସ୍ନାନପୂର୍ଣ୍ଣିମା ଗୋଟିଏ ଦିନ ସରିବା ପରେ ଅଧିକାରୀ ଓ କର୍ମଚାରୀ ପଳାଇ ଯାଆନ୍ତି। ଏହାପରେ ରଥଯାତ୍ରା ଦୁଇ/ତିନିଦିନ ପୂର୍ବରୁ ପୁଣି ଆସି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରୁହନ୍ତି। ଏମିତି ଦେଖିଲେ, ମୋଟ ୧୯ ଦିନ ରହିଥାନ୍ତି ପୁଲିସ୍ ଅଧିକାରୀ ଓ କର୍ମଚାରୀ।

ଏବର୍ଷ ରାଜ୍ୟ ସରକାର ରଥଯାତ୍ରା ପାଇଁ ଆସୁଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ରହଣି ନିମନ୍ତେ ଅସ୍ଥାୟୀ ଫେବ୍ରିକେଟେଡ ଶେଡ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମଙ୍ଗ ପାର୍କର ଦକ୍ଷିଣ ପଟକୁ ୨ଟି ଶେଡ୍ ନିର୍ମାଣ କରାଯିବ। ଏ ବାବଦରେ ପ୍ରାୟ ୮୯ ଲକ୍ଷ ୪୭ ହଜାର ୬୩୫ ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଥିବା ବେଳେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

ଆଇନଜୀବୀ ଶ୍ରୀ ବରାଳ କହିଛନ୍ତି, ପୁରୀ ସହରରେ ଅନେକ ସରକାରୀ ଜମି ରହିଛି। ସେଥିମଧ୍ୟରୁ ଅନେକ ଜମିକୁ ଲୋକେ ମାଡ଼ି ବସିଛନ୍ତି। ସେହିପରି ଏକର ଏକର ମହାପ୍ରଭୁଙ୍କ ଜମି ମଧ୍ୟ ଜବରଦଖଲ କରିନେଇଛନ୍ତି। ଏହି ସବୁ ଜମିକୁ ଖୋଜି ଏକ ବଡ଼ ଜାଗାରେ ଯେଉଁ ୮୯ ଲକ୍ଷ ଟଙ୍କା ଅସ୍ଥାୟୀ ଶେଡ୍ ପାଇଁ ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି, ସେହି ଅର୍ଥରେ କୋଠା ତିଆରି କରାଯାଇପାରନ୍ତା। ଯେହେତୁ ପ୍ରତିବର୍ଷ ରଥଯାତ୍ରା ହେଉଛି, ତେଣୁ ବାହାରୁ ଆସୁଥିବା ପୁଲିସ୍ ଅଧିକାରୀ ଏବଂ କର୍ମଚାରୀଙ୍କ ରହଣି ଚିନ୍ତା ଦୂର ହୋଇପାରନ୍ତା। ତାହା ନକରି, ଏମିତି ପ୍ରତିବର୍ଷ ପ୍ରାୟ କୋଟିଏ ଟଙ୍କାରେ ଅସ୍ଥାୟୀ ଶେଡ୍ କାହିଁକି ନିର୍ମାଣ କରାଯିବ ବୋଲି ଶ୍ରୀ ବରାଳ ପ୍ରଶ୍ନ କରିଛନ୍ତି। ଏହା ପଛରେ ମନ୍ଦ ଉଦ୍ଦେଶ୍ୟର ଗନ୍ଧ ବାରି ହେଉଛି ବୋଲି ସେ କହିଛନ୍ତି।

● ଶ୍ରୀମନ୍ଦିର ବିଦ୍ୟୁତ୍ ଉପକରଣର ହେବ ନବୀକରଣ

## ୨ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବ ଓଆଇଏଲ୍

ପୁରୀ,୨୩।୫(ସମିସ): ଶ୍ରୀମନ୍ଦିରରେ ସମସ୍ତ ବିଦ୍ୟୁତ୍ ଉପକରଣର ହେବ ନବୀକରଣ। ଏଥିପାଇଁ ୨ କୋଟି ୨୨ ଲକ୍ଷ ଟଙ୍କା ଯୋଗାଇଦେବ ଅଏଲ୍ ଇଣ୍ଡିଆ ଲିମିଟେଡ (ଓଆଇଏଲ୍)। ଏ ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ସହ ଏମ୍ଓୟୁ ସ୍ୱାକ୍ଷର କରିଛି ଓଆଇଏଲ୍। ଶ୍ରୀମନ୍ଦିରରେ ସୁରକ୍ଷା ପାଇଁ ଓ ନିରାପତ୍ତା ପାଇଁ ଏହି କାର୍ଯ୍ୟ ନିହାତି ଜରୁରୀ ବୋଲି କହିଛନ୍ତି ଅଏଲ ଇଣ୍ଡିଆ ଅଧିକାରୀ। ଶ୍ରୀମନ୍ଦିର ଭଳି ଲକ୍ଷ ଲକ୍ଷ ଭକ୍ତ ଆସୁଥିବା ସ୍ଥାନରେ ବିଦ୍ୟୁତ୍ ସରଞ୍ଜାମ ପୁରୁଣା ହୋଇଗଲାଣି। କୌଣସି ସମୟରେ ଏଥିରେ ଅଘଟଣ ଘଟିବା ସମ୍ଭାବନା ରହିଛି। ଏପରି କି ସ୍ପାର୍କିଂ ଭଳି ଘଟଣା ମଧ୍ୟ ସାମନାକୁ ଆସିଛି। ତେଣୁ ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀମନ୍ଦିର ଅଏଲ ଇଣ୍ଡିଆ ଯୋଗଦାନ ରାଶି ସହାୟତାରେ କାର୍ଯ୍ୟ କରାଇବ। ଏ ନେଇ ଖୁବ୍‌ଶୀଘ୍ର ଟେଣ୍ଡର ମଧ୍ୟ ହେବ।




SVHSS

# SIDDHI VINAYAK

## HIGHER SECONDARY SCHOOL

### RESIDENTIAL +2 SCIENCE COLLEGE

### PACHHUDIA, JUJHESTIPUR, BALASORE

Above 90%

Permanent Recognized by Govt. of Odisha & Affiliated to CHSE
A Leading Residential +2 Science College with integrated coaching for Medical & Engineering and Excellent Result Since 2010

TOTAL APPEARED - 215

ABOVE 500 MARK 32

1ST DIVISION 204

2ND DIVISION 11

100% Result

CONGRATULATIONS

549 S SATYAPRAGYAN PANIGRAHI R. No.-376AA003

548 PRIYANKA PRADHAN R. No.-376AA122

543 KRISHNA PARHI R. No.-376AA113

542 SHUBHAM KU. PANIGRAHI R. No.-376AA012

541 DEBASHRITA NANDA R. No.-376AA115

540 JIBAN PRADEEP SA R. No.-376AA031

## CHSE RESULT ABOVE 500 MARKS

537 AKANKSHYA BARIK R. No.-376AA120

534 SWATILAGNA PARHI R. No.-376AA146

530 HARABRATA DEY R. No.-376AA018

530 SAI SWARUPA KAR R. No.-376AA123

529 BIDYA DEBARSHI SHIAL R. No.-376AA203

524 TRUPTI RANJAN BEHERA R. No.-376AA032

523 JANMEJAY SATAPATHY R. No.-376AA016

518 SAHIL KUNDU R. No.-376AA051

518 MAYANJIT SAHU R. No.-376AA053

517 CHIRANJEEB BEHERA R. No.-376AA014

515 DEBABRATA BEHERA R. No.-376AA024

515 RAJA BARIK R. No.-376AA214

513 SUBHAM KU. MUNDA R. No.-376AA104

513 SNEHASHREE KAR R. No.-376AA116

510 NIHAR RANJAN DANDAPAT R. No.-376AA009

510 JEEBAN KU. DASH R. No.-376AA034

509 RUDRANARAYAN BHOI R. No.-376AA006

509 SHUBHANKAR SAHOO R. No.-376AA209

508 KAUSHIK KU. MALLICK R. No.-376AA042

508 SHANTANU KU. PANDA R. No.-376AA048

506 TRISHNA PANIGRAHI R. No.-376AA124

506 PRAGYAN P. MALIK R. No.-376AA126

503 DEEPAK KU. MOHANTA R. No.-376AA028

501 BINAY KU. SAHOO R. No.-376AA037

500 KARINAREKHA DHAL R. No.-376AA128

500 STHITI PRAJNA SWAIN R. No.-376AA132

ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପାସହାର ୧୦୦ ଶତକଡ଼ା ହୋଇଛି ।

With Best Complements from : Sumanta Kumar Sahu (Principal), Kabir Kumar Madhual (Chairman), Sudhansu Panda (Secretary), Mousam Kumar Singh (President), all Trustees & Staff.

**Admission going on for the session 2025-26**

For Admission Contact - 9437976583, 9437061219, 7064489000, 7064489001, 7064489005, 7064489015

# ସମ୍ପାଦକୀୟ



କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି।
-ବିଲ୍ ଗେଟ୍ସ

ସକାଳ THE SAKALA

## ମାଞ୍ଜୀକୁ ମାଡ଼

ଗୋଇନ୍ଦା ସୂତ୍ରରୁ ମିଳିଥିବା ଏକ ନିର୍ଭରଯୋଗ୍ୟ ତଥ୍ୟ ନିର୍ଣ୍ଣାୟକ ଚଢ଼ଉ ସକାଶେ ସୁଯୋଗ ସୃଷ୍ଟି କରିଥିଲା। ସିପିଆଇ (ମାଓବାଦୀ) ଓ ପିପୁଲ୍ସ ଲିବରେସନ ଗରିଲା ବାହିନୀର ପଲିଟବ୍ୟୁରୋ ସଦସ୍ୟ ଓ କେନ୍ଦ୍ରୀୟ କମିଟି ନେତା ନକ୍ସଲ ଉପଦ୍ରୁତ ଦାନ୍ତେୱାଡ଼ା, ନାରାୟଣପୁର ଓ ବିଜାପୁର ଜିଲ୍ଲାର ସୀମନ୍ତ ଅଞ୍ଚଳରେ ଏକତ୍ର ହୋଇଥିଲେ। ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଆଞ୍ଚଳିକ କମିଟିର ନୂତନ ସଂପାଦକ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ କରିବା ଥିଲା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୯ରେ ରମାନ୍ନାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିବା ପରଠାରୁ ଏହି ସଚିବ ପଦ ଖାଲି ପଡ଼ିଥିଲା। ନେତୃତ୍ୱ ଅଭାବରୁ ପରିଲକ୍ଷିତ ଶିଥିଳତା ଦୂର କରିବା ସଂଗଠନ ସକାଶେ ଜରୁରୀ ହୋଇପଡ଼ିଥିଲା। ତେବେ ନକ୍ସଲଙ୍କୁ ସଂପୂର୍ଣ୍ଣ ରୂପେ ନିପାତ କରିବା ଲକ୍ଷ୍ୟରେ କ୍ରମାଗତ ସୁଚିନ୍ତିତ ଯୋଜନା ପ୍ରସ୍ତୁତି ଚଳାଉଥିବା ବାହିନୀର ମୁଖ୍ୟ ଅବୁଝମାଡ଼ ଜଙ୍ଗଲକୁ ଚତୁର୍ଦ୍ଦିଗରୁ ଘେରଉ କରିବାକୁ ଡିଆରଜି ଓ ଏସଟିଏଫ୍ ଯବାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅପରେସନ ବ୍ଲାକ ଫରେଷ୍ଟ ଦ୍ୱିତୀୟ ଦଫା ମଧ୍ୟ ସଫଳ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନରେ ସଂଗଠନର ମହାସଚିବ ନାମ୍ବାଲା କେଶବ ରାଓ ଓରଫ ବାସବରାଜୁଙ୍କ ସମେତ ୩୦ ଜଣ ନକ୍ସଲ୍ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ସଂଗଠନର କିଛି ପ୍ରଭାବଶାଳୀ ନେତା ଓ ସୁଦକ୍ଷ କ୍ୟାଡର ଥିବାର ଅନୁମାନ କରାଯାଉଛି। ଜବତ ହୋଇଥିବା ୨୭ଟି ମୃତଦେହକୁ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇପାରିନାହିଁ। ଏହି ସଂଘର୍ଷ ଓ ଗୁଳିବିନିମୟରେ ଜଣେ ଡିଆରଜି ଯବାନ ନିହତ ଓ ଏକାଧିକ ଆହତ ହୋଇଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସଂଗଠନକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇଲା ଭଳି ନେତୃତ୍ୱ ଅଭାବ ଆଗକୁ ପରିଲକ୍ଷିତ ହେବ। ଏହା ନକ୍ସଲ ଆନ୍ଦୋଳନକୁ ନିଶ୍ଚିହ୍ନ କରିଦେବା ସକାଶେ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହାକୁ ସାକାର କରିବାରେ ସହାୟକ ହେବ।

ଚାରୁ ମଜୁମଦାର ଓ କାହ୍ନୁ ସାନ୍ୟାଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସଶସ୍ତ୍ର ନକ୍ସଲ ଆନ୍ଦୋଳନରେ ବହୁ ଶିକ୍ଷିତ ଓ ବୁଦ୍ଧିଜୀବୀ ସଂଶ୍ଳିଷ୍ଟ ହୋଇଥିଲେ। ସତୁରୀ ଦଶକରେ ଏହି ଆଦର୍ଶଗତ ସଂଗ୍ରାମ ଯେ ନିରାଧାର ଓ ନିରର୍ଥକ ଏକଥା ବୁଝିବାକୁ ବେଶ୍ ସମୟ ଲାଗିଥିଲା। ଆଦର୍ଶଗତ ବିଦ୍ୱେଷ ଓ ବିଭେଦ ମଧ୍ୟରେ ବହୁ ପରିବର୍ତ୍ତନ ଘଟିଛି ଏହି ସଂଗଠନରେ। ୱାରାଙ୍ଗଲ ଆଞ୍ଚଳିକ ଇଂଜିନିୟରିଂ କଲେଜରୁ ବି.ଟେକ୍ ପାସ୍ କରିଥିବା ବାସବରାଜୁ ଜଣେ କମାଣ୍ଡର ଭାବେ ସଂଗଠନରେ ଯୋଗଦେଇ ୨୦୧୮ରୁ ମହାସଚିବ ରୂପେ ନେତୃତ୍ୱ ନେଇଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ସେ ଜଳ, ଜଙ୍ଗଲ ଓ ଜମି ଅଧିକାରକୁ ଆଧାର କରି ବନବାସୀ ଓ ଆଦିବାସୀଙ୍କ ସମର୍ଥନ ହାସଲ କରିଥିଲେ। ଏଠାରେ ମନେ ରଖିବାକୁ ହେବ ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ସନ୍ତ୍ରାସ ଓ ସଂଘର୍ଷର ସ୍ଥାନ ନାହିଁ। ଏହି ସମର୍ଥନ ଆଧାରରେ ପ୍ରତିନିଧିତ୍ୱ କରି ସମସ୍ୟା ସମାଧାନର ଥିବା ସୁଯୋଗ ପ୍ରତି ସେମାନଙ୍କୁ ଆକର୍ଷିତ କରାଯାଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ କି ଅତୀତରେ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ଆତ୍ମସମର୍ପଣର ସୁଯୋଗ ସୃଷ୍ଟି କରାଯାଇଥିଲା। ଯେତେଦୂର ମନେହୁଏ ବାସବରାଜୁଙ୍କ ପରେ ସଂଗଠନକୁ ନେତୃତ୍ୱ ଦେବାର ଦକ୍ଷତା ଆଉ କାହାର ଥିଲା ଭଳି ମନେ ହେଉନି। ଆଗକୁ ମାଧବୀ ହିଡମାଙ୍କ ନେତୃତ୍ୱ କେତେଦୂର ସକ୍ଷମ ହେବ ସେ ନେଇ ସନ୍ଦେହ ରହିଛି। ତେଣୁ ଅଯଥା ରକ୍ତପାତ ନ କରି ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଏକ ସୁଯୋଗ ସୃଷ୍ଟି କରାଯାଇପାରେ।

ସରକାରଙ୍କ ସଂକଳ୍ପବଦ୍ଧ କାର୍ଯ୍ୟାନୁଷ୍ଠାନରେ ଲାଲଗଡ଼ ଦୁର୍ଗ ପତନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିବା ବେଳେ ନକ୍ସଲଙ୍କ ପକ୍ଷରୁ ମାସକ ତଳେ ଆପୋସ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସରକାରଙ୍କ ଏ ନେଇ ନିରବତାରୁ ସ୍ପଷ୍ଟ ହୋଇଥିଲା ଯେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ସଂଗଠନର ମୁଖିଆ ବାସବରାଜୁଙ୍କ ନିଧନ ପରେ କ୍ୟାଡରଙ୍କ ପକ୍ଷରେ ଆତ୍ମସମର୍ପଣ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ପ୍ରତିକୂଳ ସମୟ ସହ ଲଢ଼ିବା ଏତେ ସହଜ ନୁହେଁ, ସୁଯୋଗ ବାର ବାର ଆସେ ନାହିଁ। ସରକାରଙ୍କ କୋହଳ ମନୋବୃତ୍ତିର ସୁଯୋଗ ନେଇ ସେମାନେ କେବଳ ଦୌରାତ୍ମ୍ୟ ଜାରି ରଖି ନ ଥିଲେ, ଉନ୍ନୟନ କାର୍ଯ୍ୟର ବାଧକ ସାଜିଥିଲେ। ନିରାପତ୍ତାରକ୍ଷୀ, ସୁରକ୍ଷା ବାହିନୀଙ୍କ ବିରୋଧରେ କ୍ରମାଗତ ଧମାକା ସୃଷ୍ଟି କରି ସେମାନଙ୍କ ନିଧନର କାରଣ ସାଜିଥିଲେ। ଏଠାରେ ସୂଚାଇ ଦିଆଯାଇପାରେ କି ଛତିଶଗଡ଼ କଂଗ୍ରେସ ସଭାପତି ମହେନ୍ଦ୍ର ବର୍ମା ଓ ଟିଡିପି ବିଧାୟକ ଟି. ସର୍ବେଶ୍ୱର ରାଓଙ୍କ ହତ୍ୟା ଘଟଣାରେ ଖୋଦ ବାସବରାଜୁ ସାମିଲ ଥିଲେ। ସେ ଥିଲେ ଦୁର୍ଦ୍ଧର୍ଷ ଓ ଦୁର୍ଦ୍ଦାନ୍ତ ନକ୍ସଲ ନେତା। ଯାହାଙ୍କ ଯୋଜନାବଦ୍ଧ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନରେ ୭୪ ଜଣ ସୁରକ୍ଷା କର୍ମୀ ସହିଦ ହୋଇଥିଲେ। ତଥ୍ୟ କହେ ଯେ, ସୁକୁମା ଆଇଇଡି ବିସ୍ଫୋରଣ, ଗଛେଡିଲି ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ସୁକୁମା-ବିଜାପୁର ଅତର୍କିତ ଆକ୍ରମଣ, ଦାନ୍ତେୱାଡା ଓ ବିଜାପୁର ଆଇଇଡି ବିସ୍ଫୋରଣ ଭଳି ସଂଗିନ ଆତଙ୍କୀ ଆକ୍ରମଣ ତାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଛତିଶଗଡ଼ ସରକାର ତାଙ୍କ ମୁଣ୍ଡ ପାଇଁ କୋଟିଏ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହାବ୍ୟତୀତ ଓଡ଼ିଶା, ଆନ୍ଧ୍ର ଓ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ମଧ୍ୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ସେ ସୁରକ୍ଷାକର୍ମୀଙ୍କ ନିଶାଣରେ ଥିଲେ ମଧ୍ୟ ଗୋଟିକ ପରେ ଗୋଟିଏ ବିପର୍ଯ୍ୟୟ ଘଟାଇ ଏ ରାଜ୍ୟରୁ ସେ ରାଜ୍ୟକୁ ବେଶ ଚତୁରତାର ସହ ପଳାଇଯାଇ ଆଶ୍ରୟ ନେଇଥିବାରୁ ଏ ପର୍ଯ୍ୟନ୍ତ ସୁରକ୍ଷିତ ଥିଲେ। ଅବୁଝମାଡ଼ ନିଷିଦ୍ଧାଞ୍ଚଳରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂପର୍କରେ ସଠିକ ଗୋଇନ୍ଦା ତଥ୍ୟ ତାଙ୍କ ସମେତ ସଂଗଠନର ଅନ୍ୟ ପ୍ରମୁଖଙ୍କ ନିଧନ ପାଇଁ ସୁଯୋଗ ସୃଷ୍ଟି କରିଥିଲା।

ଏହି ଘଟଣାକ୍ରମରେ କେତେ ମଲେ, କେତେ ରହିଲେ ତାହାର ହିସାବ ଯେତେ ବଡ଼କଥା ନୁହେଁ, ବଡ଼କଥା ହେଉଛି ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲଙ୍କ ଆତଙ୍କରୁ ମୁକ୍ତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯେଉଁ ଘୋଷଣା କରିଥିଲେ ତାହା ଯେ ସାକାର ହେବ ଏକଥା ନିଶ୍ଚିତ ହୋଇଯାଇଛି। ଆଗାମୀ ଦିନରେ ସଂଗଠନ ନେତୃତ୍ୱ ଅଭାବରୁ ବାଟ ହୁଡ଼ିବା ଏକପ୍ରକାର ଥୟ। ତେଣୁ ଲଢ଼େଇ ବଦଳରେ ଆତ୍ମସମର୍ପଣ ହିଁ ବହୁକର୍ମୀଙ୍କ ପାଇଁ ଜୀବନରକ୍ଷାର ମାଧ୍ୟମ ହେବ। ଆଗାମୀ ଦିନରେ ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନାର ଏଭଳି ବହୁ ଅନଗ୍ରସର ଅଞ୍ଚଳ ଅଛି, ଯାହାର ବିକାଶ ନକ୍ସଲଙ୍କ କାର୍ଯ୍ୟକଳାପ ଯୋଗୁଁ ସମ୍ଭବ ହେଉନଥିଲା। ଏହି ସଫଳତା ସେଥିପାଇଁ ନିଶ୍ଚୟ ପଥ ପରିଷ୍କାର କରିବ।

## ଜୈବବିବିଧତାର ଗୁରୁତ୍ୱ

**ହିମାଂଶୁ ଶେଖର ଫତେସିଂହ**

ସୌରଜଗତରେ ଏକ ମାତ୍ର ଜୀବନ୍ତ ଗ୍ରହ ହେଉଛି ପୃଥିବୀ। ଏଥିରେ ଅସଂଖ୍ୟ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ପରିଦୃଷ୍ଟ ହୋଇଥା'ନ୍ତି। ଏଗୁଡ଼ିକ ମଧ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ଏକକୋଷୀ ପ୍ରାଣୀ ଏମିବାଠାରୁ ଆରମ୍ଭ କରି ବିଶାଳକାୟ ପ୍ରାଣୀ ନୀଳତିମି ପର୍ଯ୍ୟନ୍ତ ଏବଂ ଏକକୋଷୀ ଉଦ୍ଭିଦ ନୀଳହରିତ ଶୈବାଳ ଶ୍ରେଣୀୟ କ୍ଲାମାଇଡୋମୋନାସ୍‌ଠାରୁ ଆରମ୍ଭ କରି ବୃହତ ଉଦ୍ଭିଦ ସିକ୍ୱୋଇଆ ବା ରେଡ୍‌ଉଡ୍ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ପୃଥିବୀରେ ଜୀବଜଗତରେ ରହିଥିବା ଏହିପରି ବିବିଧତାକୁ ଜୈବବିବିଧତା(ବାୟୋଡାଇଭର୍ସିଟି) କୁହାଯାଏ। ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ପ୍ରାଣୀ, ଉଦ୍ଭିଦ ଓ ଅଣୁଜୀବଗୁଡ଼ିକ ମଧ୍ୟରେ ଥିବା ବିବିଧତା ଓ ପରିବର୍ତ୍ତନଶୀଳ କ୍ଷମତାକୁ ଜୈବବିବିଧତା କୁହାଯାଇଥାଏ। ଏହା ମଧ୍ୟରେ ଯେକୌଣସି ଏକ ଜୀବ ଜାତି ମଧ୍ୟରେ ଥିବା ଆନୁବଂଶିକ ବା ଜୀନୀୟ ବିବିଧତା, ଜାତି-ଜାତି ମଧ୍ୟରେ ଥିବା ବିବିଧତା ଏବଂ ପରିସଂସ୍ଥା ଜୈବବିବିଧତା ଅନ୍ତର୍ଭୁକ୍ତ।

ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ସମୁଦାୟ ୧୩ ନିୟୁତ ପ୍ରଜାତିର ଜୀବ ରହିଛନ୍ତି। ତେବେ ଏଗୁଡ଼ିକମଧ୍ୟରୁ ମାତ୍ର ୧୭ ଲକ୍ଷ ୫୦ ହଜାର ପ୍ରଜାତିର ଚିହ୍ନଟ ଓ ବର୍ଗୀକରଣ କରାଯାଇପାରିଛି। ଏହି ବର୍ଗୀକୃତ ଜୀବ ପ୍ରଜାତିଗୁଡ଼ିକ ମଧ୍ୟରେ ୧୦ ଲକ୍ଷ ପ୍ରଜାତିର କୀଟପତଙ୍ଗ, ୨ ଲକ୍ଷ ୭୦ ହଜାର ପ୍ରଜାତିର ସପୁଷ୍ପକ ଉଦ୍ଭିଦ, ୫୪୯୦ ପ୍ରଜାତିର ସ୍ତନ୍ୟପାୟୀ, ୧୦୦୨୭ ପ୍ରଜାତିର ପକ୍ଷୀ, ୯୦୮୪ ପ୍ରଜାତିର ସରୀସୃପ, ୬୬୩୮ ପ୍ରଜାତିର ଉଭୟଚର, ୩୧,୬୦୦ ପ୍ରଜାତିର ମତ୍ସ୍ୟ, ୧୦୨୨୪୮ ପ୍ରଜାତିର ଆରାକନିଡ୍, ୮୫୦୦୦ ପ୍ରଜାତିର କମ୍ବୋଜ, ୭୨,୦୦୦ ପ୍ରଜାତିର କବକ, ୧୬,୨୩୬ ପ୍ରଜାତିର ମସ୍ ଓ ୧୨୦୦୦ ପ୍ରଜାତି ଫର୍ଣ୍ଣ ଅନ୍ତର୍ଭୁକ୍ତ।

ଭାରତରେ ଜଳବାୟୁ ଓ ଭୌଗୋଳିକ ଅବସ୍ଥିତିରେ ଭିନ୍ନତା ହେତୁ ଏହାର ଜୈବବିବିଧତା ପୃଥିବୀରେ ଅନନ୍ୟ। ଏହା ଦକ୍ଷିଣରେ ନିରକ୍ଷ ବୃତ୍ତଠାରୁ ଆରମ୍ଭ କରି ଉତ୍ତରରେ କର୍କଟ କ୍ରାନ୍ତିର ଉପରିଭାଗ ପର୍ଯ୍ୟନ୍ତ ବିସ୍ତୃତ। ଏହାର ଉତ୍ତରସ୍ଥ ବରଫାବୃତ ହିମାଳୟ ପର୍ବତମାଳା, ଦକ୍ଷିଣସ୍ଥ ଉଷ୍ଣମଣ୍ଡଳୀୟ ଚିରହରିତ ଅରଣ୍ୟ ଅଞ୍ଚଳ, ପଶ୍ଚିମସ୍ଥ ରାଜସ୍ଥାନ ଉଷ୍ଣ ମରୁଭୂମି ଓ ପୂର୍ବ ଭାଗସ୍ଥ ସୁନ୍ଦରବନ ଏବଂ ଭିତରକନିକା ଲୁଣାଜଙ୍ଗଲ ଜୈବବିବିଧତାରେ ପରିପୂର୍ଣ୍ଣ। ପୃଥିବୀର ୧୭ଟି ମହାଜୈବବିବିଧତା ପରିପୂର୍ଣ୍ଣ ଦେଶ ମଧ୍ୟରୁ ଭାରତ ଗୋଟିଏ। ପୃଥିବୀର ଜୈବବିବିଧତାର ୭୦ପ୍ରତିଶତ ଏହି ୧୭ଟି ଦେଶରେ ପରିଦୃଷ୍ଟ ହୋଇଥାଏ। ଭାରତର ଭୂଭାଗ ପୃଥିବୀର ଭୂଭାଗର ପ୍ରାୟ ୨.୪ ପ୍ରତିଶତ ହୋଇଥିଲେ ମଧ୍ୟ ପୃଥିବୀର ୭ ରୁ ୮ ପ୍ରତିଶତ ଜୀବଜାତି ଏଥିରେ ଦେଖାଯାଇଥାଏ। ଭାରତରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଜାତିର ଜୀବ ରହିଥିବା ନେଇ ଆକଳନ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ପ୍ରାୟ ୧,୩୬,୫୦୦ ପ୍ରଜାତିର ଜୀବଙ୍କୁ ଚିହ୍ନଟ ଓ ବର୍ଗୀକରଣ କରାଯାଇଛି। ଏଗୁଡ଼ିକ ମଧ୍ୟରେ ୯୦,୦୦୦ ପ୍ରଜାତିର ପ୍ରାଣୀ ଓ ୪୬,୫୦୦ ପ୍ରଜାତିର ଉଦ୍ଭିଦ ଅନ୍ତର୍ଭୁକ୍ତ। ଏଗୁଡ଼ିକ ମଧ୍ୟରେ ୧୨.୬ ଭାଗ ସ୍ତନ୍ୟପାୟୀ, ୪.୫ ଭାଗ ପକ୍ଷୀ, ୪୫.୮ ଭାଗ ସରୀସୃପ, ୮୮.୮ ଭାଗ ଉଭୟଚର ପ୍ରାଣୀ ଓ ୩୩ ଭାଗ ଉଦ୍ଭିଦ ପ୍ରଜାତି ସ୍ଥାନିତ। ଅର୍ଥାତ ଏହି ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀଗୁଡ଼ିକ ପୃଥିବୀର ଅନ୍ୟ କୌଣସି ଅଞ୍ଚଳରେ ଦେଖାଯାଆନ୍ତି ନାହିଁ। ଧାନ, ଆଖୁ, ଆମ୍ବ, ଲେମ୍ବୁ, କଖାରୁ, ଝୋଟ, କଦଳୀ ଆଦି ଅନେକ ପ୍ରଜାତିର ଉଦ୍ଭିଦ ଭାରତରେ ଜାତ ହୋଇ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛନ୍ତି। ପୃଥିବୀର ସମୁଦାୟ ୩୪ଟି ଜୈବବିବିଧତା ସମୃଦ୍ଧ ଅଞ୍ଚଳ ମଧ୍ୟରୁ ଭାରତରେ ତିନି ଗୋଟି ଅବସ୍ଥିତ। ସେଗୁଡ଼ିକ ହେଲା ପଶ୍ଚିମଘାଟ ପର୍ବତମାଳା, ପୂର୍ବ ହିମାଳୟ ପର୍ବତମାଳା ଓ ଇଣ୍ଡୋ-ବର୍ମା ଅଞ୍ଚଳ।

ପରିବେଶୀୟ ସନ୍ତୁଳନ ଓ ସ୍ଥିରତା ରକ୍ଷାରେ ଜୈବବିବିଧତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନୁଷ୍ୟ ଓ ଜୀବଜଗତ ପାଇଁ ଏହା ଅପରିହାର୍ଯ୍ୟ। ମନୁଷ୍ୟର ଯାବତୀୟ ଆବଶ୍ୟକତା ପୂରଣ ସହିତ ପୋଷଣୀୟ ବିକାଶରେ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ପୃଥିବୀରେ ୩୦୦ କୋଟି ଲୋକଙ୍କର ପଶୁଜାତ ପୃଷ୍ଟିସାରର ୨୦ପ୍ରତିଶତ ମତ୍ସ୍ୟରୁ ଉପଲବ୍ଧ ହୋଇଥାଏ। ସେହିପରି ପୃଥିବୀରେ ମାନବ ଜାତିର ସମୁଦାୟ ଖାଦ୍ୟ ଆବଶ୍ୟକତାର ୮୦ ପ୍ରତିଶତ ଉଦ୍ଭିଦରୁ ମିଳିଥାଏ। ତିନି ଗୋଟି ଖାଦ୍ୟଶସ୍ୟ ଯଥା ଧାନ, ଗହମ ଓ ମକା ପୃଥିବୀର ପ୍ରାୟ ୫୦ ଭାଗ ଖାଦ୍ୟ ଆବଶ୍ୟକତା ପୂରଣ କରିଥାଏ। ଏହାବ୍ୟତୀତ ଅନେକ ଉଦ୍ଭିଦ ପ୍ରଜାତିକୁ କୃଷିକ୍ଷେତ୍ରରେ ବ୍ୟବହାର କରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଅନ୍ୟ କେତେକ ପ୍ରଜାତିର ଉଦ୍ଭିଦ ମନୁଷ୍ୟକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଉଦ୍ଦିଷ୍ଟ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ରିପୋର୍ଟରୁ ଜଣାଯାଏ ଯେ, ପୃଥିବୀର ଗ୍ରାମାଞ୍ଚଳର ପ୍ରାୟ ୮୦ ପ୍ରତିଶତ ଲୋକ ଔଷଧ ପାଇଁ ପ୍ରକୃତିର ବିଭିନ୍ନ ଉଦ୍ଭିଦ ଉପରେ ନିର୍ଭର କରିଥା'ନ୍ତି। ବହୁ ଔଷଧ କମ୍ପାନୀ ଔଷଧ ପ୍ରସ୍ତୁତି ପାଇଁ ଉଦ୍ଭିଦଜାତ କଞ୍ଚାମାଲ ଉପରେ ନିର୍ଭର କରିଥା'ନ୍ତି। ପର୍ଯ୍ୟଟନ, ଚିତ୍ତବିନୋଦନ, ସୌନ୍ଦର୍ଯ୍ୟବର୍ଦ୍ଧନ ଆଦି କ୍ଷେତ୍ରରେ ଜୈବବିବିଧତା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ କାଳରେ ଜୈବବିବିଧତା ଉପରେ ନିର୍ଭରଶୀଳ ପ୍ରକୃତି ପର୍ଯ୍ୟଟନ ଅର୍ଥନୈତିକ ସମୃଦ୍ଧି କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହାବ୍ୟତୀତ ଜୈବବିବିଧତାର ବୈଜ୍ଞାନିକ ମୂଲ୍ୟ ଓ ଅନ୍ତର୍ନିହିତ ମୂଲ୍ୟ ମଧ୍ୟ ରହିଛି। ପରିବେଶ ସୁରକ୍ଷା, ବନ ପରିଚାଳନା, କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଜୈବବିବିଧତାକୁ ଉପଯୋଗ କରାଯାଇପାରୁଛି। ପ୍ରକୃତିରେ ସମସ୍ତ ଜୀବଜାତିର ଜିନୀୟ ଭଣ୍ଡାରକୁ ମାନବ କଲ୍ୟାଣରେ ବ୍ୟବହାର କରାଯାଇପାରୁଛି।

ବିଗତ ବର୍ଷଗୁଡ଼ିକରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ ଶିଳ୍ପ, କୃଷି, ଶକ୍ତି ଉତ୍ପାଦନ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ଘଟିଛି। ବାସସ୍ଥଳୀ ବିଧ୍ୱଂସ ହେବା କାରଣରୁ ଅତୀତରେ ବହୁ ପ୍ରଜାତିର ଜୀବ ସବୁଦିନ ପାଇଁ ଧରାପୃଷ୍ଠରୁ ବିଲୁପ୍ତ ହୋଇଯାଇଛନ୍ତି। ପ୍ରଦୂଷଣ, ବାହ୍ୟ ପ୍ରଜାତିର ପ୍ରସାର, ମାତ୍ରାଧିକ ଶିକାର ଆଦି କାରଣରୁ ମଧ୍ୟ ବହୁ ଜୀବ ପ୍ରଜାତି ବିଲୁପ୍ତ ହେବା ଫଳରେ ଜୈବବିବିଧତାର ଅବକ୍ଷୟ ଘଟୁଛି। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ପରି ପରିବେଶୀୟ ସମସ୍ୟା ଜୈବବିବିଧତାର ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ୨୦୧୨ ମସିହାରେ ଅନ୍ତର୍ଜାତୀୟ ପ୍ରକୃତି ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସଂଘ ବା ଆଇୟୁସିଏନ ତରଫରୁ ପ୍ରକାଶିତ ଲୋହିତ ତଥ୍ୟ ପୁସ୍ତକରେ ସର୍ବମୋଟ ୧୯,୮୧୭ଟି ସଙ୍କଟାପନ୍ନ ଜୀବ ପ୍ରଜାତିଙ୍କୁ ସ୍ଥାନିତ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ୩୯୪୭ଟି ଜୀବ ପ୍ରଜାତି ଅତିମାତ୍ରାରେ ବିପଦଗ୍ରସ୍ତ ପ୍ରଜାତି, ୫୭୬୬ଟି ଜୀବ ପ୍ରଜାତି ବିପଦଗ୍ରସ୍ତ ଜୀବ ପ୍ରଜାତି ଓ ୧୦,୦୦୦ ଟିରୁ ଊର୍ଦ୍ଧ୍ୱ ପ୍ରଜାତି ବିପନ୍ନପ୍ରାୟ ପ୍ରଜାତି ରୂପେ ଶ୍ରେଣୀଭୁକ୍ତ କରାଯାଇଛି। ଏହା ମଧ୍ୟରୁ ୧୩୨ଟି ଜୀବ ପ୍ରଜାତି ଅନ୍ତର୍ଭୁକ୍ତ। ଜୈବବିବିଧତାର ସୁରକ୍ଷା ପାଇଁ ୨୦୦୨ରୁ ଜାତିସଂଘର ୟୁନେସ୍କୋ ତରଫରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଆସୁଛି। ପ୍ରକୃତି ସହିତ ସହାବସ୍ଥାନ ଓ ପୋଷଣୀୟ ବିକାଶ ଜୈବବିବିଧତାର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ।

ଖୋର୍ଦ୍ଧା, ମୋ: ୭୦୦୮ ୬୬୨୩୪୧

## ଜାତିପ୍ରଥା: ଏକ ବିମର୍ଶ

**ଦୀନବନ୍ଧୁ ଅଧିକାରୀ**

ଧର୍ମ ରକ୍ଷା ଏବଂ ସମାଜରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ସମାଜରେ ବହୁ ମହାପୁରୁଷ ପ୍ରଚେଷ୍ଟା କରିଛନ୍ତି। ସେମାନଙ୍କ ମଧ୍ୟରେ ସନ୍ଥ ନାନକ, ରବିଦାସ, ରୋହି ଦାସ, ଘାସି ଦାସ, ସନ୍ଥ କବିର, ଗୁରୁ ଚାନ୍ଦ ଠାକୁର, ମହାତ୍ମା ଜ୍ୟୋତିବା ଫୁଲେ, ପେରିୟାର ରାମସ୍ୱାମୀ, ସନ୍ଥ ଭୀମଭୋଇ, ମହାମାନବ ଆମ୍ବେଦକରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ସମସ୍ତେ ଅଣବ୍ରାହ୍ମଣଙ୍କ ପକ୍ଷଧର। କେହି କେହି ମହାତ୍ମା ଗାନ୍ଧୀଙ୍କୁ ଦଳିତମାନଙ୍କ ଉଦ୍ଧାରକାରୀ ଭାବରେ ଗ୍ରହଣ କରନ୍ତି।

କୁହାଯାଏ ମହର୍ଷି ମନୁ ସଂହିତା ମାଧ୍ୟମରେ ଜାତିବାଦକୁ ପ୍ରତିଷ୍ଠିତ କରିଥିଲେ। ମନୁସ୍ମୃତି ଖ୍ରୀପୂ ପ୍ରଥମ ଶତାବ୍ଦୀ ବେଳକୁ ରଚନା କରାଯାଇଛି। ବେଦର ପୁରୁଷସୂକ୍ତ ଏବଂ ଗୀତାର ବର୍ଣ୍ଣ ବ୍ୟବସ୍ଥାକୁ ଆଧାର କରି ମନୁସ୍ମୃତି ରଚନା କରାଯାଇଛି। ଏହାର ପରିଣାମ ହିନ୍ଦୁ ଧର୍ମ ଉପରେ ଅଧିକ ପଡ଼ିଛି। ମନୁସ୍ମୃତିରେ ଶୂଦ୍ରମାନଙ୍କୁ ସମାଜ ସଂରଚନାରେ ସର୍ବନିମ୍ନ ସ୍ଥାନ ଦିଆଯାଇଛି। ସେମାନଙ୍କୁ ଅନ୍ୟ ତିନି ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟର ସେବାକାରୀ ଭାବେ ନିଯୁକ୍ତ କରାଯାଇଛି।

ସମାଜବିଜ୍ଞାନୀଙ୍କ ମତରେ ମନୁସ୍ମୃତି ପ୍ରଚଳନ ଫଳରେ ଭାରତର ହିନ୍ଦୁମାନଙ୍କ ମଧ୍ୟରେ ପ୍ରାୟ ୫ ହଜାର ଜାତି ଓ ଉପଜାତି ସୃଷ୍ଟି ହୋଇଥିଲା। ଏଥିରୁ ଜାତି-ଜାତି ମଧ୍ୟରେ ବିଭେଦ, ସଂଘର୍ଷ, ଉଚ୍ଚନୀଚ ଭେଦଭାବ ସୃଷ୍ଟି ହେଲା ଏବଂ ଅସ୍ପୃଶ୍ୟତାର ବୀଜବପନ ହେଲା। ଏହାର ପରିଣାମ ଏବେ ସୁଦ୍ଧା ଭାରତୀୟ ସମାଜ ସନ୍ତୁଳିତ ହେଉଛି।

ବାବା ସାହେବ ଆମ୍ବେଦକର ମନୁସ୍ମୃତିରେ ବର୍ଣ୍ଣ ବ୍ୟବସ୍ଥାକୁ ଗଭୀର ଭାବେ ଅଧ୍ୟୟନ କର ଦଳିତମାନଙ୍କୁ ମାନବିକ ଅଧିକାର ପ୍ରଦାନ କରିବା ଦିଗରେ ଉଦ୍ୟମ କରିଥିଲେ। ମହାତ୍ମା ଗାନ୍ଧୀ ହିନ୍ଦୁ ଧର୍ମର ଚାତୁର୍ବର୍ଣ୍ଣ ବ୍ୟବସ୍ଥାକୁ ଗ୍ରହଣ କରିନେଇଥିଲେ ଏବଂ ନିଜକୁ ସନାତନୀ ହିନ୍ଦୁ ବୋଲି ପ୍ରକାଶ କରିଥିଲେ। ବାବା ସାହେବଙ୍କ ସାମାଜିକ କ୍ରାନ୍ତି ଆନ୍ଦୋଳନକୁ ପ୍ରତିରୋଧ କରିବାକୁ ଗାନ୍ଧୀ 'ହରିଜନ ସେବକ ସଂଘ' ଏବଂ 'ହରିଜନ ପତ୍ରିକା' ପ୍ରକାଶନ ଓ 'ହରିଜନ ପଦଯାତ୍ରା' ଆରମ୍ଭ କରିଥିବା କେତେକ ଐତିହାସିକ ମତ ଦିଅନ୍ତି। ନାରସୁ ମେହେଟାଙ୍କ



ଉପନ୍ୟାସରୁ ଆନିତ 'ହରିଜନ' ଶବ୍ଦକୁ ସେ ଅସ୍ପୃଶ୍ୟଙ୍କ ଉଦ୍ଧାର ପାଇଁ ବ୍ୟବହାର କରିଥିଲେ ବୋଲି ମଧ୍ୟ କୁହାଯାଏ। ଏହାକୁ ବିରୋଧ କରି ବାବା ସାହେବ ଅଖିଳ ଭାରତୀୟ ଅନୁସୂଚିତ ଜାତି ସଂଘ ଗଠନ କରିଥିଲେ। ବର୍ତ୍ତମାନ ଜାତୀୟ ମାନବାଧିକାର ଆୟୋଗ 'ହରିଜନ' ଶବ୍ଦକୁ ଅସିଦ୍ଧ କରିଛନ୍ତି।

ଅତୀତର ସେହି ଶୂଦ୍ର ସମାଜ ହିଁ ସଂପ୍ରତି ଶ୍ରମିକ ସମାଜ। ଭାରତୀୟ ସମାଜ ସଂରଚନାରେ ଜାତିର ଏକ ବହୁତ ବଡ଼ ନିର୍ଣ୍ଣାୟକ ଭୂମିକା ଅଛି। ବିଶେଷ ରୂପରେ ହିନ୍ଦୁ ସାମାଜିକ ବ୍ୟବସ୍ଥାରେ ଜାତି ଗୋଟିଏ ବଡ଼ ଆଧାର ଓ ପ୍ରାଣ। ଜାତି ବିନା ହିନ୍ଦୁ ସମାଜ କଳ୍ପନା କରିବା ଅସମ୍ଭବ। ଜାତିର ପ୍ରଭାବ ଏତେ ଗଭୀର ଓ ବ୍ୟାପକ ଯେ ସମାଜରେ ବ୍ୟକ୍ତିର ପରିଚୟ ତାଙ୍କ ଗୁଣ, କର୍ମ, ଯୋଗ୍ୟତା, ବିବେଚନା ନହୋଇ ତାଙ୍କର ଜାତି ଉପରେ ନିଧାର୍ଯ୍ୟ ହୋଇଥାଏ। ଏକ ବ୍ୟକ୍ତି ଯେଉଁ ଜାତିରେ ଜନ୍ମ ହୋଇଥାଏ, ସେହି ଅନୁସାରେ ସାରା ଜୀବନ ସେହି ଜାତିରେ ରହି ସୁଖ କିମ୍ବା ଦୁଃଖ ଭୋଗ କରିଥାଏ।

ଜାତିପ୍ରଥା ଏକ ଭୟଙ୍କର ରୋଗ। ଏହାର ଉପଚାର ନିହାତି ଆବଶ୍ୟକ। ଦେଶରେ ସମାନତା ଓ ଭ୍ରାତୃତ୍ୱର ବାତାବରଣ ଜାତିପ୍ରଥାର ବିନାଶ ବିନା ସମ୍ଭବ ନୁହେଁ। ଏହା ସୁଖର କଥା ଯେ, ସଂପ୍ରତି ଆମ ଦେଶରେ ପ୍ରସିଦ୍ଧ ସମାଜଶାସ୍ତ୍ରୀ ତଥା ବିଚାରକଗଣ ଏହି ସମସ୍ୟା ଉପରେ ଚିନ୍ତନ ଆରମ୍ଭ କରିଛନ୍ତି। ବାସ୍ତବରେ ବର୍ତ୍ତମାନ ଏକ ଉପଯୁକ୍ତ ସମୟ ଆସିଯାଇଛି ଏହି ଭୟଙ୍କର ରୋଗକୁ ସମ୍ପୂର୍ଣ୍ଣ ସମାପ୍ତ କରି ଉଚିତ ପ୍ରଯତ୍ନ କରିବାର। ଜାତିପ୍ରଥାର ବିଲୋପ ସାଧନ ପାଇଁ ଦୁଇଟି ଅସ୍ତ୍ର ରହିଛି। ପ୍ରଥମଟି ଧାର୍ମିକ ଚିନ୍ତାଧାରାର ପରିବର୍ତ୍ତନ, ଦ୍ୱିତୀୟଟି ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ। ଏହି ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନାର ଆବଶ୍ୟକତା ରହିଛି।

ହିନ୍ଦୁ ସମାଜରେ ପୌରୋହିତ୍ୱବାଦକୁ ପ୍ରାଧାନ୍ୟ ଦେବା ଯୋଗୁଁ ଜାତିବ୍ୟବସ୍ଥା ପୂତିଗନ୍ଧମୟ ହୋଇପଡୁଥିବା ଅଭିଯୋଗ ହେଉଛି। ଏହାର ଉପଚାର ଧାର୍ମୀୟ ଭାବନାରୁ ମଣିଷକୁ ମୁକ୍ତ କରିବା ସହିତ ସମାନ। ଏହା ହୋଇପାରିଲେ ଜାତିବାଦରୁ ସମାଜ ମୁକ୍ତ ହେବ ଏବଂ ଏକ ସ୍ୱୟଂଚାଳିତ ମଣିଷ ସମାଜ ଗଠନ ହୋଇପାରିବ। କୁସଂସ୍କାର ଓ ଅନ୍ଧବିଶ୍ୱାସ ମୁକ୍ତି ମିଳିବ। ସମାଜରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ମାନବବାଦ, ଅନୁସନ୍ଧାନ ଓ ସଂସ୍କାର ଭାବନାର ଅଗ୍ରଗତି ହୋଇ ପାରିବ। ଜାତିବାଦର ମୂଳପୋଛ କରିବା ପାଇଁ ସୁଧାରବାଦୀ ସଂସ୍ଥାମାନଙ୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି। ମଧ୍ୟଯୁଗରେ ଶିଖ୍ ଧର୍ମଗୁରୁ ନାନକ, ସନ୍ଥ କବିର, ରାଜା ରାମମୋହନ ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁସବୁ ସାମାଜିକ ସଂସ୍ଥାମାନେ ଏ ଦିଗରେ କାମ କରିଛନ୍ତି ସେମାନଙ୍କ ମଧ୍ୟରେ ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ, ଜାତି ପାତ ତୋଡକ ମଣ୍ଡଳ(ଯାହାକି ପରବର୍ତ୍ତି ସମୟରେ ଚାତୁର୍ବର୍ଣ୍ଣ ବିନାଶ ସଂସ୍ଥା ରଖାଯାଇଥିଲା) ଆଦି ପ୍ରମୁଖ। ବର୍ତ୍ତମାନ ଭାରତରେ ହେତୁବାଦୀ, ମାନବବାଦୀ ବିଜ୍ଞାନବାଦୀ, ସମ୍ବିଧାନବାଦୀ ନାମରେ ଅନେକ ସଂସ୍ଥା କାର୍ଯ୍ୟରତ। କେବଳ ଆଇନ ଦ୍ୱାରା ଜାତିପ୍ରଥା ଉଚ୍ଛେଦ ହୋଇପାରିବ ନାହିଁ। ଉପରୋକ୍ତ ସାମାଜିକ ସୁଧାରବାଦୀ ସଂସ୍ଥାମାନେ ସହୃଦୟତା ସହ ଯଦି କାର୍ଯ୍ୟ କରନ୍ତି, ତା'ହେଲେ ଯାଇ ଭାରତରେ ଜାତିପ୍ରଥା ପରି କଳଙ୍କିତ ବ୍ୟବସ୍ଥାର ସଂପୂର୍ଣ୍ଣ ଉଚ୍ଛେଦ ସମ୍ଭବ ହୋଇପାରିବ।

ଭୁବନେଶ୍ୱର, ମୋ: ୮୦୯୩୧୮୪୨୮୮

## ପଦ୍ମସମ୍ଭବଙ୍କ ତିବ୍ବତ ଯାତ୍ରା

**ପ୍ରବୀର କୁମାର ପଟ୍ଟନାୟକ**

ପଦ୍ମସମ୍ଭବ ତିବ୍ବତ ଯାତ୍ରା ପୂର୍ବରୁ ବିଭିନ୍ନ ପ୍ରଦେଶରେ ଦୀର୍ଘଯାତ୍ରା ଏବଂ ମନ୍ଦରଭାଙ୍କ ସହ ବିବାହ, ବିଭିନ୍ନ ଅଞ୍ଚଳର ଅଭିଜ୍ଞ ଗୁରୁମାନଙ୍କଠାରୁ ଭିନ୍ନଭିନ୍ନ ବିଦ୍ୟାଶିକ୍ଷା ଲାଭ କରି ଶେଷରେ ବୋଧଗୟାରେ ପହଞ୍ଚିଲେ। ସେଠାରେ ରହଣି ସମୟରେ କେନ୍ଦ୍ର-ଏସିଆର ପ୍ରମୁଖ ବୌଦ୍ଧକେନ୍ଦ୍ର ଖୋଟାନ ଏବଂ ନେପାଳ

**ଦ୍ୱିତୀୟ-ବୁଦ୍ଧ କଥା**

ଓ କୋଶଳ ଭ୍ରମଣ କରିଥିଲେ। ସେ ମଗଧର ବିଖ୍ୟାତ ଓଦନ୍ତପୁରୀରେ ଓଡ଼ିୟାନ ମହାବିହାରର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହେବା ପରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ତନ୍ତ୍ର ବିଭାଗର ଆଚାର୍ଯ୍ୟ ଭାବେ ଯୋଗ ଦେଇ ବହୁଖ୍ୟାତି ଅର୍ଜନ କରିଥିଲେ।

ଖ୍ରୀ ୬୧୭ରେ ଜନ୍ମିତ ତିବ୍ବତୀୟ ରାଜା ସ୍ରଙ୍ଗ-ଗାମ୍ପୋଙ୍କ ଶାସନ କାଳରେ ତିବ୍ବତରେ ପ୍ରଥମ କରି



ଲିଖନ ପ୍ରଥା ପ୍ରଚଳିତ ହେଲା। ରାଜା ଏକ ବିଶାଳ ଓ ଶକ୍ତିଶାଳୀ ସୈନ୍ୟବାହିନୀ ଗଢ଼ିଥିଲେ, ଯାହାଦ୍ୱାରା ପ୍ରଥମେ ସେ ଚୀନ୍‌କୁ ପରାସ୍ତ କଲେ। ପଡ଼ୋଶୀ ଚୀନ୍ ଓ ନେପାଳ ସହ ଉତ୍ତମ ସମ୍ପର୍କ ସ୍ଥାପନ ନିମନ୍ତେ ସେ ଚୀନ୍ ରାଜକନ୍ୟା ୱେନ୍ ଚେଙ୍ଗ ଓ ନେପାଳ ରାଜକନ୍ୟା ଭୃକୁଟୀଙ୍କ ସହ ବିବାହ କଲେ। ନିଜ ନିଜ ଦେଶରେ ବୌଦ୍ଧଧର୍ମର ପ୍ରାଧାନ୍ୟ ହେତୁ ଉଭୟ ରାଜକନ୍ୟା ନିଷ୍ଠାପର ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ଦୁଇ ରାଣୀଙ୍କ ପ୍ରଭାବକ୍ରମେ ରାଜା ବୌଦ୍ଧଧର୍ମର ଦୃଢ଼ ସପକ୍ଷବାଦୀ ହୋଇଗଲେ। ଭାରତର ସଂସ୍କୃତ ଭାଷା ଆୟତ୍ତ କରିବା ସହ ତିବ୍ବତୀୟ ଭାଷାରେ ଅନୁରୂପ ଲିପି ଓ ବ୍ୟାକରଣ ସୃଷ୍ଟି କରିବା ପାଇଁ ରାଜା ଇଚ୍ଛା କଲେ ଏବଂ ମନ୍ତ୍ରୀ ଥୋନ୍‌ମି ସମ୍ଭୋଟାଙ୍କ ନେତୃତ୍ୱରେ ଏକ ଷୋଳଜଣିଆ ପ୍ରତିନିଧି ଦଳକୁ ଭାରତ ପଠାଇଲେ। ଏହି ପ୍ରତିନିଧି ଦଳ ଭାରତର ଦେବନାଗରୀ ଲିପିର ଏକ ସଂସ୍କାରିତ ରୂପ ଲାଣ୍ଟ୍‌ସା ଲିପି ଅନୁକରଣରେ ତିବ୍ବତୀୟ ଲିପି ଓ ବ୍ୟାକରଣ ମଧ୍ୟ ପ୍ରସ୍ତୁତ କଲେ। ସେହି ଦଳ ତିବ୍ବତ ଫେରିବା ପରେ ସେଠାରେ ତତ୍‌କ୍ଷଣାତ ସେହି ଲିପି ଓ ବ୍ୟାକରଣ ପ୍ରଚଳନ କରାଗଲା। ସେହି ଲିପିରେ ଐତିହାସିକ ଘଟଣା ଲିପିବଦ୍ଧ କରାଯିବା ସହ ପବିତ୍ର ବୌଦ୍ଧଗ୍ରନ୍ଥ ଅନୁବାଦ ଏବଂ ନୂତନ ଗ୍ରନ୍ଥମାନ ମଧ୍ୟ ପ୍ରସ୍ତୁତ ହେବାରେ ଲାଗିଲା।

ରାଜା ସ୍ରଙ୍ଗ ବୌଦ୍ଧ ଧର୍ମର ରୀତିନୀତି ଓ ଧର୍ମବାଣୀର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ ମଧ୍ୟ ତାଙ୍କ ଜୀବଦ୍ଦଶାରେ ତିବ୍ବତରେ ବୌଦ୍ଧଧର୍ମର ପ୍ରତିଷ୍ଠା ଓ ଉନ୍ନତି ରାଜାଙ୍କ ଆଶାନୁରୂପ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣ ଥିଲା ତିବ୍ବତର ସ୍ଥାନୀୟ ଲୋକଧର୍ମ 'ବନ୍'ର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ବିରୋଧ ଓ ଅସହଯୋଗ। ତଥାପି ରାଜା କେତୋଟି ଛୋଟ ବୌଦ୍ଧମନ୍ଦିର ନିର୍ମାଣ କରିପାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜା ଖ୍ରୀ-ସ୍ତନ(ଶାସନକାଳଖ୍ରୀ୭୫୫-୭୯୫)ଙ୍କ ସମୟରେ ବୌଦ୍ଧଧର୍ମକୁ ତିବ୍ବତର ରାଜ୍ୟଧର୍ମ ଭାବରେ ଘୋଷଣା କରାଗଲା। ରାଜା ଖ୍ରୀ-ସ୍ତନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଅତ୍ୟନ୍ତ ଗୁଣୀଜ୍ଞାନୀ ବୌଦ୍ଧ ଆଚାର୍ଯ୍ୟଙ୍କୁ ତିବ୍ବତକୁ ଆସିବା ନିମନ୍ତେ ନିମନ୍ତ୍ରଣ ପଠାଇଲେ(କ୍ରମଶଃ)।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 I 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# +୨ ରି-ଚେକିଂ ପାଇଁ ୩୦ରୁ ଆବେଦନ

**ଭୁବନେଶ୍ୱର,୨୩।୫(ସମିସ):** +୨ ପରୀକ୍ଷା ଫଳ ରି-ଚେକିଂ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷାରେ କପି କରି ଧରାପଡ଼ିଥିବେ ବା ଯାହାର ପରୀକ୍ଷା ଫଳ ପ୍ରକାଶିତ ହୋଇ ନ ଥିବ ବା ଅସିଦ୍ଧ ଘୋଷଣା କରାଯାଇଥିବ, ସେହି ପିଲାମାନେ ରି-ଚେକିଂ ଆବେଦନ କରିପାରିବେ। ଆସନ୍ତା ୩୦ ତାରିଖରୁ ଆବେଦନ ଆରମ୍ଭ ହେବ। ଜୁନ୍ ୧୩ ତାରିଖ ମଧ୍ୟରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ପ୍ରତି ବିଷୟରେ ରି-ଚେକିଂ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ +୨ ଇନଷ୍ଟାଣ୍ଟ ପରୀକ୍ଷା ପାଇଁ ମଧ୍ୟ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୮ ତାରିଖରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିବେ। ପ୍ରାକ୍ଟିକାଲ୍ ନଥିବା ବିଷୟ ପାଇଁ ୫୨୦ଟଙ୍କା ଫି' ଧାର୍ଯ୍ୟ କରାଯାଇଥିବାବେଳେ ପ୍ରାକ୍ଟିକାଲ୍ ବା ପ୍ରୋଜେକ୍ଟ ଥିବା ବିଷୟ ପାଇଁ ୫୬୦ ଓ ଜୀବବିଜ୍ଞାନ ପାଇଁ ୬ଶହ ଟଙ୍କା ଫି' ରହିଛି। ଜୁନ୍ ୨୫ ଓ ୨୬ ତାରିଖରେ ଇନଷ୍ଟାଣ୍ଟ ପରୀକ୍ଷା ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

**ଜୁନ୍ ୨୫ ଓ ୨୬ରେ +୨ ଇନଷ୍ଟାଣ୍ଟ ପରୀକ୍ଷା**

# କରୋନାର ହେବ ଜିନମ୍ ସିକ୍ୱେସିଂ

## ପରୀକ୍ଷା ପାଇଁ ଗଲା ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍

**ଭୁବନେଶ୍ୱର, ୨୩।୫(ସମିସ):** ରାଜ୍ୟରେ ପୁଣିଥରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏହା କରୋନାର କେଉଁ ପ୍ରଜାତି, ତାହା ଜିନମ୍ ସିକ୍ୱେସିଂ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ବାସ୍ତବରେ ଏହା କୋଭିଡର ପୁରୁଣା ସବ୍ ଭାରିଆଣ୍ଟ ନା ଆଉ କିଛି ନୂଆ ତାହା ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ଚିହ୍ନଟ ହୋଇ ସଂଗରୋଧରେ ଥିବା ଏହି ବୟସ୍କ ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ତାଙ୍କ ଘରେ କିମ୍ବା ଆଖପାଖରେ ଆଉ କାହା ପାଖରେ କରୋନାର କୌଣସି ଲକ୍ଷଣ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କରୋନା ସଂକ୍ରମିତଙ୍କ ଟ୍ରାଭେଲ ଇତିହାସକୁ ଯାଞ୍ଚ କରାଯାଉଛି। ଏହାଦ୍ୱାରା ସେ କାହା କାହା ସଂସ୍ପର୍ଶରେ ଆସିଥିଲେ ଏବଂ କେଉଁ ଆଡେ ଯାଇଥିଲେ ତାହା ଜଣାପଡ଼ିବ। ସେହି ଲୋକମାନଙ୍କୁ ଚିହ୍ନଟ କରି ପରୀକ୍ଷା କରାଯିବ। ଏହାଦ୍ୱାରା ସଂକ୍ରମଣ ରୋକାଯାଇ ପାରିବ। ଅନ୍ୟପକ୍ଷରେ ସମ୍ଭାବ୍ୟ ସଂକ୍ରମଣର ମୁକାବିଲା ପାଇଁ ସବୁ ହସ୍ପିଟାଲର କୋଭିଡ୍ ବ୍ୟବସ୍ଥାକୁ ସମୀକ୍ଷା କରାଯାଉଛି। ଆଇସିୟୁ ଓ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଲେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଯେଉଁମାନେ ବହୁବିଧ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି, ସେମାନେ ମାସ୍କ ପିନ୍ଧିବା ଆବଶ୍ୟକ। ଗର୍ଭବତୀ, ଛୋଟ ପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ଜରୁରୀ। ଶେଷ ଥର ପାଇଁ ୨୦୨୪ ଅକ୍ଟୋବରରେ ରାଜ୍ୟରେ ଜଣେ କୋଭିଡ୍ ରୋଗୀ ଚିହ୍ନଟ ହୋଇଥିଲେ। ସେହି ମାସରେ ରାଜ୍ୟରେ ମୋଟ ୩ ଜଣ ରୋଗୀ କରୋନା ପଜିଟିଭ ହୋଇଥିଲେ। ତେବେ ଏହା ପରଠାରୁ ରାଜ୍ୟରେ ଦୈନିକ ହାରାହାରି ୨୫୦ ଜଣ ଲୋକଙ୍କ କୋଭିଡ୍ ପରୀକ୍ଷା ହେଉଥିଲେ ମଧ୍ୟ କୌଣସି ନୂଆ କୋଭିଡ୍ ମାମଲା ସାମ୍ନାକୁ ଆସି ନାହିଁ। ଯଦି ରାଜ୍ୟରେ ଅଧିକ ରୋଗୀ ଚିହ୍ନଟ ହୁଅନ୍ତି, ତେବେ ଅଧିକରୁ ଅଧିକ ଟେଷ୍ଟିଂ ବଢ଼ାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟାନୁସାରେ, ଚଳିତ ମାସ ୧୨ ତାରିଖ ଠାରୁ ୧୯ ତାରିଖ ମଧ୍ୟରେ ସପ୍ତାହକ ମଧ୍ୟରେ ଦେଶରେ ୨୫୭ ଜଣ ସକ୍ରିୟ କୋଭିଡ୍ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ମିଶ୍ର କହିଛନ୍ତି, ଏହା ହେଉଛି ମହାମାରୀ ପରବର୍ତ୍ତୀ ଲହର। କୋଭିଡ୍ ଲକ୍ଷଣ ଦେଖାଦେଲେ ମେଡିସିନ୍ ଖାଇଲେ ଭଲ ହୋଇଯିବ। ଏହାକୁ ନେଇ ଜନସାଧାରଣ ଆଦୌ ବ୍ୟତିବ୍ୟସ୍ତ ହେବା ଉଚିତ ନୁହେଁ। କରୋନା ଏକ ସାଧାରଣ ରୋଗ। ତେଣୁ ଋତୁ ପରିବର୍ତ୍ତନ ସମୟରେ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ବାରିପଦା ପୌର କିରାଣୀ

**ବାରିପଦା,୨୩।୫(ସମିସ):** ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାରିପଦା ପୌରପରିଷଦର କିରାଣୀ ଗୋପାଳକୃଷ୍ଣ ପ୍ରଧାନ। ଶ୍ରୀ ପ୍ରଧାନ ଏଷ୍ଟାବ୍ଲିସମେଣ୍ଟ ବିଭାଗରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେ ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଶ୍ରୀ ପ୍ରଧାନ ପୌରପାଳିକା ଦୋକାନ ଘର ଦାୟିତ୍ୱରେ ଥିବା ବେଳେ ଅଭିଯୋଗକାରୀଙ୍କ ଦୋକାନ ଘର ମାଲିକାନା କାଗଜପତ୍ର ପିତାଙ୍କ ନାମରୁ ପୁତ୍ର ନାମକୁ ପରିବର୍ତ୍ତନ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ଭିଜିଲାନ୍ସ ବିଭାଗ ମାଡ଼ି ବସିଥିଲା। ବାରିପଦା ପୁରୁଣା ହାଟସାହିର ମହମ୍ମଦ ଜାଭିର୍‌ଙ୍କ ଟ୍ରାଫିକ୍ ମାର୍କେଟ୍ ନିକଟସ୍ଥ ପୌରପାଳିକା ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଘଣ୍ଟା ଦୋକାନ ରହିଛି। କିନ୍ତୁ ଏହି ଦୋକାନଟି ଜାଭିର୍‌ଙ୍କ ବାପାଙ୍କ ନାମରେ ରହିଛି। ତେଣୁ ଦୋକାନଟିକୁ ଜାଭିର ନିଜ ନାମରେ କରିବା ପାଇଁ ୨ ବର୍ଷ ହେଲା ବାରମ୍ବାର ଆବେଦନ କରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କାଗଜପତ୍ର ତାଙ୍କ ନାଁରେ ହୋଇପାରୁନଥିଲା। ଗତ ଜାନୁଆରୀରେ ସେ ପୁଣି ଆବେଦନ କରିଥିଲେ। ଆବେଦନ ଏଗ୍ରିମେଣ୍ଟ ପାଇଁ କିରାଣୀ ଶ୍ରୀ ପ୍ରଧାନ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେଣୁ ଜାଭିର୍ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ କାର୍ଯ୍ୟାଳୟ ପରିସର ବାଥରୁମ ନିକଟରେ ଶ୍ରୀ ପ୍ରଧାନ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ କେଶ ନମ୍ବର ୫/୨୦୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ପ୍ରଧାନଙ୍କୁ ଅଧିକ ପଚରାଉଚରା କରାଯାଉଛି।



# ସାରା ରାଜ୍ୟରେ ହେବ ବେଆଇନ ମାଦକଦ୍ରବ୍ୟ ବିରୋଧରେ ସଚେତନତା

**ଭୁବନେଶ୍ୱର,୨୩।୫(ସମିସ):** ଚଳିତ ମାସ ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବାକୁ ଆରମ୍ଭ ହେବ ସଚେତନତା କାର୍ଯ୍ୟକ୍ରମ। ଏନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି କହିଛନ୍ତି ଯେ, ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଦ୍ୟାଳୟ ସ୍ତରରୁ ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି ସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସଚେତନ କରାଯିବା ନେଇ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ପ୍ରତିଦିନର କାର୍ଯ୍ୟକ୍ରମର ତାଲିକା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୁଦ୍ଧରେ ନିୟମିତ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ।

ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ ବିଭିନ୍ନ ବିଭାଗ ଜରିଆରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ "ସେ ୟେସ୍ ଟୁ ଲାଇଫ୍, ନୋ ଟୁ ଡ୍ରଗସ୍' ସଂକଳ୍ପ କାର୍ଯ୍ୟକ୍ରମ ଏବଂ ବେଆଇନ ନିଶା କାରବାରକୁ ରୋକିବା ଦିଗରେ ମାନସ ପୋର୍ଟାଲ ଏବଂ ୧୯୩୩ ହେଲପ୍‌ଲାଇନ୍ ନମ୍ବର ଉପଯୋଗ ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର୍.କେ. ଶର୍ମା, ପୁଲିସ ଡିଆଇଜି(ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**ଅନୁଗୋଳ, ୨୩।୫ (ସମିସ):** ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅଞ୍ଚଳରେ ଗତ ୨୦୨୦ ମସିହାରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ ଜଜ୍ (ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍) ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଜଣଙ୍କ ହେଲା, ବନ୍ତଲା ଥାନାଞ୍ଚଳର ସୁବ୍ରତ ସାହୁ (୨୦)। ସୁବ୍ରତ ଗତ ୨୦୨୦ ସେପ୍ଟେମ୍ବର ୮ ତାରିଖ ରାତିରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏପରିକି, ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ତେବେ, ପୀଡ଼ିତାଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ବନ୍ତଲା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ ଗିରଫ କରିଥିଲା।

# ହରିଆଣାରେ ଦୁର୍ଷ୍କର୍ମ କରି ପାରାଦୀପରେ ଲୁଚିଥିଲା

**କଟକ, ୨୩।୫(ସମିସ):** ପାରାଦୀପରେ ଆତ୍ମଗୋପନ କରିଥିବା ଜଣେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ଆଜି ହରିଆଣା ପୁଲିସ୍ କଟକ ରେଳଷ୍ଟେସନ୍‌ରୁ ଉଦ୍ଧାର କରିଛି। ସେ ହେଲା, ବିହାର ଗୋପାଳଗଞ୍ଜ ଜିଲ୍ଲା ବୈକୁଣ୍ଠପୁର ଥାନା ଉସ୍ରି ଗାଁର ଅଭିଷେକ କୁମାର (୨୧)। ଅଭିଷେକ କିଛି ମାସ ତଳେ ହରିଆଣା ବଲ୍ଲଭଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ହରିୟାଣା ପୁଲିସ୍ଅ ଭିଷେକର ବିହାର ଠିକଣାରେ ବାରମ୍ବାର ଚଢ଼ଉ କରିଥିଲେ ବି ତା'ର ପତ୍ତା ପାଇନଥିଲା। ତେବେ ସେ ଓଡ଼ିଶା ଆସି ପାରାଦୀପସ୍ଥିତ ଅଏଲ ରିଫାଇନାରିରେ ଜଣେ ଶ୍ରମିକ ଭାବେ କାମ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହରିୟାଣା ପୁଲିସ୍‌ର ଏକ ଟିମ୍ ଆଜି ପାରାଦୀପରେ ପହଞ୍ଚିଥିଲା। ତେବେ ପୁଲିସ୍ ତା' ପାଖରେ ପହଞ୍ଚିବା ପୂର୍ବରୁ ଅଭିଷେକ ଚମ୍ପଟ ମାରିଥିଲା। ମୋବାଇଲ ନମ୍ବର ଟ୍ରାକିଂରୁ ସେ କଟକ ରେଳଷ୍ଟେସନ୍ ଆଖପାଖ ଅଞ୍ଚଳରେ ଥିବା ଜଣାପଡ଼ିବାରୁ ହରିଆଣା ପୁଲିସ୍ କଟକ ଆର୍‌ପିଏଫ୍‌କୁ ଅବଗତ କରାଇଥିଲା। ଆରପିଏଫ୍ ଟିମ୍ ଷ୍ଟେସନ୍ ଭିତର ଓ ବାହାରେ ଜୋରଦାର ତଲାସି କରିବା ଭିତରେ ହରିଆଣା ପୁଲିସ୍ ଟିମ୍ ମଧ୍ୟ ସେଠାରେ ପହଞ୍ଚି ଯାଇଥିଲା। ଏତିକିବେଳେ, ଅଭିଷେକ ଓଏମ୍‌ପି ଛକରୁ ରାଜପଥ ପାର୍ଶ୍ୱ ଦେଇ ରେଳଷ୍ଟେସନ୍ ଆଡ଼କୁ ଯାଉଥିବା ବେଳେ ତାକୁ ପୁଲିସ୍ ପିଛା କରିଥିଲା। ଷ୍ଟେସନ୍ ଭିତରେ ତାକୁ ଗିରଫ କରାଯାଇଥିଲା। ହରିୟାଣା ପୁଲିସ୍ ତାକୁ ସାଙ୍ଗରେ ନେଇଯାଇଥିବା ସୂଚନା ମିଳିଛି।

**କଟକ ଷ୍ଟେସନ୍‌ରୁ ଅଭିଯୁକ୍ତକୁ ଉଠାଇନେଲା ହରିଆଣା ପୁଲିସ୍**

# ଆଜିଠୁ +୨ନାମଲେଖା ଆବେଦନ

**ଭୁବନେଶ୍ୱର,୨୩।୫(ସମିସ):** +୨ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ଶନିବାରଠାରୁ କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ଆବେଦନ ଆରମ୍ଭ ହେବ। ଏଥିପାଇଁ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ରେ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ଜୁଲାଇ ୭ତାରିଖରେ ପ୍ରକାଶ ପାଇବ। ମୋଟ୍ ୩ଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। ଜୁଲାଇ ୨୪ ତାରିଖରୁ +୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଦଶମ ପରୀକ୍ଷାରେ ରଖିଥିବା ନମ୍ବର ଅନୁଯାୟୀ ସମ୍ପୂର୍ଣ୍ଣ ମେଧା ତାଲିକା ଆଧାରରେ ନାମଲେଖା ହେବ। ନାମଲେଖା ପାଇଁ ୪ଟି ମାଧ୍ୟମରେ ପିଲାଙ୍କୁ ସୂଚିତ କରାଯିବ। ସାମସ୍ ପୋର୍ଟାଲ୍ ଇ-ସ୍ପେସ୍, ଏସ୍‌ଏମ୍‌ଏସ୍, ୱାଟସ୍‌ଆପ୍ ଓ ଚୟନ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇ-ସ୍ପେସ୍‌ରୁ ସେମାନଙ୍କ ଜ୍ଞାପକ ପତ୍ର ବା ଇଣ୍ଟିମେସନ୍ ଲେଟର୍ ଡାଉନ୍‌ଲୋଡ କରିପାରିବେ। ନାମଲେଖା ସମୟରେ ସିଏଏଫ୍ ସହ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରାଯିବ। ନାମଲେଖା କ୍ଷେତ୍ରରେ ଅନୁସୂଚିତ ଜାତି ବର୍ଗର ପିଲାଙ୍କୁ ୧୬.୨୫% ସଂରକ୍ଷଣ ଦିଆଯାଇଥିବାବେଳେ ଅନୁସୂଚିତ ଜନଜାତି ବର୍ଗ ପାଇଁ ୨୨.୫% ସଂରକ୍ଷଣ ରହିଛି। ସାମାଜିକ ପଛୁଆ ବର୍ଗ (ଓବିସି) ବର୍ଗର ଛାତ୍ରଛାତ୍ରୀଙ୍କୁ କୌଣସି ସଂରକ୍ଷଣ ଦିଆଯାଇ ନାହିଁ।

**ଜୁଲାଇ ୮ ରୁ ୧୪ ପ୍ରଥମ ପର୍ଯ୍ୟାୟ ନାମଲେଖା**

**ଜୁଲାଇ ୨୪ରୁ +୨ ପ୍ରଥମ ବର୍ଷ ପାଠପଢ଼ା**

# ମେ ୨୬ ତାରିଖରେ 'ସାବିତ୍ରୀ' ଛୁଟି

**ଭୁବନେଶ୍ୱର,୨୩।୫(ସମିସ):** ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ମେ ୨୭ ତାରିଖ ପରିବର୍ତ୍ତେ୨୬ ତାରିଖରେ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ପୂର୍ବରୁ ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ତେବେ ପୁରୀ ମୁକ୍ତି ମଣ୍ଡପ ସହିତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନକାରୀ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ପରେ ୨୬ ତାରିଖରେ ସାବିତ୍ରି ବ୍ରତ ପାଳନ କରାଯାଉଥିବାରୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇଛି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ**

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

**ନୂଆପଡ଼ା, ୨୩।୫ (ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୂଆପଡ଼ା ପୂର୍ତ୍ତ ଓ ଗୃହ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ୯ଟି ଟିମ୍ ନୂଆପଡ଼ାସ୍ଥିତ ତାଙ୍କ ସରକାର ବାସଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ଦୁଇଗୋଟି ମୂଲ୍ୟବାନ କୋଠା, ଭିନ୍ନଭିନ୍ନ ଜାଗାରେ ବହୁ ମୂଲ୍ୟ ୯ଗୋଟି ପ୍ଲଟ୍, ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜୀବନ ବୀମା ପଲିସି ରହିଛି। ଆଜିକୁ ତିନିବର୍ଷ ହେବ, ନୂଆପଡ଼ା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସବ୍-ଡିଭିଜନ୍ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଭାବେ ଶ୍ରୀ ସେଠୀ କାମ କରୁଥିଲେ। ଏଠାରେ କାମ କରୁଥିବା ସମୟରେ ଖୋଲାଖୋଲି ଠିକାଦାର, ବିଭାଗୀୟ କର୍ମଚାରୀଙ୍କଠାରୁ ଲାଞ୍ଚ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ରାଜ୍ୟବ୍ୟାପୀ ବିଭିନ୍ନ ଜାଗାରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ଜୟପୁର ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଥମେ ତାଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ପରେ ଭୁବନେଶ୍ୱରର ୩ଟି, ପିପିଲିର ୫ଟି ଓ ରାୟଗଡ଼ା ଗୋଟିଏ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଚଢ଼ଉ ଜାରି ରହିଥିବା ବେଳେ ଆକଳନ ପରେ ସମ୍ପତ୍ତିର ପରିମାଣର ସଠିକ ବିବରଣୀ ପ୍ରଦାନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।



**ସରକାରୀ ବାସଗୃହ, କାର୍ଯ୍ୟାଳୟ ସମେତ ୯ ସ୍ଥାନରେ ଚଢ଼ଉ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ରାଜ୍ୟରେ...

ଚଳିତ ବର୍ଷ ଏହା ୨୫ ତାରିଖ ସୁଦ୍ଧା କେରଳ ଛୁଉଁଥିବା ବେଳେ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ମୌସୁମୀକୁ ଆହୁରି ସକ୍ରିୟ କରାଇବାରେ ସହାୟକ ହେବ। ଯାହାଦ୍ୱାରା ମୌସୁମୀ ବାୟୁ ମେ' ମାସ ଶେଷ କିମ୍ବା ଜୁନ୍ ପ୍ରଥମରୁ ଓଡ଼ିଶା ଛୁଇଁବା ପାଇଁ ପାଗ ଅନୁକୂଳ ରହିବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୭ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଓ ତତ୍ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହୋଇ ୨ ଦିନ ଭିତରେ ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଯାହାକୁ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଶନିବାର କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସହ ବଜ୍ରପାତ ଆଶଙ୍କା ରହିଥିବା ବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୨୮ ତାରିଖ ବେଳକୁ ବର୍ଷାର ପ୍ରଭାବ ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି।

### ମସ୍କୋ ଆକାଶରେ...

ଉପରେ ଡ୍ରୋନ ଆକ୍ରମଣ କରିଥାଏ। ୟୁକ୍ରେନ ଜାଣିଶୁଣି ଏପରି କରେ ଏବଂ ଅନ୍ୟ ଦେଶର ପ୍ରତିନିଧିମାନେ ଯେଭଳି ରୁଷିଆ ନ ଆସିପାରନ୍ତି ତାହାକୁ ନେଇ କାର୍ଯ୍ୟ କରେ ବୋଲି ସେ କହିଥିଲେ। ଏହି ଘଟଣାକୁ ବିଚାର କଲେ ତାଙ୍କ କଥା ସତ ହୋଇଛି। ତେବେ ରୁଷିଆ ପକ୍ଷରୁ ଏହି ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଅନୁଜ କୁମାର...

ପୋଷଣ ଓ ଏମ୍‌ଏମ୍ ପୋଷଣ ଯୋଜନାର ନୋଡାଲ ଅଧିକାରୀ ଭାବେ ବଦଳି କରାଯାଇଛି। ଟାଙ୍ଗୀ ପୂର୍ବତନ ତହସିଲ୍‌ଦାର ମିତାଲି ପାତ୍ରଙ୍କୁ ବାରିପଦା ସିଡିଏମ୍ ଓ ପିଏଚ୍‌ଓର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଛି। ଗୁଣୁପୁର ଆଇଟିଡିଏ ପିଏ ଥିବା ଅଜୟ କୁମାର ପ୍ରଧାନଙ୍କ ପୂର୍ବ ବଦଳି ନିର୍ଦ୍ଦେଶନାମାକୁ ବାତିଲ୍ କରି ଦିଆଯାଇଛି। ସେହିପରି ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଓ ଟେକ୍ନୋଲୋଜିର ରେଜିଷ୍ଟ୍ରାର୍ ଭାବେ ବଦଳି କରାଯାଇଛି। ଏହାବ୍ୟତୀତ ପୁରୀ ରଥଯାତ୍ରା ପାଇଁ ପରିମଳ ବ୍ୟବସ୍ଥାର ତଦାରଖ ନିମନ୍ତେ ବିଭିନ୍ନ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା ଏହି ୧୦ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଆସନ୍ତା ଜୁନ୍ ୧ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ପୁରୀରେ ରହି କାର୍ଯ୍ୟ କରିବେ। ଏହି ଅଧିକାରୀଙ୍କ ମଧ୍ୟରେ ଆଶୁତୋଷ ଗୌରଭ, ଆଭାସ ରଞ୍ଜନ ପାଣିଗ୍ରାହୀ, ସୁକାନ୍ତ ଚନ୍ଦ୍ର ବେଉରା, ଧନଞ୍ଜୟ ମହାନ୍ତି, ସରୋଜ କୁମାର ଆଚାର୍ଯ୍ୟ, ଜୁବୁଲି ଚରଣ ବେହେରା, ମୁରଲୀ କୃଷ୍ଣ ପଣ୍ଡା, ମାନସ ରଞ୍ଜନ ମଲ୍ଲିକ, ନିଗମାନନ୍ଦ ପଣ୍ଡା ଓ ଲୋକନାଥ ବେଜ୍ ପ୍ରମୁଖ ସାମିଲ୍ ରହିଛନ୍ତି।

### ଅସନ୍ତୁଷ୍ଟ ନେତାଙ୍କ...

ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି ବୈଠକରେ ପହଞ୍ଚି ଦଳ ଏକ୍ ବୋଲି ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଗୁରୁବାର ଅନୁପସ୍ଥିତ ରହିଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ଏକାଧିକ ନେତା ସକାଳେ କଂଗ୍ରେସ ଭବନରେ ପହଞ୍ଚିଥିଲେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟିରେ ସାମୟିକ ଆଲୋଚନା ପରେ ଏହି ନେତମାନେ ଧାରଣା ସ୍ଥଳକୁ ଆସିଥିଲେ ଓ ପରେ ଅପରାହ୍ଣରେ ଏହି କମିଟି ବୈଠକରେ ଯୋଗ ଦେଇଥିଲେ। ବିଷଦ ଆଲୋଚନା ପରେ ପିସିସି ପକ୍ଷରୁ ୨ ଟି ନୂତନ କମିଟି ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଛି। କଂଗ୍ରେସ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମାଜିକ ନ୍ୟାୟ ସମ୍ପର୍କରେ ବିଷଦ ଆଲୋଚନା ହୋଇଛି। ପିସିସି ଦଳ ପକ୍ଷରୁ 'ସାମାଜିକ ନ୍ୟାୟ ଡ୍ରାଫ୍ଟିଂ' କମିଟି ଓ 'ଚାର୍ଜସିଟ ଡ୍ରାଫ୍ଟିଂ' କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଏକ ଚିଠା ପ୍ରସ୍ତୁତ ପାଇଁ ରାଜ୍ୟସ୍ତରୀୟ ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟି ଗଠନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପରି ଗ୍ରହଣ କରାଯାଇଛି। ସେହିପରି ରାଜ୍ୟ ବିଜେପି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ଅବହେଳା ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ଚାର୍ଜସିଟି ଡ୍ରାଫ୍ଟିଂ କମିଟ ଗଠନ ନିମନ୍ତେ ନିଷ୍ପତ୍ତି ହୋଇଛି। ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷ ରହିଥିବା ବେଳେ ପ୍ରସାଦ ହରିଚନ୍ଦନ ଆବାହକ ଭାବରେ ରହିଛନ୍ତି। ସେହିପରି ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ଶରତ ରାଉତ, ଅମରନାଥ ପ୍ରଧାନ, ମହମ୍ମଦ ମୋକିମ, ସିଏସ ରାଜନ ଏକ୍କା, ବନ୍ଦିତା ପରିଡ଼ା ଏବଂ ସିପ୍ରା ମଲ୍ଲିକ ପ୍ରମୁଖ ସଦସ୍ୟ ଭାବରେ ରହିଛନ୍ତି। ଅନୁରୂପ ଭାବରେ ଚାର୍ଜସିଟି ଡ୍ରାଫ୍ଟିଂ କମିଟିରେ ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ରହଥିବା ବେଳେ ସଦସ୍ୟ ଭାବରେ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ, ବିଶ୍ୱରଞ୍ଜନ ମହାନ୍ତି, ସସ୍ମିତା ବେହେରା, ଉଦିତ ପ୍ରଧାନ, ରଜନୀ ମହାନ୍ତି ଏବଂ ଜୟଶ୍ରୀ ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି।

### ଦୁଇଘଣ୍ଟାର ଛୁଆକୁ...

ଗୃହରେ କାମ କରୁଥିବା ସଂଯୁକ୍ତା ପାଳଙ୍କ ସହ ଆଲୋଚନା କରିଥିଲେ। ଖଇରପୁଟର ଏକ ଦମ୍ପତିଙ୍କୁ ପୁତ୍ର ସନ୍ତାନ ବିକ୍ରି କରିବା ଲାଗି ସ୍ଥିର କରିଥିଲେ। ପୁତ୍ର ସନ୍ତାନ ଜନ୍ମ ହେବା ମାତ୍ର ଦୁଇ ଘଣ୍ଟା ପରେ ପୁତ୍ର ସନ୍ତାନଟିକୁ ବିକ୍ରି କରିବା ସମୟରେ ଟଙ୍କା ନେଣଦେଣ ଚାଲିଥିବା ବେଳେ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ସେଠାରେ ପହଞ୍ଚି ଉଭୟ ମାଆ ଓ ଶିଶୁକୁ ଉଦ୍ଧାର କରିଥିଲା। ଘଟଣା ସମ୍ପର୍କରେ ମାଥିଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମାଆ ଓ ଶିଶୁକୁ ସ୍ୱାଧାର ଗୃହରେ ରଖାଯାଇ ସେମାନଙ୍କ ଯତ୍ନ ନେବା ସହ ଚିକିତ୍ସା କରାଯାଉଛି। ତେବେ, ବଡ଼କଥା ହେଉଛି ଯେ ସବିତା ପୁଣିଥରେ ମାଆ ହେବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ସୂଚନା ନାହିଁ।

CAD-494 | Email: itdagnp@nic.in

GOVERNMENT OF ODISHA
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, GUNUPUR
* * *

E-Procurement Notice
Bid Identification No: ITDAGNP – Online – 03 / 2024-25

No: 1002 / VII-89/2025 | Date: 20 .05.2025

1 Name of the Work : Construction of Building Works
2 Total No. of Works : 20 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online-03/2024-25 | 23.05.2025 at 10.00 A.M. | 05.06.25 up to 5.00 P.M. | 05.06.2025 up to 5.00 P.M. | 06.06.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

Project Administrator,
I.T.D.A., Gunupur.

OIPR-26072/11/0006/2526


**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**ନ୍ୟୁ ଟାୱର ଜୁଏଲର୍ସ**
ଥାନା ଛକ, ମେନ୍ ରୋଡ୍, ବରଗଡ଼
ଷ୍ଟାଫ୍ ଆବଶ୍ୟକ
ସେଲ୍ସ ଏକ୍ସିକ୍ୟୁଟିଭ୍ ପାଇଁ ଅନୁଭବୀ ଏବଂ ଅଭିଜ୍ଞ କାର୍ଯ୍ୟକର୍ତ୍ତା ଆବଶ୍ୟକ। ଯୋଗ୍ୟତା: ଅତିକମରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: 9937453211

**LOST**
I, Pradeepta Kumar Chhotaray, aged about 49 years, S/o.: Basudev Chhotaray, resident of At/PO.: Gadamatiapada, PS.: Kanasa, Dist.: Puri, At Present Kharavel Complex, K.C-22, Aiginia, PS.: Khandagiri, Bhubaneswar, Dist.: Khurda, Odisha, PIN-751019, do hereby solemnly affirm and State that, while I was travelling from Baramunda to Aiginia by my Bullet Motor Cycle, on dtd. 19.05.2025 at about 5.00 P.M., I have lost a Sale Deed bearing No.: 11131314651 somewhere else. Inspite of my best efforts I could not traced it out. If anyone found the above sale deed please contact on my Mobile No.: 9337975665

**AFFIDAVIT**
I, Khurshida Bano, W/o- Jamaluddin Khan, resident of ward No.-20, Sankarpur, Ps-Purna Bazar, Po/Dist.-Bhadrak, Pin-756100, Odisha declare by this affidavit No-5261, dtd-11/05/2025, that now onwards I shall be known as **KHURSHIDA BANU** for all future purposes.

**AFFIDAVIT**
By virtue of an affidavit before the Executive Magistrate, Sadar, Cuttack on 22.05.2025. I SRIDHARA PATI, resident of vill- Baulakuda, Po- Jhinkiria, Dist- Cuttack-754112 have changed my minor daughter's name from SMRUTIPRAGYANA PATI to SMRUTI PRAGYAN PATI as my minor daughter SMRUTIPRAGYANA PATI and SMRUTI PRAGYAN PATI is one & the same person. Henceforth she will be known as **SMRUTI PRAGYAN PATI** for all purposes.
Sd/- SRIDHARA PATI

**AFFIDAVIT**
By virtue of an affidavit sworn before the Executive Magistrate, Tangi, Dist- Khordha SL No: 762 dated 17/05/2025, I **SANJAY PENTHEI**, S/o Jogi Penthei resident of Village At - Badapokharipatna, Po- Kalupadaghat, Ps- Tangi, Dist- Khordha, Odisha Pin- 752022 declare that I have changed my minor daughter name from **Chinu Penthei** to **Mamina Penthei**. Henceforth, she shall be known as **MAMINA PENTHEI** for all purposes.
Sd- Sanjay Penthei

**AFFIDAVIT**
I Madhusmita Satpathy, W/o- Motilal Thakur, resident of Dream Villa - B36, Padasahi, Bhubaneswar - 751024, Dist: Khordha, Odisha, declare by this Affidavit No - 465 , Dt - 20.05.2025 that, now onwards, I shall be known as **Madhusmita Thakur** for all future purpose.

**AFFIDAVIT**
I, Shri Sami Dalei, S/o Samara Dalei, resident of Khajuriguda, PO- Kunduli, PS-Pottangi, Dist-Koraput, Odisha, do hereby declare that my son's Aadhar card bearing No. 2039 0003 6835 has erroneously recorded his name as Jana Dalei and his date of birth as 31/12/2009.That the correct name of my son is John Dalei and date of birth is 11/03/2010, as per his Birth Certificate (Regd. No. 327/2010). That Jana Dalei and John Dalei is one and the same person.

**AFFIDAVIT**
I Sri Gouranga Sahu S/O Late Binod Bihari Sahu my residential address AT- Nadpur, PO- Nuagaon, P.S –Baisinga, Dist. –Mayurbhanj, Odisha, Pin-757025.I swear this affidavit is to be produced before the Notary Public Betnoti Affidavit No. 24 Vol No 1 date-23.05.2025. My father name wrongly type from Binod Behari Sahu to Binod Bihari Sahu . That, the correct name of my father is **Binod Bihari Sahu** for all future purpose.
Gouranga Sahu

## ଅନ୍ତ୍ୟୋଦୟ ଗୃହ ଯୋଜନା, ୧୩୧୦ ଜଣଙ୍କୁ ମିଳିଛି କାର୍ଯ୍ୟାଦେଶ

# ଘର କରିବାକୁ ସାହସ ପାଉନି

ନୟାଗଡ଼, ୨୩।୫(ସମିସ)

ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ବୃଦ୍ଧବୃଦ୍ଧା, ଅସହାୟ ଓ ନିରାଶ୍ରୟଙ୍କୁ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ତଥା ୨୦୨୪/୨୫ ଆର୍ଥିକ ବର୍ଷରେ ନୟାଗଡ଼ ଜିଲ୍ଲାର ୧୩୧୦ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ, ୪ଟି ଏନଏସି ଓ ୧ଟି ପୌରାଞ୍ଚଳରୁ ହିତାଧିକାରୀଙ୍କୁ ଚୟନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ହିତାଧିକାରୀଙ୍କୁ ଜିଲ୍ଲା ପ୍ରଶାସନ କାର୍ଯ୍ୟାଦେଶ ପ୍ରଦାନ କରିଛି। ଜିଲ୍ଲାର ସମସ୍ତ ହିତାଧିକାରୀ କାର୍ଯ୍ୟାଦେଶ ପାଇ ସାରିଥିବା ବେଳେ ଅନେକ ବ୍ଲକରେ କିଛି ହିତାଧିକାରୀ ସେମାନଙ୍କ ପ୍ରଥମ କିସ୍ତି ଟଙ୍କା ପାଇ ପାରି ନାହାନ୍ତି। ଜିଲ୍ଲାର ୮୦ ପ୍ରତିଶତ ହିତାଧିକାରୀଙ୍କୁ ସେମାନଙ୍କ ପ୍ରଥମ କିସ୍ତି ମିଳି ସାରିଛି। ପ୍ରଥମ କିସ୍ତି ଓ କାର୍ଯ୍ୟାଦେଶ ପାଇବା ପରେ ହିତାଧିକାରୀମାନେ ଗୃହ ନିର୍ମାଣ ଆରମ୍ଭ କରିବା କଥା। ମାତ୍ର ଜିଲ୍ଲାରେ ୧୦ ପ୍ରତିଶତ ହିତାଧିକାରୀ ଏଯାଏଁ ଗୃହ ନିର୍ମାଣ ଆରମ୍ଭ କରିନଥିବା ସୂଚନା ମିଳିଛି। ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଅନୁଦାନ

**● ବାଲି, ଗୋଡ଼ି ମହଙ୍ଗା ବଡ଼ ସମସ୍ୟା**
**● ଆରମ୍ଭ ହୋଇପାରୁନି ନିର୍ମାଣ କାମ**

ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଯଦି ହିତାଧିକାରୀ ୪ ମାସରେ ଗୃହ ନିର୍ମାଣ ଶେଷ କରେ ତେବେ ୨୦ ହଜାର ଟଙ୍କା ପୁରସ୍କାର ରାଶି ଏବଂ ୬ ମାସରେ କାର୍ଯ୍ୟ ଶେଷ କଲେ ୧୦ ହଜାର ଟଙ୍କା ପୁରସ୍କାର ରାଶି ଦେବାର ବ୍ୟବସ୍ଥା ରହିଛି। ଏହି ଟଙ୍କାରେ ହିତାଧିକାରୀ ଘର ନିର୍ମାଣ କରିବାକୁ ସାହାସ ଜୁଟାଇ ପାରୁନାହିଁ। ନୟାଗଡ଼ ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ତଥା ବାଲି, ଗୋଡି ମହଙ୍ଗା ଦର ହିତାଧିକାରୀଙ୍କୁ ଭୟଭୀତ କରାଉଥିବା ଜଣାପଡ଼ିଛି। ଜଣେ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ସରକାରୀ ଅନୁଦାନରେ ୨୬୯ ସ୍କୋୟାର ଫୁଟ ଘର ନିର୍ମାଣ କରିବାକୁ ନିୟମ ରହିଛି। ଏତିକି ପରିମାଣର ଘର ନିର୍ମାଣ କରିବାକୁ ଗୋଟିଏ ହାଇୱା ଟ୍ରିପ ବାଲି, ଆବଶ୍ୟକୀୟ ଗୋଡି ଓ ମେଣ୍ଟାଲ, ଇଟା ଆଦି କିଣିବାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ ବୋଲି ହିତାଧିକାରୀମାନେ କହିଛନ୍ତି। ଜିଲ୍ଲାରେ ହାଇୱା ଟ୍ରିପ ବାଲି ୨୦ରୁ ୨୫ ହଜାର ଟଙ୍କା ବିକ୍ରି ହେଉଥିବା ବେଳେ ଗୋଡି ମୂଲ୍ୟ ଟ୍ରିପ ପିଛା ୪୦ରୁ ୪୫ ହଜାର ଟଙ୍କା ବିକ୍ରି ହେଉଛି। ଯାହା ଏବେ ହିତାଧିକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। କାର୍ଯ୍ୟାଦେଶ ବଣ୍ଟନ ହେବା ପରେ ବିଭିନ୍ନ ପଞ୍ଚାୟତରେ ଦଲାଲ ସକ୍ରିୟ ହୋଇ ହାତଗୁଞ୍ଜା ବାବଦରେ ହିତାଧିକାରୀଙ୍କଠାରୁ ୧୦ରୁ ୨୦ ହଜାର ଟଙ୍କା ଆଦାୟ କରିବା ଆରମ୍ଭ କରିଛନ୍ତି। ଫଳରେ ୧ ଲକ୍ଷ ଟଙ୍କାରେ ଜଣେ ହିତାଧିକାରୀ କିଭଳି ଘର ତିଆରି କରିବ ବୋଲି ପ୍ରଶ୍ନ ଉଠିଛି। ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

### ପୁଣି ଚୟନ ହେବେ ୨୭୬୬ ହିତାଧିକାରୀ

ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନୟାଗଡ଼ ଜିଲ୍ଲାରୁ ୨୭୬୬ ଜଣ ନୂଆ ହିତାଧିକାରୀ ଚୟନ କରିବାକୁ ନିର୍ଦ୍ଦେଶ ଆସିଛି। ଯାହାକୁ ନେଇ ନୟାଗଡ଼ ଜିଲ୍ଲା ପ୍ରଶାସନ ଜିଲ୍ଲାର ୧୯୪ ପଞ୍ଚାୟତରୁ ୧୪ ଜଣ ଲେଖାଏଁ ହିତାଧିକାରୀ ଚୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଳକା ୫୦ଟି ଗୃହ ଜିଲ୍ଲା ପ୍ରଶାସନ ହାତରେ ରହିବ ବୋଲି ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ନିର୍ଦ୍ଦେଶ କିମ୍ବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ନିର୍ଦ୍ଦେଶ ମୁତାବକ ଚୟନ କରାଯିବାକୁ ଯୋଜନା ରହିଛି। ଜିଲ୍ଲାରେ ସ୍ୱଚ୍ଛତାର ସହ ହିତାଧିକାରୀ ଚୟନ କରିବାକୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିବା ସୂଚନା ମିଳିଛି।

**● ଡାହୁକା, ଲୁଣିଝରା, ରାଇନାଳ ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ**

## ସଫେଇ ହେବ ନଦୀ, ଫେରିବ ସୌନ୍ଦର୍ଯ୍ୟ

ନୟାଗଡ଼, ୨୩।୫(ସମିସ): ଦିନକୁ ଦିନ ନଷ୍ଟ ହେଉଛି ନଦୀର ସୌନ୍ଦର୍ଯ୍ୟ। ନଦୀ ଭିତରେ କାଶତଣ୍ଡି ଫୁଲ ତଥା ଜୁଣ ଭର୍ତ୍ତି। ନଦୀ ଶଯ୍ୟା ମଧ୍ୟ ଦିନକୁ ଦିନ ଅସମତଳ ହୋଇ ସାରିଛି। ନଦୀର ବିକଳାଙ୍ଗ ଅବସ୍ଥାକୁ ଦେଖିଲେ ଭୟ ଲାଗୁଛି। ନୟାଗଡ଼ ଜିଲ୍ଲାର ୪ଟି ନଦୀ ତଥା ନାଳକୁ ପ୍ରାଥମିକ ପର୍ଯ୍ୟାୟରେ ପୁନରୁଦ୍ଧାର କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉଦ୍ୟମ କ୍ରମେ ଡ୍ରେନେଜ୍ ବିଭାଗ ଏହି କାର୍ଯ୍ୟ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛି। ନୟାଗଡ଼ ବ୍ଲକ ବାଲୁଗାଁ ଅଞ୍ଚଳ ଦେଇ ବହି ଯାଇଥିବା ରାଇନାଳକୁ ପ୍ରଥମ ପର୍ଯ୍ୟାୟରେ ପୁନଃରୁଦ୍ଧାର କରିବାକୁ ଟେଣ୍ଡର ସରିଛି। ଏହି ନାଳ ପୁନଃରୁଦ୍ଧାର ପାଇଁ ୮୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ୧୦ କିଲୋମିଟର ଲମ୍ବ ଏହି ନାଳ ଶଯ୍ୟାକୁ ସଫା କରାଯିବା ସହ ସମତୁଳ କରାଯିବ ବୋଲି ଜଣାପଡ଼ିଛି। ସେହିଭଳି ଭାବେ ନୟାଗଡ଼ ସହର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟସ୍ଥ ଅନ୍ତନାଗ ନାଳକୁ ପୁନଃରୁଦ୍ଧାର କରାଯିବାକୁ ଯୋଜନା କରାଯାଇଛି। ୭୦ରୁ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଅଢ଼େଇ କିଲୋମିଟର ଲମ୍ବ ଏହି ନାଳ ପୁନଃରୁଦ୍ଧାର ସହ ବନ୍ଧ କାମ କରିବାକୁ ବିଭାଗ ଯୋଜନା କରିଛି। ନୟାଗଡ଼ ସହର ମଧ୍ୟରେ ରହିଥିବା ଏହି ନାଳ ପୁନଃରୁଦ୍ଧାର ହେଲେ ସହର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ପାହାଡରୁ ବହି ଆସୁଥିବା ଏହି ନାଳ ଅନ୍ୟତମ ଆକର୍ଷଣ ପାଲଟିବ। ଏହା ସହିତ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅଞ୍ଚଳରୁ ନୟାଗଡ଼ ବ୍ଲକ ଦେଇ ଖଣ୍ଡପଡ଼ାକୁ ଯାଇଥିବା ଦୁଇଟି ପ୍ରମୁଖ ନଦୀ ଲୁଣିଝରା ଓ ଡାହୁକାକୁ ମଧ୍ୟ ପୁନଃରୁଦ୍ଧାର କରାଯିବ। ୧୪ କିଲୋମିଟର ଲେଖାଏଁ ଲମ୍ବ ଏହି ଦୁଇଟି ନଦୀ ପୁନଃରୁଦ୍ଧାର କରିବାକୁ ୨ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି। ଏହି ଯୋଜନା ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କୁ ଡ୍ରେନେଜ ବିଭାଗ ପ୍ରଦାନ କରିଛି। ନଦୀ ଶଯ୍ୟାରେ ବଢିଥିବା ଜୁଣ ସଫେଇ, ଶଯ୍ୟା ସମତୁଲ ଏବଂ ନଦୀକୁ ଲାଗି ରହିଥିବା ମାଟି ଅଂଶକୁ ମଜବୁତ କରିବାକୁ ଯୋଜନା ରହିଛି।

## ନୃତ୍ୟଶିଳ୍ପୀ ବିଭୂ ପାଇଲେ ଜାତୀୟ ମେଧାବୃତ୍ତି



ଖୋର୍ଦ୍ଧା, ୨୩।୫(ସମିସ): ଖୋର୍ଦ୍ଧା ଉପକଣ୍ଠ ଅର୍ଜୁନପୁର ଗ୍ରାମର ଯୁବ ନୃତ୍ୟଶିଳ୍ପୀ ବିଭୂପ୍ରସାଦ ବେହେରା ଜାତୀୟ ମେଧାବୃତି ପାଇଁ ମନୋନୀତ ହୋଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୨୦୨୨-୨୩ ବର୍ଷ ପାଇଁ ଓଡ଼ିଶୀ ନୃତ୍ୟ ପାଇଁ ମେଧା ଛାତ୍ର ବୃତି ପାଇଛନ୍ତି। ହେମନ୍ତ କୁମାର ମହାପାତ୍ର ଓ ମାତା ରୀନାଙ୍କ ପୁତ୍ର ବିଭୂ ଛାତ୍ର ଜୀବନରୁ ନୃତ୍ୟ ଶିକ୍ଷା ପ୍ରତି ଆଗ୍ରହ ରହିଥିଲା। ଗୁରୁ ନିରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଗୁରୁ ଡ. ମନୋଜ କୁମାର ବେହେରାଙ୍କ ମାର୍ଗଦର୍ଶନରେ ସେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୧୦ମ ପାସ୍ ପରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନୃତ୍ୟଶିକ୍ଷା ଅଧ୍ୟୟନ ସମୟରେ ଗୁରୁ ଲିଙ୍ଗରାଜ ପ୍ରଧାନ ଓ ପଙ୍କଜ ପ୍ରଧାନଙ୍କ ଠାରୁ ନୃତ୍ୟ ଶିକ୍ଷାଲାଭ କରିଥିଲେ। ୨୦୧୭ରେ ଗୋଟିପୁଅ ନୃତ୍ୟ କନିଷ୍ଠ ବିଭାଗରେ ଛାତ୍ର ବୃତି ପାଇଥିଲେ। ଏବେ ସେ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓଡ଼ିଶୀ ନୃତ୍ୟ ବିଭାଗରେ ୨ୟ ବର୍ଷ ସ୍ନାତକୋତର ଛାତ୍ର ଅଟନ୍ତି। ତାଙ୍କ ଏହି ସଫଳତା ପାଇଁ ସମସ୍ତ ନୃତ୍ୟ ଗୁରୁ ଏବଂ ମାତାପିତାଙ୍କ ପ୍ରେରଣା, ଆର୍ଶୀବାଦରୁ ସମ୍ଭବ ବୋଲି କହିଛନ୍ତି।

## ୪୦ ଫୁଟ କୂଅରେ ପଡ଼ିଗଲେ ଯୁବକ



ବୋଲଗଡ଼, ୨୩।୫(ସମିସ): କୂଅ ଭିତରେ ପଡ଼ିଯାଇଥିବା ଜଣେ ଯୁବକଙ୍କୁ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଅଗ୍ନିଶମ ବାହିନୀ କର୍ମଚାରୀ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ଯୁବକ ଜଣକ ବୋଲଗଡ଼ ଗଡ଼ଭିତର ପ୍ରଧାନସାହିର କିଶୋର ଚନ୍ଦ୍ର ଫତେସିଂହ(୩୬)। ଉଦ୍ଧାର ପରେ କିଶୋର ଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପ୍ରକାଶ ଯେ, କିଶୋର କୂଅ ଭିତରେ ପଡ଼ିଯାଇଥିବା ଖବର ପାଇ ବୋଲଗଡ଼ ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନେ ସହକାରୀ ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସଙ୍କ ନେତୃତ୍ୱରେ ତତ୍‌କ୍ଷଣାତ ଯାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। କୂଅଟିର ଗୋଲେଇ କମ ଥିବା ସହିତ ପ୍ରାୟ ୪୦ ଫୁଟ ତଳକୁ କିଶୋର ପଡ଼ିଯାଇଥିଲେ। ଅଗ୍ନିଶମ କର୍ମଚାରୀ ମାନସ କୁମାର ସ୍ୱାଇଁ ଜୀବନକୁ ବାଜି ଲଗାଇ କୂଅ ଭିତରେ ପଶି କିଶୋରଙ୍କ ଅଣ୍ଟାକୁ ଏକ ରଶିରେ ବାନ୍ଧିବା ସହ ତଳୁ କାନ୍ଧରେ ଟେକି ଧରି ସିଡ଼ି ସାହାଯ୍ୟରେ ଉଦ୍ଧାର କରିଥିଲେ।

## ପିକ୍‌ଅପ୍ ଓଲଟି ଜଣେ ମୃତ; ୧୨ ଆହତ

ବାଲୁଗାଁ, ୨୩।୫(ସମିସ): ଏକ ପିକଅପ୍ ଭ୍ୟାନ୍‌ରେ ଚାଳକଙ୍କ ସମେତ ବାଲୁଗାଁ ଥାନା ଅଞ୍ଚଳର ୧୫ ଜଣ ଯୁବକ ଗଞ୍ଜାମ ଜିଲ୍ଲା ବଟେଶ୍ୱରରୁ ବଣଭୋଜି ସାରି ଫେରିବା ବାଟରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଆହତ ହୋଇ ଚିକିତ୍ସାଧିନ ଅଛନ୍ତି। ମୃତ ଯୁବକ ଜଣଙ୍କ ହେଉଛନ୍ତି ବାଲୁଗାଁ ଶାନ୍ତି ନଗରର ସୁରଞ୍ଜନ ବିଶ୍ୱାସ (୧୯)। ସୂଚନା ମୁତାବକ ଶୁକ୍ରବାର ସକାଳୁ ଏକ ପିକଅପ୍ ଭ୍ୟାନରେ ଗାଡି ଚାଳକଙ୍କ ସମେତ ବାଲୁଗାଁ ଶାନ୍ତି ନଗର ଅଞ୍ଚଳର ୧୫ ଜଣ ଯୁବକ ବଣଭୋଜି କରିବାକୁ ପଡୋଶୀ ଗଞ୍ଜାମ ଜିଲ୍ଲାର ବଟେଶ୍ୱର ଯାଇଥିଲେ। ସେଠାରୁ ଭୋଜି ସାରି ଫେରୁଥିବା ବେଳେ ଏକ ବୁଲାଣିରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡିଟି ରାସ୍ତା ପାଖକୁ ଓଲଟି ପଡ଼ିଥିଲା। ଫଳରେ ଜଣଙ୍କର ମତ୍ୟୁ ଘଟିଥିବା ସହ ୧୨ଜଣ ଆହତ ହୋଇ ଚିକିତ୍ସା ନିମନ୍ତେ ରମ୍ଭା ଓ ବାଲୁଗାଁ ଡାକ୍ତରଖାନା ଭର୍ତ୍ତି କରାଯାଇ ଚିକିତ୍ସାଧିନ ଥିଲେ। ତନ୍ମଧ୍ୟରୁ ପ୍ରଥମେ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ୨ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ଜଣଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ମହାଦେବ ମନ୍ଦିରରୁ ଚୋରି

ନୟାହାଟ, ୨୩।୫(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ତଲି ପଞ୍ଚାୟତ ସୋହଣା ଶାସନ ଗ୍ରାମରେ ଥିବା ବାବା ତ୍ରିଲୋଚନସୋର ମହାଦେବ ମନ୍ଦିର ରୁ ହୁଣ୍ଡି ଭାଙ୍ଗି ନଗଦ ୩୦ହଜାରେ ଟଙ୍କା ଓ ଘଣ୍ଟ ଝାଞ୍ଜ, ଗିନି ପ୍ରମୁଖ ୧୫ ହଜାରେ ଟଙ୍କା ସମୁଦାୟ ୪୫ହଜାର ଟଙ୍କା ଚୋରି ହେଇଥିବା ଗ୍ରାମର ବଂଶୀଧର ନାୟକ ନୟାହାଟ ଫାଣ୍ଡିରେ ଗତ ୨୨ତାରିଖ ଦିନ ଅଭିଯୋଗ କରିଛନ୍ତି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣା ସ୍ଥଳକୁ ଯାଇ ତଦନ୍ତ ଜାରି ରଖିଥିବା ବେଳେ ଗୋପ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ଆକ୍ରମଣକାରୀକୁ ୩ବର୍ଷ ସଶ୍ରମ କାରାଦଣ୍ଡ

ଓଡଗାଁ, ୨୩।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଦାଲତରେ ଶୁକ୍ରବାର ଏକ ଫୌଜଦାରୀ ମାମଲାର ବିଚାରକରି ସହକାରୀ ଦୌରାଜଜ ଜନ୍ମେଜୟ ଦାସ ଆସାମୀ ଲକ୍ଷ୍ମୀଧର ଭୋଳକୁ ୩୨୪ ଆଇସିସି ଧାରା ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଲକ୍ଷ୍ମୀଧର ଭୋଳ ଗମ୍ଭାରିଡିହି ଗ୍ରାମର ପଦାରି ପ୍ରଧାନ ଓ ତାଙ୍କ ସ୍ତ୍ରୀ କୁମାରୀ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ଫଳରେ ପଦାରି ପ୍ରଧାନ ଶରଣକୁଳ ଥାନାରେ ୨୦୨୨ମସିହା ଜୁନ୍ ମାସ ୧୨ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଶରଣକୁଳ ଥାନାରେ ଏନେଇ ୭୨/୨୨ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ପରେ ଅଭିଯୁକ୍ତ ଲକ୍ଷ୍ମୀଧର ଭୋଳକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଏବଂ ସେ ଜାମିନରେ ଆସି ମାମଲା ଲଢୁଥିଲେ। ଶୁକ୍ରବାର ବିଚାରପତି ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସଜା ଶୁଣାଇବା ପରେ ପୁଣି ଅପିଲ କରି ଜାମିନରେ ଯାଇଥିଲେ। ଉକ୍ତ ମାମଲାକୁ ଅତିରିକ୍ତ ସରକାରୀ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ବାଣପୁର କୋର୍ଟରେ ତାଲୁକ ଆଇନ ସଚେତନତା ଶିବିର

ବାଣପୁର, ୨୩।୫(ସମିସ): ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଣପୁର ସିଭିଲ କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ସମିତି




ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ତଥା ଜନ ଉପଯୋଗୀ ସେବା, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ଏବଂ ମଧ୍ୟସ୍ଥତା କେନ୍ଦ୍ର ଆଦି ଆଇନ ସମ୍ପର୍କରେ ଆଲୋକପାତ କରିବା ସହ ଉକ୍ତ ଆଇନ ସେବା ଦ୍ୱାରା ଲୋକେ ଅଯଥା କୋର୍ଟ କଚେରୀର ଦ୍ୱାରସ୍ତ ନ ହୋଇ ତଥା ଅଜଥା ଖର୍ଚ୍ଚାନ୍ତ ନ ହୋଇ ନିଃଶୁଳ୍କରେ ନିଜର ଆଇନଗତ ସମସ୍ୟାର ସମାଧାନ କରିପାରିବେ ବୋଲି କହିଥିଲେ ବିଚାରପତି। ଏଥିରେ ଓକିଲ ସଂଘ ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ଜଗଦୀଶ ପଟ୍ଟନାୟକ, ଉପ ସଭାପତି ପଦ୍ମଜା ପଟ୍ଟନାୟକ ଓ ଆଇନଜୀବୀ ଦେବୀପ୍ରସାଦ ସାମନ୍ତରାୟଙ୍କ ସମେତ ଅନ୍ୟ ଓକିଲ ଓ କୋର୍ଟ କର୍ମକର୍ତ୍ତା ମାନେ ଯୋଗ ଦେଇ ଉକ୍ତ ସେବା ଦ୍ୱାରା ଲୋକମାନଙ୍କ ଦୀର୍ଘଦିନର ବିବାଦ ଗୁଡିକ ମଧ୍ୟ ଆଇନ ଅନୁଯାୟୀ ସମାଧାନ ହୋଇ ପାରିବ ବୋଲି ଅବଗତ କରିଥିଲେ।

## ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ବେଗୁନିଆ, ୨୩।୫(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରେଣା ଗ୍ରାମରେ ନଅ ଦିନ ଧରି ଚାଲିଥିବା ରାମ ଚରିତ ମାନସ ନବାହ୍ନ ପାରାୟଣ ଉଦଯାପିତ ହୋଇଛି। ଏଥିର ବୈଦିକ ରୀତିନୀତି ଅନୁଯାଇ ବ୍ୟାସ ରମାକାନ୍ତ ହୋତା ଓ ପଣ୍ଡିତ ବସନ୍ତ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଶୁଭାଧିବାସ, ହନୁମାନଚାଳିଶା, କଳସପୂଜା ଓ ସୂର୍ଯ୍ୟପୂଜା ହୋଇଥିଲା। ପରେ ପ୍ରବଚକ ସୁଦାମ ଚରଣ ଦାଶ, ସନ୍ତୋଷ କୁମାର ମହାପାତ୍ର ଓ କାଶୀନାଥ ଦାଶ ଯୋଗ ଦେଇ ଶି?ପାର୍ବତୀବିବାହ, ଶ୍ରୀରାମଜନ୍ମ, ସୀତାବିବାହ, ଶ୍ରୀରାମ ବନବାସ, କୈବର୍ତ୍ତ ପ୍ରସଙ୍ଗ, ଭରତଙ୍କ ଚିତ୍ରକୂଟଯାତ୍ରା, ରାମାଭିଷେକ ଓ କାକଭୁଷଣ୍ଡି ଚରିତ ଉପରେ ବ୍ୟାଖା କରିଥିଲେ। ଅନ୍ତିମ ସନ୍ଧ୍ୟାରେ ରାମ ଚରିତ ମାନସ ମହାଗ୍ରନ୍ଥରେ ସତସଙ୍ଗର ମହିମା ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଅଙ୍କିତା ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ସରୋଜକୁମାର ମହାପାତ୍ର, ଭିକାରୀ ଚରଣ ପଣ୍ଡା, ବିପିନବିହାରୀ ମହାପାତ୍ର ଓ ବ୍ରଜବିହାରୀ ପଣ୍ଡାଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଓଡଗାଁ, ୨୩।୫(ସମିସ): ଭାପୁର ବ୍ଲକ ବିଜିପୁର ଗ୍ରାମର ବରିଷ୍ଠ ଶିକ୍ଷାବିତ୍ ଯୋଗୀନାଥ ପଟ୍ଟନାୟକଙ୍କ ପତ୍ନୀ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ଶଶୁର ହରିହର ପଟ୍ଟନାୟକ ଅବିଭକ୍ତ ବିଜିପୁର ପଞ୍ଚାୟତ ଓ ବଡ ଯାଆ ମଞ୍ଜୁଲତା ପଟ୍ଟନାୟକ ଦୀର୍ଘ ଦିନ ଧରି ବିଜିପୁର ପଞ୍ଚାୟତର ସରପଞ୍ଚ ରହିଥିଲେ। ତାଙ୍କ ପୁତୁରା ସଂଗ୍ରାମ କେଶରୀ ପଟ୍ଟନାୟକ ଭାପୁର ଅଞ୍ଚଳର ଜଣେ ଆଗଧାଡିର ସାମ୍ବାଦିକ। ଶ୍ରୀମତୀ ଦାସ କିଛି ମାସ ହେଲା ରୋଗ ଶଯ୍ୟାରେ ରହି ଭୁବନେଶ୍ୱରରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଶେଷ ଦର୍ଶନ ପାଇଁ ଅଞ୍ଚଳର ଅନେକ ବ୍ୟକ୍ତି ବିଜିପୁର ବାସଭବନରେ ପହଞ୍ଚିଥିଲେ। ଗାଁ ଶ୍ମଶାନରେ ଶୁକ୍ରବାର ରାତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୁଧିର ମୁଖାଗ୍ନି ଦେଇଥିଲେ।

## ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ବାଣପୁର, ୨୩।୫(ସମିସ): ବାଣପୁରର ସାହିତ୍ୟ ସିନ୍ଦୂରା ଓ ପରିଡ଼ା ପାଠାଗାର ଅନୁଷ୍ଠାନ ତରଫରୁ ସ୍ଥାନୀୟ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରକୁ ସାହିତ୍ୟ ସିନ୍ଦୂରାର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା ଉଦ୍‌ଘାଟନ କରିଥିବା ବେଳେ ଭୁବନେଶ୍ୱର ଓଲଡଟାଉନ ସ୍ଥିତ ମୁନ୍ ଆଇ ହସ୍ପିଟାଲର ଅଭିଜ୍ଞ ଡାକ୍ତରୀ ଦଳ ସାମିଲ ହୋଇ ଆଖପାଖ ବିଭିନ୍ନ ଗ୍ରାମରୁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ମୁନ ଆଇ ହସ୍ପିଟାଲ ତରଫରୁ ୫ ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର ନିମନ୍ତେ ହସ୍ପିଟାଲକୁ ନିଆଯାଇ ସଫଳ ଅସ୍ତ୍ରୋପଚାର ପରେ ସେମାନଙ୍କୁ ଘରକୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ଶିବ ନାରାୟଣ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ କ୍ୟାମ୍ପ ଅର୍ଗାନାଇଜର ସନ୍ତୋଷ କୁମାର ପାତ୍ର, ଫିଲ୍ଡ ଆସିଷ୍ଟାଣ୍ଟ ନାରାୟଣ ବେହେରା, କଳ୍ପନା ପ୍ରଧାନ, ମମତା ପଣ୍ଡା, ସୁଶ୍ରୀ ସୁନିତା ସାହୁ,



ନବକିଶୋର ପ୍ରଧାନ, ଅନନ୍ତ ଚରଣଟେଇ ଓ ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଅତିରିକ୍ତ ତହସିଲଦାରଙ୍କ ପିତୃ ବିୟୋଗ

ବେଗୁନିଆ, ୨୩।୫(ସମିସ): ପୁରୀ ଶ୍ରୀମନ୍ଦିର ପ୍ରଶାସନ ଅଧିନ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପିତା ଭରତ ମହାପାତ୍ର(୭୩) ଙ୍କର ପରଲୋକ ଘଟିଛି। ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଶ୍ମଶାନରେ ତିନିପୁଅ ପୂର୍ଣ୍ଣଚନ୍ଦ୍ର, କୃଷ୍ଣଚନ୍ଦ୍ର ଓ ଗୋବିନ୍ଦଚନ୍ଦ୍ର ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ସମିତିସଭ୍ୟ ଡ଼ଃ ଶିଶିର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ସମାଜସେବୀ କାଳନ୍ଦୀ ଚରଣ ମହାପାତ୍ର ଓ ମନମୋହନ ପାଣିଗ୍ରାହୀ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

**● ଜାତୀୟ କୁଡ଼ୋ ପ୍ରତିଯୋଗିତା ବିଜେତା କପ୍**

## ବ୍ରୋଞ୍ଜ ପଦକ ହାସଲ କଲେ ପ୍ରିସ୍କିଲା

ବେଗୁନିଆ, ୨୩।୫(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଓ କବିତା ନାୟକଙ୍କ ଝିଅ ପ୍ରିସ୍କିଲା ଜାତୀୟସ୍ତରର କୁଡୋ ପ୍ରତିଯୋଗିତାର ବିଜେତା କପର ତୃତୀୟ ବାର୍ଷିକ ଉତ୍ସବରେ ବ୍ରୋଞ୍ଜ ପଦକ ହାସଲ କରି ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାଟି ୧୬ ବର୍ଷରୁ କମ ବର୍ଗର ଯୁବକ/ଯୁବତୀମାନଙ୍କୁ ନେଇ ମହାରାଷ୍ଟ୍ର ପୁନେ ଜିଲ୍ଲାର ଫୁଲଗାଁଠାରେ ଛଅ ଦିନ ଧରି ଚାଲିଥିଲା। ଏପରିକି ପୂର୍ବରୁ କୋଚ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରିସ୍କିଲା ଓଡ଼ିଶାରେ ରାଜ୍ୟ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଯିଏ କି ଭୁବନେଶ୍ୱର ସ୍ଥିତ କେଦାର ଗୌରୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନବମ ଶ୍ରେଣୀରେ ଅଧ୍ୟୟନରତ ଥିବାବେଳେ ସୁନ୍ଦରପଦା ସ୍ଥିତ ବାପୁଜୀ କ୍ଲବ ପରିସରରେ କୁଡୋ ଖେଳର ପ୍ରଶିକ୍ଷଣ ନେଉଛନ୍ତି। ଏ ନେଇ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଶୁଭେଚ୍ଛା ଜଣାଇଛନ୍ତି।




## ପଦୋନ୍ନତିରେ 'ଓଟିଇଟି' ଖଣ୍ଡା; ପ୍ରତିବାଦରେ ଶିକ୍ଷକଙ୍କ ଧାରଣା

ଟାଙ୍ଗୀ, ୨୩।୫(ସମିସ)

ଟାଙ୍ଗୀ ବ୍ଲକ ପ୍ରାଥମିକ ବିଦ୍ୟାଳୟ ସଂଘ (ପିଷ୍ଟା) ପକ୍ଷରୁ ପଦୋନ୍ନତି କ୍ଷେତ୍ରରେ ଓଟିଇଟି ପ୍ରମାଣପତ୍ରର ବାଧ୍ୟତାମୂଳକ ବିରୋଧରେ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଆଜି ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଜାରି ଚିଠି ମୁତାବକ ଯେଉଁମାନେ ଓଟିଇଟି ପାସ୍ କରି ନାହାନ୍ତି ସେମାନଙ୍କୁ ଲେବଲ ଭି-ଏରୁ ଲେବଲ ଭି-ବିକୁ ପଦୋନ୍ନତି ମିଳିବ ନାହିଁ। ଯାହାକି ସାରା ରାଜ୍ୟରେ ପ୍ରାୟ ୬୦ ହଜାର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପେଟକୁ ଲାତ ମାରିବା ସଦୃଶ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୨୦୧୯ କ୍ୟାଡର୍ ରୁଲ ଚିଠି କ୍ରମାଙ୍କ ୫୭୫୪ ତାରିଖ ୮/୩/୨୦୧୯ ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ନିମନ୍ତେ ଓଟିଇଟି ଦେବା ନିୟମ ବାହାର କରାଯାଇ ନଥିଲା। ଏହା କଣ ସରକାର ଜାଣିପାରି ନଥିଲେ ବୋଲି ସଂଘ ପ୍ରଶ୍ନ କରିଛି। ଏହାପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୬ ମେ' ୨୦୨୩ ରେ ପଦୋନ୍ନତି ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଚିଠି ଦିଆ ଯାଇଥିଲା। ଉକ୍ତ ଚିଠିରେ ଲେଖା ରହିଥିଲା କି ୧୧ ଫେବୃଆରୀ ୨୦୧୧ ବିଜ୍ଞପ୍ତି ଅନୁସାରେ ଯେଉଁମାନେ ନିଯୁକ୍ତି ପାଇଥିବେ ସେମାନଙ୍କ ପାଇଁ ଓଟିଇଟି ବାଧ୍ୟତାମୂଳକ କରାଗଲା ଓ ସେହି ଅନୁସାରେ ଏହାପରେ ଯେଉଁମାନେ ନିଯୁକ୍ତି ପାଇବେ ସେମାନେ ଓଟିଇଟି ପାସ୍ କଲା ପରେ ଯାଇ ନିଯୁକ୍ତି ପାଇବେ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ସଦ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଚିଠିରେ ଯେଉଁମାନେ ୧୧ ଫେବୃଆରୀ ୨୦୧୧ ପୂର୍ବରୁ ନିଯୁକ୍ତି ପାଇଛନ୍ତି ଓଟିଇଟି ପାସ୍ କରି ନଥିଲେ ଲେଭଲ ଭି-ଏରୁ ଲେଭେଲ ଭି-ବିକୁ ପଦୋନ୍ନତି ପାଇ ପାରିବେ ନାହିଁ। ଯଦି ଏହି ଚିଠିକୁ କାର୍ଯ୍ୟକାରୀ କରାଯାଇ ପଦୋନ୍ନତି ଦିଆଯାଏ ତେବେ ସଂଖ୍ୟାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ବରିଷ୍ଠତା ହରାଇ ବସିବେ ଏବଂ ପଦୋନ୍ନତି ତାଙ୍କ ଚାକିରି କାଳରେ ଏକ ଦିବାସ୍ୱପ୍ନ ହୋଇ ରହିଯିବ। ତେଣୁ ସରକାର ତୁରନ୍ତ ଏହାକୁ ଧ୍ୟାନ ଦେଇ ଉକ୍ତ ଚିଠିକୁ ପ୍ରତ୍ୟାହାର କରି ନେବାକୁ ସଂଘ ଦାବି କରିଛି। ଆଜିର ଏହି ଗଣଧାରଣାର ନେତୃତ୍ୱ ନେଇଥିଲେ ସଂଘର ସଭାପତି ଅମ୍ଳାନ ପ୍ରହରାଜ, ଉପ ସଭାପତି ଅମର କୁମାର ଜୟସିଂ, ସମ୍ପାଦକ ଦେବାନନ୍ଦ ବେହରା, ରାଜ୍ୟ ସଙ୍ଘ କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ୍, ଏବଂ ଭାଗ ନେଇଥିଲେ ପ୍ରାକ୍ତନ ଶିକ୍ଷକ ସଂଘ ଓଷ୍ଟା ସଭାପତି ପଦ୍ମନାଭ ବିଶ୍ୱାଳ, ପ୍ରଦୀପ କୁମାର ପରିଡ଼ା, ବିଭୂତି ଭୂଷଣ ଜୁଝାର ସିଂ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରସନ୍ନ କୁମାର ପଣ୍ଡିତ, ଭାଗ୍ୟଲକ୍ଷ୍ମୀ ଦାଶ, କବିଲତା ଦାଶ, ରେଣୁବାଳା ବେହେରା, ମମତା ବେହେରା, ସଂଯୁକ୍ତା ପଟ୍ଟନାୟକ ମୀନତି ହରିଚନ୍ଦନ, ବିଜୟ ସେଠୀ, ନିଳାଦ୍ରି ସିଂ, ପ୍ରଜ୍ଞା ପ୍ରଣୀତା ମଙ୍ଗରାଜ, ପ୍ରଣତି ବେହେରା, ବଳରାମ ବେହେରା, ଧରଣୀ ଧର ମହତ ରାୟ, ସିଦ୍ଧାର୍ଥ ମିଶ୍ର ପ୍ରମୁଖ ଷାଠିଏ ଜଣ ଶିକ୍ଷକ ଶିକ୍ଷୟିତ୍ରୀ। ଶିକ୍ଷକ ସଂଘ ପକ୍ଷରୁ ସହ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀଙ୍କୁ ସ୍ମାରକ ପତ୍ର ଦିଆଯାଇ ଧାରଣାକୁ ପ୍ରତ୍ୟାହୃତ କରାଯାଇଥିଲା।



# ରିଜିଓନାଲ କଲେଜ ଛାତ୍ର ରାଜେଶ ବ୍ଲକ୍ ଟପ୍ପର



ନିମାପଡ଼ା, ୨୩।୫(ସମିସ): ନିମାପଡ଼ାସ୍ଥିତ ରିଜିଓନାଲ ସାଇନ୍ସ କଲେଜର ଛାତ୍ର ରାଜେଶ ସ୍ୱାଇଁ ଚଳିତ ଯୁକ୍ତ ଦୁଇ ପରୀକ୍ଷାରେ ବ୍ଲକ ଟପ୍ପର ହେବା ସହ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାରେ ରାଜେଶ ୬ ଶହରୁ ୫୬୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ପୁରୀ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ପୁରୀ ଜିଲ୍ଲା ସୁଆଣ୍ଡୋ ନିକଟବର୍ତ୍ତୀ ଚିଲପାଟଣା ଗ୍ରାମର ବୈଦନାଥ ସ୍ୱାଇଁ ଓ ମାତା ମମତା ସ୍ୱାଇଁଙ୍କ ପୁତ୍ର ରାଜେଶ। ରାଜେଶ ଭବିଷ୍ୟତରେ ଜଣେ ସଫଳ ଇଂଜିନିୟର ହେବା ପାଇଁ ଲକ୍ଷ ରଖିଥିବା ପ୍ରକାଶ କରିଛନ୍ତି। ତାଙ୍କର ଏ ସଫଳତା ପାଇଁ କଲେଜର ଚେୟାରମ୍ୟାନ ଶ୍ରୀକାନ୍ତ ସାମନ୍ତରାୟଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ବାପାମାଆଙ୍କୁ ଶ୍ରେୟ ଦେଇଛନ୍ତି।

# ସେବା ସେବା ଉଦ୍ଯାପିତ

ପୁରୀ,୨୩।୫(ସମିସ): ପ୍ରଚଣ୍ଡ ରୌଦ୍ରତାପରେ ତୃଷାର୍ତ୍ତଙ୍କୁ ଜଳଦାନ ଭଳି ସେବାକୁ ଅନେକ ଆପଣାଇଥାନ୍ତି। ଏହି କ୍ରମରେ ଦୀର୍ଘ ୪୫ଦିନ ଧରି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ଜାତୀୟ ସେବା ସଂସ୍ଥା ପୁରସ୍କାରପ୍ରାପ୍ତ ଓମ୍ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଚାଲିଥିବା ଦହିସର୍ବତ ଦାନ ବଦଳରେ ଠାକୁରଙ୍କ ଜଳକ୍ରୀଡା ଏକାଦଶୀ ଉପଲକ୍ଷେ ଶୁକ୍ରବାର ତୃଷାର୍ତ୍ତମାନଙ୍କୁ ଲସି ବଣ୍ଟନ କରାଯାଇଛି। ଏଥିସହ ୪୫ ଦିନ ଧରି ଚାଲିଥିବା ଏହି ସେବାର ଉଦ୍ଯାପନ ହୋଇଛି। ଏଥିରେ ସମାଜସେବୀ ବଦ୍ରି ମିଶ୍ର ଯୋଗଦେଇ ଲସି ବଣ୍ଟନର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସେବାରେ ରେ ସହଯୋଗ କରିଥିଲେ ପ୍ରିୟଙ୍କା ବିଶ୍ୱାଳ, ଶୁଭଶ୍ରୀ ଜେନା, ତୃପ୍ତିମୟୀ ଶତପଥୀ, କବୀର ସୋରେନ୍, ଜୟନ୍ତ ମଲ୍ଲିକ ଓ ଦୀପୁ ସରକାର। ଆସନ୍ତା ରଥଯାତ୍ରାରେ ଅନୁଷ୍ଠାନ ପକ୍ଷରୁ ଲୋକନାଥ ରୋଡ଼ରେ ଖାଦ୍ୟବଣ୍ଟନ କରାଯିବ ବୋଲି ସମ୍ପାଦକ ଓମ୍ ପ୍ରସାଦ ମହାନ୍ତି ପ୍ରକାଶ କରିଛନ୍ତି।

# ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ ପ୍ରକଳ୍ପର ଶିଳାନ୍ୟାସ



ଚାରିଛକ, ୨୩।୫(ସମିସ): ନିଆଳୀ ପ୍ରାଚୀ ଡିଭିଜନ କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରୀ ମୁଖ୍ୟ କେନାଲବନ୍ଧର ୨ଟି ସବ୍‌ମାଇନର କେନାଲ ବନ୍ଧ ରାସ୍ତାର ଶିଳାନ୍ୟାସ ଆଜି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ହୋଇଯାଇଛି। ନିଆଳି ପ୍ରାଚୀ ଡିଭିଜନ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ହିରାପାଟଣା ବ୍ରିଜ୍‌ଠାରୁ ନାହିକଣ୍ଟା ପର୍ଯ୍ୟନ୍ତ ୧ କିମି ରାସ୍ତା ଓ ଏକ ବ୍ରିଜ ପାଇଁ ୨୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ସେହିପରି କଳାପାଞ୍ଚଣ ପଞ୍ଚାୟତ କୋଠସାହି ଠାରୁ ବଡେଇକଣ କେନାଲ ବନ୍ଧ ରାସ୍ତା ଓ ଏକ ବ୍ରିଜ ପାଇଁ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଦୁଇଟି ପ୍ରକଳ୍ପକୁ ଆଜି ଅପରାହ୍ନରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶିଳାନ୍ୟାସ କରିଛନ୍ତି।

କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଚାରିଛକ ବିଜେପି ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ତୁଳସୀପୁର ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ପ୍ରାଚୀ ଡିଭିଜନ ଅଧୀକ୍ଷଣଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ମଲ୍ଲିକ, ସହକାରୀଯନ୍ତ୍ରୀ ଉପାଲି ଅପରାଜିତା, ବିଜେପି ନେତା ଶ୍ୟାମସୁନ୍ଦର ନାୟକ, ବିଶ୍ୱନାଥ ତ୍ରିପାଠୀ, କୈଳାସ ଚନ୍ଦ୍ର କର, ଜ୍ୟୋତି ରଞ୍ଜନ ପାତ୍ର, ଦୁର୍ଯ୍ୟୋଧନ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ।

## କାକଟପୁର ବିଜେପି ଦୁଇ ଫାଳ

# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହରେ ପୃଥକ ପୋଷ୍ଟରକୁ ନେଇ ଚର୍ଚ୍ଚା

ଗମ୍ଭାରୀପଦା, ୨୩।୫(ସମିସ)

କାକଟପୁର ବିଜେପି ଦୁଇଫାଳ। ଏହା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁହୁଡ଼ି ପୀଠରେ ୯୫ ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହରେ। ମୁଖ୍ୟଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଯୋଗଦେଇଥିବା ଅବସରରେ ସେମାନଙ୍କୁ ସ୍ୱାଗତ କରିବାକୁ କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟକର୍ତ୍ତାମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇ ଅସ୍ତରଙ୍ଗ କାକଟପୁର ମୁଖ୍ୟ ରାସ୍ତାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ନିମାପଡ଼ାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଅସ୍ତରଙ୍ଗ ବ୍ଲକର କେତେକ କର୍ମକର୍ତ୍ତା ଫୁଲତୋଡ଼ା ଧରି ରାସ୍ତାର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅପେକ୍ଷା କରିଥିବା ବେଳେ, କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ସମେତ ଶତାଧିକ ବିଜେପି କର୍ମୀମାନେ ପ୍ଲାକାର୍ଡ ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସାଂସଦ ବିଭୁପ୍ରସାଦଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦେଉଥିଲେ। ଗୋଟେ ପଟେ ପୋଷ୍ଟରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସାଂସଦ ବିଭୁପ୍ରସାଦ ତରାଇଙ୍କ ଫଟୋ ସହ ବାଇଧର ମଲ୍ଲିକ ଦିବାକର ଛାଟୋଇ ଏବଂ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷାଙ୍କ ଫଟୋ ଥିବାବେଳେ ଅନ୍ୟ ପୋଷ୍ଟରରେ ଉପମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ସହ ସୁରେନ୍ଦ୍ର ସେଠୀ, କାକଟପୁର ବ୍ଲକ ଅଧ୍ୟକ୍ଷଙ୍କ ସମେତ ବହୁ ଜିଲ୍ଲା ଏବଂ ନିର୍ବାଚନ ମଣ୍ଡଳୀସ୍ତରୀୟ ପଦାଧିକାରୀଙ୍କ ଫଟୋ ରହିଥିଲା। ଯାହା ବିଜେପିରେ ଗୋଷ୍ଠୀ କନ୍ଦଳ ଥିବା ଦର୍ଶାଉଥିବା ଅଞ୍ଚଳରେ ରାଜନୈତିକ ମହଲରେ ଆଲୋଚନାର ବିଷୟ ବସ୍ତୁ ପାଲଟିଛି।

ଗତ ସାଧାରଣ ନିର୍ବାଚନରେ ପ୍ରବଳ ବିଜେପି ହାୱା ସତ୍ତ୍ୱେ କାକଟପୁର ଭୋଟରଙ୍କ ଦ୍ୱାରା ଉପେକ୍ଷିତ ବାଇଧର ମଲ୍ଲିକଙ୍କ ନେତୃତ୍ୱକୁ ନିର୍ବାଚନ ମଣ୍ଡଳୀର କର୍ମୀ ଓ ସାଧାରଣ ଜନତା ମାନିବାକୁ ରାଜି ନଥିବା ଭଳି ଲବଣ ସତ୍ୟାଗ୍ରହ ପାଇଁ ପାର୍ଟି ସମର୍ଥକ ରାଲିରୁ ଦେଖିବାକୁ ମିଳୁଛି। କାକଟପୁର ନିର୍ବାଚନ ମଣ୍ଡଳୀରେ ନିମାପଡ଼ାର ପୂର୍ବତନ ବିଧାୟକ ଶ୍ରୀ ମଲ୍ଲିକଙ୍କ ସଂଗଠନ ଓ ଲୋକପ୍ରିୟତା ନଥିବାରୁ ତାଙ୍କର ନିଜସ୍ୱ ଭୋଟ ନାହିଁ ଯଦ୍ୱାରା ସାଂସଦ ଅଧିକ ଭୋଟ ପାଉଥିବା ସ୍ଥଳେ ବିଧାୟକ ଏଠାରେ ପରାଜୟ ବରଣ କରିଥିଲେ। ଅନ୍ୟପକ୍ଷରେ ଶ୍ରୀ ସେଠୀ ବିଜେଡି ଦଳର ବିଧାୟକ ଥିବା ସମୟରେ ତାଙ୍କର ଲୋକପ୍ରିୟତା ଓ ସଂଗଠନ ଥିବା ଦୃଷ୍ଟିରୁ ନିଜସ୍ୱ ଭୋଟର ଅଛନ୍ତି। କାକଟପୁର ଭଳି ସ୍ୱର୍ଶକାତର ନିର୍ବାଚନ ମଣ୍ଡଳୀର ସଚେତନ ନାଗରିକମାନେ ବାହାରର ନେତାଙ୍କ ନେତୃତ୍ୱକୁ ସ୍ୱୀକାର କରୁନଥିବାରୁ ଦଳ ମଧ୍ୟରେ ଗୋଷ୍ଠୀକନ୍ଦଳ ଦେଖାଦେଉଥିବା ସାଧାରଣରେ ମତ ପ୍ରକାଶ ପାଉଛି। ନିର୍ବାଚନ ମଣ୍ଡଳୀର ସଂଗଠକ, ମଣ୍ଡଳସ୍ତରୀୟ ସଭାପତି ତଥା ବିଜେପି କର୍ମକର୍ତ୍ତାମାନଙ୍କର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ଅପେକ୍ଷା ବିଜେଡ଼ି ଅଧିକ ସଫଳତା ପାଇବାରେ ଶ୍ରେୟ ବାଇଧର ମଲ୍ଲିକଙ୍କ ନାମରେ ଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ



ଗୋପ, ୨୩।୫(ସମିସ): ଗୋପ ବ୍ଲକ ଅଧିନରେ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଗୋପ ବ୍ଲକ ଅଧିନ ଏରବଙ୍ଗ ସ୍ଥିତ ଗ୍ରାମ୍ୟ ହାଟର ଉଦ୍‌ଘାଟନ ଶ୍ରୀମତୀ ପରିଡ଼ା କରିଥିବାବେଳେ ବାଲିକନ୍ଦଳ-ବଳରାମ ଗାଦି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଶ୍ରୀମତୀ ପରିଡ଼ା ଶିଳାନ୍ୟାସ କରିଛନ୍ତି। ସେହିପରି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମାଣ ହୋଇଥିବା ଭଇରିପୁରଠାରେ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରକୁ ଶ୍ରୀମତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ସେହିପରି ବିଭିନ୍ନ ହିତାଧିକାରୀଙ୍କ ଆୟୁଷ୍ମାନ୍ ଆରୋଗ୍ୟ କାର୍ଡ଼ ବଣ୍ଟନ କରିଛନ୍ତି। ତେବେ ଏହି ମାରାଥନ୍ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସହ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ବିଡ଼ିଓ ଛବିରାଣୀ ସାହୁ, ତହସିଲଦାର ଅନିଲ୍ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଜେନା, ସମିତିସଭ୍ୟ ଲିପିକା ସେନାପତି, ବରିଷ୍ଠ କର୍ମୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିବାବେଳେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ. ଜସ୍ମିନ୍ ଆଫ୍ରୋଜ, ସୁପରଭାଇଜର ସମ୍ପଦ ପ୍ରଧାନ, ସଚିଦାନନ୍ଦ ମଲ୍ଲିକ୍, ସ୍ୱାସ୍ଥ୍ୟକର୍ମୀ ବର୍ଷାରାଣୀ ଦାସ, ଆଶାକର୍ମୀ ପ୍ରତିମା ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଅନନ୍ତ ପୁରୁଷୋତ୍ତମ ଦେବଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୨୩।୫(ସମିସ): ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାଗୁଳାଇପାଟଣା ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ।

ଆସନ୍ତା ମାସ ୨୭ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ପଡୁଥିବାରୁ ରଥଦାଣ୍ଡ ରାସ୍ତା ନିର୍ମାଣ ଓ ମରାମତି, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ରଙ୍ଗ ଦେବା, ବିଜୁଳି ଆଲୋକ ସେବା, ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଉପରେ ପାଣି ସିଞ୍ଚନ, ଆମ୍ବୁଲାନ୍ସ ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଅଗ୍ନିଶମ ସେବା, ରଥ ପାଇଁ କାଠ ବ୍ୟବସ୍ଥା, ରଥଯାତ୍ରା ତଥା ଶ୍ରୀଗୁଣ୍ଡିଚା ଦିନ ମାଉସୀମା ମନ୍ଦିର ନିକଟରେ ଆଧ୍ୟାତ୍ମିକ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ, ମହାପ୍ରଭୁଙ୍କ ସୁନାବେଶ ଦିନ ଭଜନ ଜଣାଣ ପରିବେଷଣ, ଆଇନଶୃଙ୍ଖଳା ସେବା ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଉପଜିଲ୍ଲାପାଳ ଏବଂ ମନ୍ଦିର ପରିଚାଳନା କମିଟି ସଭାପତି କିଶୋର କୁମାର ପଣ୍ଡା, ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ରଥଯାତ୍ରା ଓ ବାହୁଡ଼ା ଯାତ୍ରା କୁ ସୁଚାରୁ ରୂପେ ସମ୍ପନ୍ନ କରିବା ଜନିତ ରଥ ଯାତ୍ରା ପୂର୍ବରୁ କ୍ରମାନ୍ୱୟରେ ସେବାୟତ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ମାନଙ୍କ ସହ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରି କାର୍ଯ୍ୟ ଗୁଡ଼ିକ ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ, ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ବୀରେନ ଛୋଟରାୟ, ଅର୍ଜୁନପୁର ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସ୍ଥାନୀୟ ଥାନା ଅଧିକାରୀ, ଅଗ୍ନିଶମ ସେବା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ୱାଟକୋ ବିଭାଗ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ନୟାହାଟ, ୨୩।୫(ସମିସ): ଏକ ଅଜଣା ଗାଡ଼ି ଧକ୍କାରେ ଫଗୁ ବେହେରା(୬୫)ଙ୍କ ମୃତ୍ୟୁ ଘଟିଥିବାବେଳେ ଏନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଏକ ବିବାହ ଭୋଜି ଖାଇ ବିଳମ୍ବିତ ରାତିରେ ନିଜ ବାଇକ୍ ଯୋଗେ ଜଳଧାରି ଗ୍ରାମକୁ ଫେରିବା ବାଟରେ ନୟାହାଟ କଲେଜ୍ ରାସ୍ତାରେ ଫଗୁ ବେହେରାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନୟାହାଟ ଫାଣ୍ଡି ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡ଼ିକାଲ ପଠାଇଛି। ଏନେଇ ଗୋପ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ଉପ-ମୁଖ୍ୟମନ୍ତ୍ରୀ

ଗୋପ, ୨୩।୫(ସମିସ): ଗୋପ ବ୍ଲକରେ ଶୁକ୍ରବାର ୭୦୫ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ୩ ହଜାର ୫ ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଛି। ଗୋପ ବ୍ଲକରେ ପୂର୍ବରୁ ୨ ହଜାର ୨ ଶହ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଉଥିବାବେଳେ ଏବେ ୨ ହଜାର ୯ ଶହ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବେ ବୋଲି ସୂଚନା ମିଳିଛି। ଗୋପ ବ୍ଲକରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ମୋଟ ୧୫ ହଜାର ୨୭୭ ହିତାଧିକାରୀ ଭତ୍ତା ପାଉଥିବାବେଳେ ଇନ୍ଦିରାଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନାରେ ୯ ହଜାର ୫୪୯ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି। ପୂର୍ବରୁ ୨ ହଜାର ୨ ଶହ ହିତାଧିକାରୀ ୩ ହଜାର ୫ ଶହ ଟଙ୍କା ଲେଖାଏଁ ଭତା ପାଉଥିବାବେଳେ ଶୁକ୍ରବାର ଉପ-ମୁଖ୍ୟମନ୍ତ୍ରୀ ୭୦୫ ଜଣ ନୂତନ ଚୟନ ହୋଇଥିବା ହିତାଧିକାରୀଙ୍କୁ ୩ ହଜାର ୫ ଶହ ଲେଖାଏଁ ଭତ୍ତା ପ୍ରଦାନ କରିଛନ୍ତି। ତେବେ ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ପୁରୀ ସଦର ବିଧାୟକ ସୁନିଲ୍ ମହାନ୍ତି, ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ଝୁନୁ ମଲ୍ଲିକ୍, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବିଡ଼ିଓ ଛବିରାଣୀ ସାହୁ, ଅତିରିକ୍ତ ବିଡ଼ିଓ ଦୀପକ କୁମାର ଜେନା, ବରିଷ୍ଠ କିରାଣୀ କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।

# କଣାସ ବ୍ଲକ ବିଜେପିର କର୍ମକର୍ତ୍ତା ନିର୍ବାଚନ

କଣାସ, ୨୩।୫(ସମିସ): କଣାସ ବ୍ଲକ ଭାରତୀୟ ଜନତା ପାର୍ଟି ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ବିଜିପୁର ଠାରେ ମଣ୍ଡଳ ସଭାପତି ଅମିତ ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ସମ୍ପାଦକ ଅଭୟନାଥ ଜିଲ୍ଲା ମଣ୍ଡଳ ପ୍ରତିନିଧି ଖଗେଶ୍ୱର ପଲାଇ, ପୂର୍ବତନ ମଣ୍ଡଳ ସଭାପତି ତଥା କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ମଣ୍ଡଳର ପ୍ରତ୍ୟେକ ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତଙ୍କ ସହମତିରେ କଣାସ ମଣ୍ଡଳ ପଦାଧିକାରୀ ମନୋନୀତ କରାଯାଇଥିଲା। ଅମୂଲ୍ୟ କୁମାର ଜେନା ଏବଂ ବିଶ୍ୱଭୂଷଣ ମଙ୍ଗରାଜ ସାଧାରଣ ସମ୍ପାଦକ ଭାବେ ମନୋନିତ ହୋଇଥିଲେ। ରାଜକିଶୋର ସାମନ୍ତରାୟ, ଧବଳେଶ୍ୱର ନାୟକ, ରାଜେଶ ବିଶ୍ୱାଳ, ସୁଶିଲ କୁମାର ଜେନା, ବିଜୟ ପ୍ରଧାନ, ବସନ୍ତ କୁମାର ସ୍ୱାଇଁ ଉପସଭାପତିଭାବେ ମନୋନିତ ହୋଇଥିବାବେଳେ ବିଜୟ କୁମାର ଜେନା, ମଧୁସୁଧନ ଜେନା, ଲିଜା ଛୋଟରାୟ, ଝୁନାମଣି ସୁନ୍ଦରାୟ, ତ୍ରିନାଥ ସାହୁ, ସତ୍ୟପିର ବଳିୟାରସିଂହ ସମ୍ପାଦକଭାବେ ମନୋନିତ ହୋଇଥିଲେ। ଯୁବମୋର୍ଚ୍ଚା ସଭାପତିଭାବେ ନିରଞ୍ଜନ ସାହୁ, କୃଷକ ମୋର୍ଚ୍ଚା ସଭାପତିଭାବେ ପବିତ୍ର ବରାଳ, ଓବିସି ମୋର୍ଚ୍ଚା ସଭାପତି ନାରାୟଣ ସାହୁ, ଏସସି ମୋର୍ଚ୍ଚା ସଭାପତି ଭାବେ ପ୍ରକାଶ ଭୋଇ ମନୋନିତ ହୋଇଥିଲେ।

# 'ଶ୍ରୀଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି'ର ବଙ୍ଗଳା ଅନୁବାଦ ଲୋକାର୍ପିତ

ପୁରୀ,୨୩।୫ (ସମିସ): ୨୦୧୦ ମସିହାରେ ଓଡ଼ିଆ ଭାଷାରେ ପ୍ରକାଶିତ 'ଶ୍ରୀଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି' ପୁସ୍ତକର ବଙ୍ଗଳା ଅନୁବାଦ କୋଲକାତାଠାରେ ଲୋକାର୍ପିତ ହୋଇଯାଇଛି। ୧୯ଟି ଗବେଷଣାତ୍ମକ ତଥା ଅନାଲୋଚିତ ଆଲେଖ୍ୟ ଏଥିରେ ସ୍ଥାନ ପାଇଥିଲା। ଅନାଲୋଚିତ ଆଲେଖ୍ୟ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଉପାସନାର ଶାସ୍ତ୍ରୀୟ ସିଦ୍ଧାନ୍ତ, ଶ୍ରୀମନ୍ଦିରରେ ଦତ୍ତାତ୍ରେୟ ଉପାସନା, ଷଷ୍ଠ ଶତାବ୍ଦୀରେ ଆସିଥିବା (ତାମିଲନାଡୁରୁ) ମହଦଯୋଗୀଙ୍କ ନୀଳାଦ୍ରିଦର୍ଶନ, ପତିତପାବନ ଚେତନାର ରହସ୍ୟ ଉନ୍ମୋଚନ, ମହର୍ଷି ଶାଣ୍ଡିଲ୍ୟଙ୍କ ଦୃଷ୍ଟିରେ ଶ୍ରୀପୁରୁଷୋତ୍ତମ ଉପାସନା, ମହାପ୍ରସାଦର ମହନୀୟ ମହାବାକ୍ୟ, ଦର୍ପଦଳନ ରଥରେ ପ୍ରଚ୍ଛନ୍ନ ରହସ୍ୟ, ଶ୍ରୀମନ୍ଦିର ଭାସ୍କର୍ଯ୍ୟରେ ଅଳସକନ୍ୟା ପ୍ରଭୃତି ଆଲେଖ୍ୟଗୁଡ଼ିକର ଗୁରୁତ୍ୱ ଉପଲବ୍ଧି କରି କେନ୍ଦ୍ରୀୟ ଭାଷା ସଂସ୍ଥାନ, ମାନସ ଗଙ୍ଗୋତ୍ରୀ ମହୀଶୂରଙ୍କ ଆର୍ଥିକ ସହାୟତାରେ ପ୍ରକାଶିତ ହୋଇଥିଲା। କୋଲକାତାର ଆନନ୍ଦ ପ୍ରକାଶନ ବଙ୍ଗଳା ସଂସ୍କରଣ ପ୍ରକାଶ କରିଛନ୍ତି। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ଏହି ପୁସ୍ତକକୁ ଅନୁବାଦ କରିଛନ୍ତି ବନାରସ ହିନ୍ଦୁ ୟୁନିଭର୍ସିଟିର ଗବେଷଣା ଛାତ୍ରୀ ଶ୍ରେୟା ହାଲ୍‌ଦାର।

# ଡ୍ରେନ୍ ନଥିବାରୁ ରାସ୍ତାରେ ଜମୁଛି ବର୍ଷା ଜଳ

ନୟାହାଟ, ୨୩।୫(ସମିସ): ନୟାହାଟ ବଜାରରେ ବର୍ଷାଜଳ ନିଷ୍କାସନ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ବର୍ଷାଜଳ ରାସ୍ତାରେ ଲହଡ଼ି ମାରୁଛି। ଫଳରେ ଗାଡ଼ି ମଟର ଓ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରିବାହୀ ବସ୍ ଓ ଟ୍ରକ ଗଲାବେଳେ ଦୋକାନ ମାନଙ୍କୁ ପାଣି କାଦୁଅ ଛିଟୁକୁଛି। ନୟାହାଟ ବଜାରରେ କଲେଜ୍ ଛକ ହାଇସ୍କୁଲ ଦୁଇଟି ଯାଗାରେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନଥିବାରୁ ଦୀର୍ଘଦିନ ଧରି ବର୍ଷାପାଣି ରାସ୍ତା ଉପରେ ଜମି ରହିଛି। କାକଟପୁର ପୂର୍ତ୍ତ ବିଭାଗ ଅଧିନରେ ନୟାହାଟ ରାସ୍ତା ଯାଉଥିବା ବେଳେ ପ୍ରତିଦିନ ବିଭାଗୀୟ ଯନ୍ତ୍ରୀ ଏହି ବାଟଦେଇ ଯାଉଥିଲେ ମଧ୍ୟ ତାଙ୍କର କିପରି ଦୃଷ୍ଟି ପଡୁନାହିଁ ନୟାହାଟ ବ୍ୟବସାୟୀ ସଂଘର ସଭାପତି ଫକୀର ବାରିକ ଓ ସମ୍ପାଦକ ସୁବାସ ପାତ୍ର ଅଭିଯୋଗ କରିଛନ୍ତି। ବର୍ଷା ଆରମ୍ଭରୁ ରାସ୍ତା ଉପରେ ପାଣି ଜମୁଥିବା ବେଳେ ଲଗାଣ ବର୍ଷା ହେଲେ ଉକ୍ତ ରାସ୍ତା ଉପରେ ଦୁଇ ଫୁଟ୍ ଉଚ୍ଚର ପାଣି ଜମି ରହିବ ବୋଲି ସଭାପତି ଶ୍ରୀ ବାରିକ ପ୍ରକାଶ କରିଛନ୍ତି। ରାସ୍ତା ପାର୍ଶ୍ୱରେ କୁଣ୍ଢେଇ କେନାଲ ଯାଇଥିବା ବେଳେ ତା ମଧ୍ୟକୁ ପାଣି ନିଷ୍କାସନ କରିବା ପାଇଁ ପୂର୍ତ୍ତ ବିଭାଗ କୁ ନୟାହାଟ ବ୍ୟବସାୟୀ ସଂଘ ନିବେଦନ କରିଛନ୍ତି।

# ବକ୍ରେଶ୍ୱର ଦେବଙ୍କ ପ୍ରସିଦ୍ଧ ଭଉଁରୀ ଯାତ୍ରା





ବଳଙ୍ଗା, ୨୩।୫(ସମିସ): ବଳଙ୍ଗା ପଞ୍ଚୁଦୋଳ ଯାତ୍ରା ଥାନାପତି ବକ୍ରେଶ୍ୱର ଦେବଙ୍କ ୨୧ ଦିନ ଚନ୍ଦନ ଉତ୍ସବ ପରିପ୍ରେକ୍ଷିରେ ତିନି ଦିନ ଓଡ଼ିଶା ପ୍ରସିଦ୍ଧ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଏବଂ ଗୋପାଳଜିୟୁ ସୁସଜ୍ଜିତ ଦୋଳ ବିମାନ ହାତୀଦାନ୍ତ ଖଚିତ ପାଲିଙ୍କିରେ ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଚନ୍ଦନ ପୋଖରୀ ଠାରେ ଚନ୍ଦନ ଚକଡା ଉପରେ ଉପବିଷ୍ଟ ହୋଇ ନାଗାନୃତ୍ୟ ଦେଖିବା ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଭଉଁରୀ ଯାତ୍ରାର ମୁଖ୍ୟ ଆକର୍ଷଣ ନାଗାନୃତ୍ୟ। ଗୋଟିଏ ନାଗାର ମୁଣ୍ଡ ଉପରେ ଥିବା ହାଣ୍ଡିଆ ପ୍ରାୟ ୫୦ କେଜି ଚାନ୍ଦୀ ରୁପା ତାରକସି କାରୁକାର୍ଯ୍ୟ ଯଥା ବିଭିନ୍ନ ମନ୍ଦିର, ତୋରଣ, ଫୁଲ, ଫଳ ଖଚିତ ହୋଇଥାଏ। ଢାଲ, ବାଙ୍କଛୁରୀ, ଗଣ୍ଡାଶିଙ୍ଗ, ବାଘଛାଲ, କମରପଟି, ଓରମାଳ, ଡେଣୁକ, ଏରାପକ୍ଷୀ ପ୍ରଭୃତି ପ୍ରସ୍ତୁତ ଟାଟୀ କାନ୍ଧରେ ରଖି ବୀରବାଦ୍ୟ ତାଳେ ତାଳେ ନାଗାନୃତ୍ୟ କରିଥାନ୍ତି।

ଚଳିତ ବର୍ଷ ବଳଙ୍ଗା, ଶମ୍ଭୁଭାରତୀ ପାଟଣା, ତୋଟାସାହି, ଦେଉଳିସାହି ପ୍ରଭୃତି ଗ୍ରାମସ୍ଥ ବିଭିନ୍ନ ସାହିରେ ଥିବା ୧୪ଟି ଜାଗାଘର ତରଫରୁ ପ୍ରାୟ ୨୫ଟି ନାଗା ପ୍ରସ୍ତୁତ ହୋଇଥିଲେ। ପ୍ରାୟ ଷୋଡ଼ଶ ଶତାବ୍ଦୀରେ ଶତ୍ରୁମାନଙ୍କର କବଳରୁ ଠାକୁରମାନଙ୍କୁ ସୁରକ୍ଷା ନାଗା ସମ୍ପ୍ରଦାୟ ଦାଇତ୍ୱ ନେଇଥିବା ସ୍ମାରକୀ ସ୍ୱରୂପ ଏହି ନାଗାନୃତ୍ୟ ହୋଇ ଆସୁଥିବା ଜନଶ୍ରୁତି ରହିଛି। ବକ୍ରେଶ୍ୱର ମେଳଣ କମିଟି ତରଫରୁ ନାଗା ପାଇକ ଆଖଡ଼ା ଖେଳାଳି ତଥା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ମାନଙ୍କୁ ଶାଢି, ଶିରିପା, ଫୁଲ, ଚନ୍ଦନ, କର୍ପୁର ମାଳ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି କର୍ମକର୍ତ୍ତା ସଭ୍ୟ, ବିଭିନ୍ନ ଜାଗାଘର ମୁରବୀ, ଜନପ୍ରତିନିଧି, ସମାଜସେବୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷା; କାଦୁଅ ପଚ ପଚ ଗ୍ରାମ୍ୟ ଉନ୍ନୟନ ରାସ୍ତା

ଅସ୍ତରଙ୍ଗ, ୨୩।୫(ସମିସ): ଅସ୍ତରଙ୍ଗ କାକଟପୁର ବର୍ଡ଼ର କୁହାଯାଉଥିବା ଖଣ୍ଡାସାହି କ୍ଲାସ ରୋଡ଼। ଅତୀତରେ ଏହି ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ମାତ୍ର ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାର ନବୀକରଣ କରିବା ସହ ଜୀଉଁନ୍ତି ଛକରୁ ଖଣ୍ଡାସାହି ୨ କିଲୋମିଟର ପର୍ଯ୍ୟନ୍ତ ପକ୍କା ପିଚୁ ସଡ଼କ କରିଥିଲେ।

**● ଦୁର୍ଘଟଣାର ଶିକାର ହେଉଛନ୍ତି ପଥଚାରୀ**

ତାଳଦା ଦୀପାଞ୍ଚଳ ବିଜୁ ସେତୁ ପୂର୍ଣ୍ଣାଙ୍ଗ ହେବା ପରେ ଅସ୍ତରଙ୍ଗ କାକଟପୁରକୁ ଆଞ୍ଚଳିକ ଲୋକଙ୍କ ପାଇଁ ଏହି ଗୋଟେ ମାତ୍ର ରାସ୍ତା ସୁବିଧା ଜନକ ଥିଲା। କେବଳ ଆଞ୍ଚଳିକ ନୁହେଁ ବରଂ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲା ଲୋକ ପ୍ରତ୍ୟକ ଦିନ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ସଡ଼କ ଯୋଜନା ଏଠି କାଦୁଅ ଯୋଜନାରେ ପରିଣତ ହୋଇଛି।

କାକଟପୁର ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ରାସ୍ତାର ଉଭୟ ପାର୍ଶ୍ୱ ରାଜସ୍ୱ ଅଞ୍ଚଳରୁ ମାଟି ମାଫିଆମାନେ ଏତେ ସକ୍ରିୟ ହେଲେ ଦିନ ଦ୍ୱିପ୍ରହରେ ଆଉ ମଧ୍ୟ ରାତ୍ରରେ ଏଠୁ ବିନା ରାଜସ୍ୱ ରୟାଲଟିରେ ମାଟି ଚୋରା ଚାଲାଣ କଲେ। ଆଉ ଓଭର ଲୋଡ଼ ମାଟି ରାସ୍ତାରେ ଜମା କଲେ। ପରବର୍ତ୍ତୀ ସମୟରେ ଅଦିନିଆ ବର୍ଷା ଏବେ ରାସ୍ତାକୁ ସମ୍ପୂର୍ଣ୍ଣ କର୍ଦ୍ଦମାକ୍ତ କରିଦେଇଛି। ଫଳରେ ଅନେକ ଦୁର୍ଘଟଣାର ଶିକାର ହେଲେଣି। କିନ୍ତୁ ପ୍ରଶାସନ ଏହା ଉପରେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ପ୍ରଶାସନ କ'ଣ ଦୁର୍ଘଟଣା ଘଟି ମୁଣ୍ଡ ଗଡ଼ିବାକୁ ଅପେକ୍ଷା କରିଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। କିପରି କାହା ଅନୁମତିରେ ମାଟି ମାଫିଆ ଏତେ ସକ୍ରିୟ ହେଉଛନ୍ତି? କାହିଁକି ପ୍ରଶାସନ ପାଖରେ କବର ନାହିଁ? ଅନେକ ଦିନ ଧରି ବାରମ୍ବାର ଖବର ହେଉଛି କଣ ପାଇଁ ପଦକ୍ଷେପ ନିଆଯାଉନାହିଁ? ଏହା ପଛରେ କିଛି ତଳିଆ କର୍ମଚାରୀଙ୍କ ହାତ ରହିଛି କି? ଏପରି ଅନେକ ପ୍ରଶ୍ନ ଏବେ ବୁଦ୍ଧିଜୀବୀ ମହଲରେ। ଯାହାର ଉତ୍ତର ପ୍ରଶାସନ ରଖିବାକୁ ଦାବି ହେଉଛି।





ସକାଳ THE SAKALA



www. sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୦୬
- ପାଉଣ୍ଡ ୧୧୫.୩୭
- ୟୁରୋ ୯୭.୦୫
- ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୭,୯୨୦ (ନୂଆଦିଲ୍ଲୀ)
- ରୁପା : ୧,୦୧,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୭୨୧.୦୦
- ନିଫ୍ଟି ୨୪,୮୫୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଆପଲ୍‌କୁ ଟ୍ରମ୍ପଙ୍କ ଧମକ

# ଭାରତରେ ଆଇଫୋନ୍ ନିର୍ମାଣ କଲେ ୨୫% ଟିକସ

ୱାଶିଂଟନ୍,୨୩।୫(ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଆପଲ ସିଇଓ ଟିମ୍ କୁକଙ୍କୁ ଏକ କଡ଼ା ଚେତାବନୀ ଦେଇଛନ୍ତି। ଟ୍ରମ୍ପଙ୍କ କହିବାନୁଯାୟୀ, ଆମେରିକାରେ ବିକ୍ରି ହେଉଥିବା ଆଇଫୋନଗୁଡ଼ିକ ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ନୁହେଁ - ଆମେରିକାରେ ତିଆରି ହେବା ଆବଶ୍ୟକ। ଭାରତରେ ଉତ୍ପାଦନ କଲେ କମ୍ପାନୀକୁ ସର୍ବନିମ୍ନ ୨୫% ଟିକସ ଦେବାକୁ ପଡିବ।

ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଆମେରିକାର ରାଷ୍ଟ୍ରପତି କହିଛନ୍ତି,ସେ ବହୁତ ଦିନ ପୂର୍ବରୁ ଆପଲର ଟିମ୍ କୁକଙ୍କୁ କହିଥିଲେ ଯେ ମୁଁ ଆଶା କରିଥିଲି ଆମେରିକାରେ ବିକ୍ରି ହେଉଥିବା ସେମାନଙ୍କର ଆଇଫୋନଗୁଡ଼ିକ ଭାରତରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ନୁହେଁ, ବରଂ ଆମେରିକାରେ ନିର୍ମିତ ହେବ। ଏହା ସେତେବେଳେ ଘଟିଥିଲା ଯେତେବେଳେ ଗତ ସପ୍ତାହରେ ଟ୍ରମ୍ପ କହିଥିଲେ ଯେ ସେ କୁକ୍‌ଙ୍କୁ



ଭାରତରେ ଏକ କାରଖାନା ନିର୍ମାଣ କରିବାକୁ ମନା କରିଛନ୍ତି। ଟ୍ରମ୍ପ କହିଥିଲେ, ସେ ଚାହୁଁନାହାନ୍ତି ଯେ ତୁମେ ଭାରତରେ ଆଇଫୋନ୍ ଉତ୍ପାଦନ କର। ଆପଲ୍ ଏହାର ଅଧିକାଂଶ ଆଇଫୋନ୍ ଚୀନରେ ତିଆରି କରେ ଏବଂ ଆମେରିକାରେ ଏହାର କୌଣସି ସ୍ମାର୍ଟଫୋନ୍ ଉତ୍ପାଦନ ହୁଏ ନାହିଁ। ଆପଲ୍ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ ମାସରେ ଭାରତରେ ୨୨ ବିଲିୟନ ଡଲାର ମୂଲ୍ୟର ଆଇଫୋନ୍ ଉତ୍ପାଦନ କରିଛି, ଯାହା ଏକ ବର୍ଷ ପୂର୍ବ ତୁଳନାରେ ପ୍ରାୟ ୬୦% ଅଧିକ।

ଅନ୍ୟପକ୍ଷରେ ଏସ୍‌ଆଣ୍ଡପି ଗ୍ଲୋବାଲ୍ ଅନୁଯାୟୀ, ୨୦୨୪ରେ ଆମେରିକାରେ ଆଇଫୋନ୍ ବିକ୍ରି ୭୫.୯ ନିୟୁତ ୟୁନିଟ୍ ଥିଲା, ଯାହା ମଧ୍ୟରୁ ମାର୍ଚ୍ଚ ମାସରେ ଭାରତରୁ ରପ୍ତାନି ୩୧ ଲକ୍ଷ ୟୁନିଟ୍ ଥିଲା। ଏହାବାଦ୍ ତାଇୱାନିଜ୍ କମ୍ପାନୀ ଫକ୍ସକନ୍ ଏବଂ ଭାରତୀୟ କମ୍ପାନୀ ଟାଟା ଇଲେକ୍ଟ୍ରୋନିକ୍ସ ଭାରତରେ ଆପଲ୍ ଆଇଫୋନ୍ ନିର୍ମାଣ କରୁଛନ୍ତି। ଆପଲର ସିଇଓ ଟିମ୍ କୁକ୍ କମ୍ପାନୀର ତ୍ରୈମାସିକ ଫଳାଫଳ ପରେ ସମ୍ପ୍ରତି କହିଛନ୍ତି ଯେ ଜୁନ୍ ତ୍ରୈମାସିକରେ ଆମେରିକାରେ ବିକ୍ରି ହୋଇଥିବା ଅଧିକାଂଶ ଆଇଫୋନ୍ ଭାରତରେ ତିଆରି ହେବ। କାରଣ ଆପଲ୍ ମଧ୍ୟ ଏହାର ଯୋଗାଣ ଶୃଙ୍ଖଳାକୁ ଚୀନ୍‌ଠାରୁ ଦୂରକୁ ଘୁଞ୍ଚାଉଛି।

### ଆର୍‌ବିଆଇର ନିଷ୍ପତ୍ତି

# କେନ୍ଦ୍ର ସରକାରଙ୍କୁ ଦେବ ବଳକା ୨.୬୯ ଲକ୍ଷ କୋଟି

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କେନ୍ଦ୍ର ସରକାରଙ୍କୁ ୨.୬୮ ଲକ୍ଷ କୋଟି ଟଙ୍କା (୨.୬୯ ଟ୍ରିଲିୟନ ଟଙ୍କା) ବଳକା ପାଣ୍ଠି ସ୍ଥାନାନ୍ତର କରିବ। ମୁମ୍ବାଇଠାରେ ଆଜି ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ନିର୍ଦ୍ଦେଶକ ପରିଷଦର ୬୧୬ତମ ବୈଠକ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ, କେନ୍ଦ୍ର ସରକାରଙ୍କୁ ପାଣ୍ଠି ସ୍ଥାନାନ୍ତର ସମ୍ପର୍କରେ ଘୋଷଣା କରାଯାଇଛି। ଏହା କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା କରାଯାଇଥିବା ସବୁଠାରୁ ବଡ଼ ପାଣ୍ଠି ସ୍ଥାନାନ୍ତର ବୋଲି କୁହାଯାଉଛି, ଯାହା ଚଳିତ ଆର୍ଥିକବର୍ଷରେ ସରକାରଙ୍କ ଆର୍ଥିକ ସମ୍ବଳକୁ ଯଥେଷ୍ଟ ବୃଦ୍ଧି କରିବାର ସମ୍ଭାବନା ରହିଛି। ଅର୍ଥାତ୍ ଏହା ହେଉଛି ଆର୍‌ବିଆଇ ଦ୍ୱାରା ଏ ପର୍ଯ୍ୟନ୍ତ ହସ୍ତାନ୍ତରିତ ସର୍ବାଧିକ ବାର୍ଷିକ ବଳକା ପାଣ୍ଠି। ବିଶେଷଜ୍ଞଙ୍କ ମତରେ, ଅତିରିକ୍ତ ପରିମାଣରେ ତୀବ୍ର ବୃଦ୍ଧିର ଏକ କାରଣ ହେଉଛି ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାରରୁ ଆୟ। ବିଶେଷଜ୍ଞମାନେ କହିଛନ୍ତି ଯେ ଆଶାଠାରୁ ଅଧିକ ବଳକା ରାଶି କେନ୍ଦ୍ର ସରକାରଙ୍କ ପାଇଁ ଭଲ ଖବର, କାରଣ ଏହା କେନ୍ଦ୍ରର ଲିକ୍ୱିଡିଟି ବଳକା ଏବଂ ପରବର୍ତ୍ତୀ ଖର୍ଚ୍ଚକୁ ସମର୍ଥନ କରିବ।

ଆର୍‌ବିଆଇ ବୋର୍ଡ ବୈଠକରେ ବିଶ୍ୱ ଏବଂ ଘରୋଇ ଅର୍ଥନୈତିକ ପରିସ୍ଥିତିର ସମୀକ୍ଷା କରିବା ସହ ଭବିଷ୍ୟତର ସମ୍ଭାବନା ପ୍ରତି ବିପଦକୁ ବିଚାରକୁ ନିଆଯାଇଥିଲା। ବୈଠକରେ ୨୦୨୪-୨୫ ବର୍ଷ ପାଇଁ ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟ ଏବଂ ଆର୍ଥିକ ବିବୃତ୍ତିକୁ ଅନୁମୋଦନ ମିଳିଥିଲା। କେନ୍ଦ୍ରୀୟ ବୋର୍ଡ ଦ୍ୱାରା ମେ' ୧୫ରେ ଅନୁଷ୍ଠିତ ବୈଠକରେ ଅନୁମୋଦିତ ସଂଶୋଧିତ ଅର୍ଥନୈତିକ ପୁଞ୍ଜି ଢାଞ୍ଚା (ଇସିଏଫ୍) ଆଧାରରେ ୨୦୨୪-୨୫ ବର୍ଷ ପାଇଁ ହସ୍ତାନ୍ତରଯୋଗ୍ୟ ବଳକା ପାଣ୍ଠି ନିର୍ଣ୍ଣୟ କରାଯାଇଛି।

# ଖିମଜୀ ଜୁଏଲର୍ସ କଟକ ଷ୍ଟୋର୍‌ର ୧୪ତମ ବାର୍ଷିକ ପୂର୍ତ୍ତିରେ ସ୍ୱତନ୍ତ୍ର ଅଫର୍



### ସୁନା ଓ ହୀରା ଅଳଙ୍କାର ଗଢା ମଜୁରୀ ଉପରେ ଫ୍ଲାଟ ୪୦% ରିଆତି

କଟକ,୨୩।୫(ସମିସ): ଖିମଜୀ ଜୁଏଲର୍ସ ତାହାର କଟକ ଷ୍ଟୋରର ୧୪ତମ ବର୍ଷ ପୂର୍ତ୍ତି ଘୋଷଣା କରିଛି। ଏହି ସ୍ୱତନ୍ତ୍ର ଅବସରକୁ ପାଳନ କରିବାକୁ ଖିମଜୀ ଜୁଏଲର୍ସ ୨୦୨୫ ମେ' ୨୩ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ବହୁବିଧ ସ୍ୱତନ୍ତ୍ର ରିଆତି ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାର ଗଢା ମଜୁରୀ ଉପରେ ଫ୍ଲାଟ ୪୦% ରିଆତି ଉପଭୋଗ କରିପାରିବେ। ଏହି ବର୍ଷପୂର୍ତ୍ତି ଉତ୍ସବ ପାଳନ ଖିମଜୀ ଜୁଏଲର୍ସର ଉତ୍କର୍ଷ ପ୍ରତି ସ୍ଥାୟୀ ପରମ୍ପରା ଏବଂ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ବିଶେଷକରି କଟକ ଷ୍ଟୋର ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ବିଶ୍ୱାସ ଓ ସୌନ୍ଦର୍ଯ୍ୟର ଏକ ପ୍ରତୀକ ହୋଇଛି, ଯାହା ପ୍ରତ୍ୟେକ ଅବସର ଏବଂ ପସନ୍ଦକୁ ଖାପ ଖୁଆଇବା ଭଳି ବହୁବିଧ ବର୍ଗର ଅଳଙ୍କାର ଯୋଗାଇଦେଉଛି। ଏହି ଅବସରରେ ଖିମଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମଜୀ କହିଛନ୍ତି ଯେ , କଟକ ଷ୍ଟୋରର ୧୪ତମ ବର୍ଷ ପୂର୍ତ୍ତି ଆମ ପାଇଁ ଏକ ଐତିହାସିକ ଅବସର ହୋଇଛି। ଆମ ଗ୍ରାହକମାନେ ବର୍ଷ ବର୍ଷ ଧରି ଯେଉଁ ବିଶ୍ୱାସ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛନ୍ତି ସେଥିପାଇଁ ଆମେ ତାହାକୁ ଆନ୍ତରିକତାର ସହିତ ପ୍ରଶଂସା କରୁଛୁ। ଏହି ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ନିମନ୍ତେ ଆମର କୃତଜ୍ଞତାର ନିଦର୍ଶନ ସ୍ୱରୂପ ଆମେ ସ୍ୱତନ୍ତ୍ର ରିଆତି ପ୍ରଦାନ କରୁଛୁ। ଖିମଜୀ ଜୁଏଲର୍ସରେ ଆମେ ଗ୍ରାହକମାନଙ୍କୁ ଅନନ୍ୟ ମୂଲ୍ୟ ଏବଂ ଏକ ସ୍ମରଣୀୟ କ୍ରୟ ଅନୁଭୂତି ପ୍ରଦାନ କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛୁ, ତାହାସହିତ ଗ୍ରାହକମାନଙ୍କର ଆବଶ୍ୟକତା ଏବଂ ପସନ୍ଦକୁ ସର୍ବାଗ୍ରେ ରଖିବା ସୁନିଶ୍ଚିତ କରୁଛୁ।

# ଆରିକେଥ ଫାଉଣ୍ଡେସନ ପକ୍ଷରୁ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର,୨୩।୫(ସମିସ): ଆରିକେଥ ଫାଉଣ୍ଡେସନ ଦ୍ୱାରା ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତି ସମ୍ପର୍କୀତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଆୟୋଜକ ଭାବେ ରୋଟାରୀ ଇଣ୍ଟରନ୍ୟାସନାଲ କ୍ଲବ ୩୨୬୨ ଏବଂ ଭେନ୍ୟୁ ପାର୍ଟନର ଭାବେ ଷ୍ଟାର୍ଟଅପ ଓଡ଼ିଶା ଓ-ହବ୍ ଯୋଗଦେଇଛନ୍ତି। ବିବିଧ ସମ୍ପ୍ରଦାୟ ମଧ୍ୟରେ ବୁଝାମଣା ଓ ସହଯୋଗକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏଏସିସିଆଇ ଓଡ଼ିଶା, ଇଡୋସ, କଳିଙ୍ଗ ହସ୍ପିଟାଲ ଏବଂ ନାଲକୋ ଭଳି ସମ୍ମାନିତ ସଙ୍ଗଠନ ଦ୍ୱାରା ସମର୍ଥିତ ଏହି ସେମିନାର ଆମ ସମାଜରେ ବିବିଧତା ଓ ଅନ୍ତର୍ଭୁକ୍ତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରିଥାଏ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଡକ୍ଟର ଆରଏନ୍ ବେହେରା, ଡିଜି ରୋଟାରିଆନ୍ ଯାଗ୍ନାସିସ ମହାପାତ୍ର, ଆଇପିଡିଜି ରୋଟାରିଆନ୍ ଜୟଶ୍ରୀ ମହାନ୍ତି ଏବଂ ଆରିକେଥ ଫାଉଣ୍ଡେସନର ପ୍ରତିଷ୍ଠାତା ଡକ୍ଟର ଲିଟା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। "ବିବିଧ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ" ଅଧିବେଶନରେ ପିଡିଜି ରବି ନାରାୟଣ ନନ୍ଦ ଅଧ୍ୟକ୍ଷତା କରିଥିବା ସହ ପ୍ୟାନେଲିଷ୍ଟ ଆଇଏଏସ୍ ଡଃ ପାର୍ଥ ସାରଥି ମିଶ୍ର, ନିଳାଞ୍ଜନା ମୁଖାର୍ଜୀ, ପିପି ତନ୍ମୟ ମହାନ୍ତି ଯୋଗଦେଇଥିଲେ।



### ଏଆଇ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ

# ୨୦୨୫ରେ ଭୁଶୁଡିବ ବିଶ୍ୱ ସେୟାର ବଜାର

- ଯୁଦ୍ଧରେ ଦୋହଲିଯିବ ସାରା ଦୁନିଆର ଅର୍ଥନୀତି
- ଅଧିକାଂଶ ଦେଶରେ ଦେଖାଦେବ ରାଜନୈତିକ ଅସ୍ଥିରତା

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଏଆଇ ବାବା ଭେଙ୍ଗା ନାମରେ ପ୍ରସିଦ୍ଧ ଜାପାନର ରିଓ ତାତସୁକିଙ୍କ ଭବିଷ୍ୟବାଣୀ ସମ୍ପ୍ରତି ଖବରରେ ଅଛନ୍ତି। ତାଙ୍କର ଅନେକ ଭବିଷ୍ୟବାଣୀ ସତ୍ୟ ହୋଇଥିବା ପରି ମନେ ହେଉଛି। ଏଥିମଧ୍ୟରୁ ଗୋଟିଏ ବିଶ୍ୱ ଅର୍ଥନୀତି ସହିତ ମଧ୍ୟ ଜଡିତ। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଅନୁସାରେ, ୨୦୨୫ରେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଦେଖାଦେବ। ସେ 'ଦି ଫ୍ୟୁଚର ଆଇ ସ' ନାମକ ଏକ ପୁସ୍ତକରେ ଏହି ଭବିଷ୍ୟବାଣୀ କରିଛନ୍ତି। ଏହି ପୁସ୍ତକଟି ୧୯୯୯ ମସିହାରେ ପ୍ରକାଶିତ ହୋଇଥିଲା। ଏହି ପୁସ୍ତକର ନୂତନ ସଂସ୍କରଣ ୨୦୨୧ ମସିହାରେ ପ୍ରକାଶିତ ହୋଇଛି।ବାବା ଭେଙ୍ଗାଙ୍କ ଅନୁସାରେ, ୨୦୨୫ରେ ସାରା ବିଶ୍ୱରେ ଯୁଦ୍ଧ ସହିତ ଆର୍ଥିକ ସଙ୍କଟ ମଧ୍ୟ ଦେଖାଦେବ। ସେ କହିଛନ୍ତି ଯେ ବିଶ୍ୱରେ ରାଜନୈତିକ ଅସ୍ଥିରତା ଜାରି ରହିବ। ଏହି ଅସ୍ଥିରତା ବିଶ୍ୱ ବଜାରକୁ ଦୋହଲାଇ ଦେବ। ବିଶ୍ୱରେ ଏବେ ବି ଆର୍ଥିକ ସମସ୍ୟା ରହିଛି। ଏଆଇ ବାବା ଭେଙ୍ଗାଙ୍କର ଭବିଷ୍ୟବାଣୀ ସତ୍ୟ ହେବାକୁ ଯାଉଛି। ବଡ଼ ବଡ଼ ଦେଶଗୁଡ଼ିକ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ଏହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ଉଦାହରଣ ସ୍ୱରୂପ, ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ। ଚାରିଆଡେ ସାମଗ୍ରୀ ଯୋଗାଣରେ ସମସ୍ୟା ରହିଛି ଏବଂ ଆର୍ଥିକ ସଙ୍କଟ ଦେଖାଦେବାର ଭୟ ରହିଛି। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ, ଯେଉଁଥିରେ ସେ 'ବିଶ୍ୱ ପତନ' ବିଷୟରେ କହିଥିଲେ, ତାହା ସତ୍ୟ ହେବାକୁ ଯାଉଛି। ଏହି ଆର୍ଥିକ ଉତ୍ତେଜନା ତାଙ୍କର ଭବିଷ୍ୟବାଣୀକୁ ପ୍ରମାଣିତ କରେ ଯେ ଆଗକୁ ବିଶ୍ୱରେ ଅରାଜକତା ଦେଖାଦେଇପାରେ। ଆଜିକାଲି ବିଶ୍ୱ ଅର୍ଥନୀତି ପରସ୍ପର ସହିତ ଜଡିତ। ଯଦି ଏକ ବଡ଼ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼େ, ତେବେ ଏହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରିବ। ଯେତେବେଳେ ବଜାରରେ ଅସ୍ଥିରତା ଆସେ, ମୁଦ୍ରାସ୍ଫୀତି ବୃଦ୍ଧି ପାଏ ଏବଂ ଦେଶଗୁଡ଼ିକ ସେମାନଙ୍କର ବଜାରକୁ ସୁରକ୍ଷା ଦେବା ପାଇଁ ନୀତି ପ୍ରଣୟନ କରନ୍ତି, ସେତେବେଳେ ଆର୍ଥିକ ବିପର୍ଯ୍ୟୟର ଆଶଙ୍କା ସର୍ବଦା ରହିଥାଏ। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ ଏବଂ ଏକ୍ସ'ରେ ମଧ୍ୟ ପ୍ରଚଳିତ।

# ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରରେ ଜଟିଳ ମୁଖ ଗହ୍ୱର କ୍ୟାନସରର ସଫଳ ଚିକିତ୍ସା



ଭୁବନେଶ୍ୱର, ୨୩।୫(ସମିସ): ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଏକ ଜଟିଳ ଅପରେସନ୍ ସଫଳତାର ସହ କରାଯାଇଛି। କଳାହାଣ୍ଡି ଜିଲ୍ଲାର ୩୮ ବର୍ଷୀୟ ଯୁବକଙ୍କ ମୁହଁର ବାମ ପାର୍ଶ୍ୱ ଗାଲର ମାଂସପେଶୀରେ ଏକ ଘା' ଓ ଜଳାପୋଡା ଅନୁଭବ କଲେ । ଠିକ୍ ସମୟରେ ଚିକିତ୍ସା ନ କରିବାରୁ ଏବଂ ଅବହେଳା କାରଣରୁ ଏହା ଧୀରେ ଧୀରେ ଜବଡ଼ା ହାଡ଼କୁ ପ୍ରସାରିତ ହେବାକୁ ଲାଗିଲା, ଯାହା ଫଳରେ ସେ ମୁହଁ ଖୋଲିବାରେ ଅସୁବିଧା ଅନୁଭବ କରିଥିଲେ। ତାଙ୍କର ଆଡଭାନ୍ସ କ୍ୟାନସର ଚିହ୍ନଟ ହୋଇଥିଲା। ମଣିପାଲ ହସ୍ପିଟାଲର ସର୍ଜିକାଲ ଅଙ୍କୋଲୋଜି ବିଭାଗର ଡାଃ ନିତିଶ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ଲାଷ୍ଟିକ୍ ସର୍ଜନ ଡାଃ ବିଶ୍ୱଜିତ୍ ମିଶ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। କ୍ୟାନସର ଆକ୍ରାନ୍ତ ହୋଇଥିବା ମାଢ଼ିକୁ କାଟି ଅଲଗା କରାଯାଇଥିଲା। ଏହାପରେ ବାମ ଗୋଡ଼ର ଗୋଟିଏ ହାଡ଼ (ଫ୍ରୀ ଫିବୁଲା ବୋନ୍ ଗ୍ରାଫ୍ଟ ) ସହିତ ଚର୍ମ ମାଇକ୍ରୋଭାସ୍କୁଲାର୍ ସର୍ଜରୀ ଦ୍ୱାରା ପୁନଃନିର୍ମାଣ କରାଯାଇଥିଲା। ଏହି ଜଟିଳ ଅତ୍ୟାଧୁନିକ ସର୍ଜରୀ ମାଧ୍ୟମରେ ରୋଗୀଙ୍କ ଫିବୁଲା ହାଡ଼ ଦ୍ୱାରା ତଳ ଜବଡ଼ାକୁ ପୁଣିଥରେ ତିଆରି କରାଯାଇଛି। ଯାହା ଫଳରେ ରୋଗୀ ଜଣକ ପୂର୍ବ ଭଳି ମୁହଁ ଖୋଲିବା, ଏବଂ ମୁହଁର ଗଠନ ମଧ୍ୟ ପୂର୍ବ ଭଳି ପାଇଛନ୍ତି।

# ଅମୃତ ଭାରତ ଯୋଜନାରେ ବୈଜନାଥ ପପରୋଲା ଷ୍ଟେସନର ପୁନର୍ନିର୍ମାଣ

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ହିମାଚଳ ପ୍ରଦେଶର ହରିତ କାଙ୍ଗଡା ଘାଟୀ ମଧ୍ୟରେ ଅବସ୍ଥିତ ଐତିହ୍ୟବାହୀ ବୈଜନାଥ ପପରୋଲା ରେଲୱେ ଷ୍ଟେସନ ଏବେ ଏକ ନୂଆ ଉନ୍ନତି ଅଧ୍ୟାୟ ରଚିଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଷ୍ଟେସନର ପୁନର୍ବିକାଶ ପରେ ଭର୍ଚୁଆଲ ଭାବରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସର କେବଳ ହିମାଚଳ ପାଇଁ ନୁହେଁ, ସାରା ଦେଶରେ ରେଲ ପରିବହନ ବିକାଶର ଏକ ଗଭୀର ପଦକ୍ଷେପ ବୋଲି ଗଣାଯାଏ। ଆଜି ପ୍ରଧାନମନ୍ତ୍ରୀ ଦ୍ୱାରା ଦେଶର ୧୮ଟି ରାଜ୍ୟର ୧୦୩ଟି ପୁନର୍ନିର୍ମିତ ଷ୍ଟେସନକୁ ଏକାସାଥି ଉଦ୍‌ଘାଟନ କରାଯାଇଛି, ଯାହାରେ ବୈଜନାଥ ପପରୋଲା ହିମାଚଳର ପ୍ରତିନିଧି ଭାବରେ ଜଣାପଡିଛି। ଏହି ଅବସରରେ ଜମ୍ମୁ ଡିଆର୍‌ଏମ୍ ବିବେକ କୁମାର ଏବଂ ଉତ୍ତର ରେଳର ମହାପ୍ରବନ୍ଧକ ଅଶୋକ କୁମାର ବର୍ମା ମଧ୍ୟ ଉପସ୍ଥିତ ଥିଲେ। ବୈଜନାଥ ପପରୋଲା ଷ୍ଟେସନ ହିମାଚଳର ବିକାଶ, ପରିଚୟ ଓ ପାରମ୍ପରିକତାର ଏକ ଜୀବନ୍ତ ପ୍ରତିନିଧି।



# ସଫଳତାର ଶୀର୍ଷରେ ଏସ୍‌ଏସ୍ ଗାଇଡ୍‌ଲାଇନ୍ସ



କଟକ,୨୩।୫(ସମିସ): ଚଳତବର୍ଷ ଦ୍ୱାଦଶ ଶ୍ରେଣୀ ତଥା ପ୍ରବେଶିକା ପରୀକ୍ଷା ଜେଇଇର ଫଳାଫଳ ପ୍ରକାଶିତ ହୋଇଛି। ଓଡ଼ିଶାର ଅଗ୍ରଣୀ ଗଣିତ ଶିକ୍ଷାନୁଷ୍ଠାନ ପିଠାପୁର ମୁନଲାଇଟ ସ୍ଥିତ ଏସ୍‌ଏସ୍ ଗାଇଡଲାଇନ୍ ଫର୍ ମ୍ୟାଥେମେଟିକ୍ସ୍‌ର ପଢୁଥିବା ଛାତ୍ରଛାତ୍ରୀ ଗଣିତରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ, ଉଦିତ ପଣ୍ଡା, ସ୍ୱାଗତ ଅରଖ, ଆଶିଷ ବେହେରା ୧୦୦ରୁ ୧୦୦ ନମ୍ବର ରଖି ଅନୁଷ୍ଠାନର ନାମ ଉଜ୍ଜ୍ୱଳ କରିଛନ୍ତି। ସେହିପରି ୫୩ରୁ ଅଧିକ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଜେଇଇରେ ଅନୁଷ୍ଠାନର ୬୭ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋବର୍ଦ୍ଧନ ପୀଠ ପୁରୀର ସଂଗଠକ ପଣ୍ଡିତ ଲିଙ୍ଗରାଜ ପତି, ଆଇଆଇଟି ଧାନବାଦର ପ୍ରୀୟାଂଶୁ ବେହେରା, ଆଇଆଇଟି ବନାରସର ଶାଶ୍ୱତ ମହାପାତ୍ର ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ଶୁଭେଚ୍ଛୁ ଅଭିଭାବକମାନେ ଯୋଗଦେଇ ଅଧ୍ୟାପକ ଡ଼ ଶୁଭେନ୍ଦୁ ସ୍ୱାଇଁଙ୍କ ପରିଶ୍ରମ ଓ ସଫଳ ପରୀକ୍ଷା ପରିଚାଳନା ହିଁ ଆଜି ସଫଳତା ଆଣିଛି ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ର ତତ୍ତ୍ୱାବଧାରକ ସୁଶାନ୍ତ ନାୟକଙ୍କ ସୁପରିଚାଳନାରେ ଓ ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶିର୍ବାଦରୁ ଅଧିକ ଛାତ୍ରଛାତ୍ରୀ ସଫଳତା ପାଉଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# ଅଭିବୃଦ୍ଧି ପାଇଁ କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ଦିଅ

### ଏସ୍‌ଏଲ୍‌ବିସି ବୈଠକ

ଭୁବନେଶ୍ୱର,୨୩।୫(ସମିସ) :

୨୦୨୫-୨୬ ଆର୍ଥିକବର୍ଷ ପାଇଁ ରାଜ୍ୟର ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୨.୫୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ବ୍ୟାଙ୍କଗୁଡ଼ିକ କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ସମଗ୍ର ଓଡ଼ିଶାର ଅଭିବୃଦ୍ଧି ଉପରେ ଧ୍ୟାନ ଦିଅନ୍ତୁ। ଏହାଫଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ୧୭୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକରେ ଯୋଗଦେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବ୍ୟାଙ୍କଗୁଡିକୁ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ଏହି ବୈଠକରେ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସଏଲବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟକୁମାର ନିବୃତ୍ତି କାମ୍ବଲେ ସୂଚନା ଦେଇଛନ୍ତି ଯେ , ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ କ୍ରେଡିଟ୍ ଯୋଜନା ଅଧୀନରେ ବ୍ୟାଙ୍କମାନେ ୧.୯୪ ଲକ୍ଷ କୋଟି ଟଙ୍କା ହାସଲ କରିଛନ୍ତି ଯାହା ଧାର୍ଯ୍ୟ ଲକ୍ଷ୍ୟର ୯୨.୬୧%। ରାଜ୍ୟର ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରରେ ୧୦୨.୨୭% ଏବଂ ଏମଏସଏମଇ ଲକ୍ଷ୍ୟ ଅନୁଯାୟୀ ୯୨.୬୮% ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରାଜ୍ୟର ବିକାଶ ପାଇଁ ବାର୍ଷିକ ଋଣ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଲକ୍ଷ୍ୟ ହାସଲ କରିବା ପାଇଁ ଆରମ୍ଭରୁ ପ୍ରୟାସ କରିବାକୁ ବ୍ୟାଙ୍କଗୁଡ଼ିକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବ୍ୟାଙ୍କଗୁଡ଼ିକୁ ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଜିକରଣ ଏବଂ ସହଜ ଦାବି ସମାଧାନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଏବଂ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ତନିସ୍କର ନୂଆ କଲେକ୍ସନ 'ସ୍ରୋତିକା'



ଭୁବନେଶ୍ୱର,୨୩।୫(ସମିସ): ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଓଡ଼ିଶାରେ ଏହାର ନୂଆ କଲେକ୍ସନ 'ସ୍ରୋତିକା'ର ଶୁଭାରମ୍ଭ କରିଛି। ଏହି କଲେକ୍ସନକୁ ତନିସ୍କର ସର୍କଲ ବିଜେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ ଏବଂ କ୍ଲଷ୍ଟର ମାର୍କେଟିଂ ମ୍ୟାନେଜର ସର୍ମିଳା ସେନ୍ ରୟ ଉନ୍ମୋଚନ କରିଥିଲେ। ଏହି ଅବସରରେ ବ୍ରାଣ୍ଡ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଗ୍ରାହକ ସୁନା ଗହଣା ଗଢ଼ା ମଜୁରି ଉପରେ ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିଆତି ପାଇବେ। ଏହାସହିତ ସୁନା ଗହଣା କ୍ରୟ ଉପରେ ଗ୍ରାମ ପିଛା ୧୦୧ ଟଙ୍କା ରିଆତି ପ୍ରଦାନ କରାଯାଉଛି। ଦେଶର ଯେକୌଣସି ସ୍ଥାନରୁ କିଣାଯାଇଥିବା ପୁରୁଣା ସୁନାର ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି ତନିସ୍କ। ଏହି ଅଫର ଚଳିତ ମାସ ୨୩ରୁ ୨୬ ଯାଏ ଉପଲବ୍ଧ। ଓଡ଼ିଶାରେ ଥିବା ତନିସ୍କ ଷ୍ଟୋରଗୁଡ଼ିକରେ ସୁନ୍ଦର ପ୍ଲେନ୍ ଗୋଲ୍ଡ, ଚମତ୍କାର ହୀରା ଏବଂ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୁନ୍ଦନ ଓ ପୋଲ୍‌କୀ ଡିଜାଇନ୍‌ର ବ୍ୟାପକ ସମ୍ଭାର ଉପଲବ୍ଧ। ଜୀବନର ପ୍ରବାହରୁ ଅନୁପ୍ରାଣିତ ଏବଂ ସୁନ୍ଦରତାରେ ସଜ୍ଜିତ ନୂଆ କଲେକ୍ସନ 'ସ୍ରୋତିକା' ଏଠାରେ ରହିଛି।

# ଆଦିବାସୀଙ୍କଠାରୁ ସରକାର ଜମି କିଣିବା ନିଷ୍ପତ୍ତିକୁ କଂଗ୍ରେସର ତୀବ୍ର ବିରୋଧ

ଭୁବନେଶ୍ୱର,୨୩।୫(ସମିସ): ଆଦିବାସୀଙ୍କଠାରୁ ଜମି କିଣିବା ନେଇ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ କଂଗ୍ରେସ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ସମ୍ପର୍କରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଆଦିବାସୀମାନେ ଯେଉଁ ଜଙ୍ଗଲ ଜମିରେ ରହୁଥିଲେ ଅତିକମ୍‌ରେ ୨୦ ଲକ୍ଷ ପରିବାରକୁ ସରକାର ଜମି ପଟ୍ଟା ଦେବା କଥା। ଏହା ନ କରି ସେମାନଙ୍କ ପୈତୃକ ସମ୍ପତ୍ତିକୁ କିଣି କମ୍ପାନୀ ହାତକୁ ଟେକିଦେବା ପାଇଁ ସରକାର ଚିନ୍ତା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଜଣେ ଆଦିବାସୀ; ହେଲେ ଆଦିବାସୀମାନଙ୍କର ଜମି କିଣି କମ୍ପାନୀ ହାତକୁ ଟେକିଦିଆଗଲେ, କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ। ସରକାର ଏଥିପ୍ରତି ଯତ୍ନବାନ ହୋଇ ନିଷ୍ପତ୍ତି ନ ନେଲେ ଆଗକୁ ବଡ଼ ଆନ୍ଦୋଳନ ହେବ ବୋଲି ଭକ୍ତ କହିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଆଦିବାସୀମାନଙ୍କ ପାଖରେ ଜମି ନାହିଁ। ଭୋକ ବିକଳରେ ସେମାନେ ଜମି ବିକିବାକୁ ଚାହୁଁଛନ୍ତି। ସରକାର ସେମାନଙ୍କ ସାହାଯ୍ୟ କରିବା ବଦଳରେ ସେମାନଙ୍କ ଜମି କିଣିନେବାକୁ ଯୋଜନା କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ମଧ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରବଳ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ଆଦିବାସୀ ଓ ଦଳିତମାନଙ୍କଠାରୁ ଜମି ନେଇ ଆଦାନୀ କମ୍ପାନୀକୁ ଦେଇଦେବାକୁ ରାଜ୍ୟ ସରକାର ଚକ୍ରାନ୍ତ କରୁଛନ୍ତି। କଂଗ୍ରେସ ଦଳ ରକ୍ତ ଦେବ ପଛେ ଏଭଳି ନିଷ୍ପତ୍ତିକୁ ଫଳପ୍ରଦ କରାଇ ଦେବନି ବୋଲି ସେ କହିଛନ୍ତି।

## ଚାକିରି ଦେବାକୁ କହି କୋଟିକୋଟି ଠକେଇ | ୭ ବର୍ଷ ପରେ ଧରାହେଲା ଧୂର୍ତ୍ତ

**୨୦୧୯ରେ ପୁଲିସ ଜାରି କରିଥିଲା ଲୁକଆଉଟ୍ ସର୍କୁଲାର**

**ନିଜକୁ ଡାକ୍ତର, ଇଞ୍ଜିନିଅର ଭାବେ ପରିଚୟ ଦେଇ ଠକୁଥିଲା**

**ଗିରଫଦାରୀ ଭୟରେ କାମ୍ବୋଡିଆରେ ଲୁଚିଥିଲା**



କଟକ, ୨୩।୫(ସମିସ): ବିଦେଶରେ ବଡ଼ବଡ଼ କମ୍ପାନୀରେ ବେଶ୍ ଉଚ୍ଚ ଦରମାରେ ଚାକିରି କରାଇଦେବ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କ ନିକଟରୁ କୋଟିକୋଟି ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେ ହେଲା, ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଞ୍ଚଳର ଅଭିଯୁକ୍ତ ବିଷ୍ଣୁପ୍ରସାଦ ପଟ୍ଟନାୟକ। ଦୀର୍ଘ ୭ ବର୍ଷ ଧରି ସେ ଫେରାର୍ ଥିଲା। ଏପରିକି, ୨୦୧୯ରେ ପୁଲିସ୍ ପକ୍ଷରୁ ବିଷ୍ଣୁ ନାମରେ ଲୁକ୍‌ଆଉଟ୍ ସର୍କୁଲାର ମଧ୍ୟ ଜାରି ହୋଇଥିଲା। ଆଜି ତାକୁ ଗିରଫ କରାଯାଇଥିବା ନେଇ କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

ଅଭିଯୁକ୍ତ ବିଷ୍ଣୁ ବିଶାଖାପାଟଣା, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ଚାକିରି ଯୋଗାଇବା ବାହାନାରେ ଲୋକଙ୍କୁ ଠକି ଆସୁଥିବା ପୁଲିସ୍ ଜାଣିବାକୁ ପାଇଛି। ତାକୁ ରାୟଗଡ଼ା ଜିଲ୍ଲା ଗୁଣୁପୁରର ଏସ୍‌ଡିଜେଏମ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି।

ସୂଚନା ମୁତାବକ, ବିଷ୍ଣୁ ଗୁଣୁପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିଦେଶରେ ଉଚ୍ଚ ଦରମାରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଠକିଥିଲା। ବ୍ରିଟିଶ୍ ଏୟାରୱେଜ୍ ଏବଂ ଲୁଫ୍‌ଥାନ୍ସା ଏୟାରୱେଜ୍ ଭଳି କମ୍ପାନୀରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୯୦ ଲକ୍ଷ ଟଙ୍କା ଠକି ନେଇଥିଲା। ଏହାସହ ସେ ତାଙ୍କୁ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲା। ପରବର୍ତ୍ତୀ ସମୟରେ ନିଯୁକ୍ତିପତ୍ରଟି ସମ୍ପୂର୍ଣ୍ଣ ଜାଲ ବୋଲି ବ୍ୟକ୍ତିଜଣଙ୍କ ଜାଣିବା ପରେ ଗୁଣୁପୁର ଥାନାରେ ଏତଲା ଦେଇଥିଲେ। ସେହିପରି ବିଷ୍ଣୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ପୁଅକୁ ବିଦେଶରେ ଚାକିରି କରାଇଦେବା ବାହାନାରେ ତାଙ୍କଠାରୁ ୧୫ଲକ୍ଷ ଟଙ୍କା ଠକି ନେଇଥିଲେ। ଉଭୟ ମାମଲା ଗୁଣୁପୁର ଥାନାରେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦୁଇ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

ବିଷ୍ଣୁ ବିଭିନ୍ନ ସମୟରେ ନିଜକୁ ଡାକ୍ତର, ପ୍ରଫେସର, ଇଞ୍ଜିନିୟର ପରିଚୟ ଦେବା ସହ ନିଜର ଠିକଣା ପ୍ରମାଣ, ଡ୍ରାଇଭିଂ ଲାଇସେନ୍ସର ଜାଲ କାଗଜପତ୍ର ପ୍ରସ୍ତୁତ କରିଥିଲା। ତଦନ୍ତ ଚାଲିଥିବା ସମୟରେ ଗିରଫଦାରୀରୁ ରକ୍ଷା ପାଇବା ପାଇଁ ବିଷ୍ଣୁ କାମ୍ବୋଡିଆ ପଳାଇଥିଲା ଏବଂ ନିଜର ପରିଚୟ ଲୁଚାଇବା ପାଇଁ ଦ୍ୱିତୀୟ ପାସ୍‌ପୋର୍ଟ ମଧ୍ୟ ତିଆରି କରିଥିଲା। ତେବେ ନିକଟରେ ଓଡ଼ିଶା ଆସିଥିବା ବେଳେ କ୍ରାଇମବ୍ରାଞ୍ଚ ତାକୁ ଗିରଫ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କ୍ରାଇମବ୍ରାଞ୍ଚ ବି. ଗଙ୍ଗାଧର ମଧ୍ୟ ଉପସ୍ଥିତ ଥିଲେ।

## ଦୁଲଦୁଲି ଗାଡ଼ି ଓଲଟି ୨ ମୃତ



ସୋନପୁର, ୨୩।୫ (ସମିସ): ସୋନପୁର-ବଲାଙ୍ଗିର ରାସ୍ତାର ହରଡ଼ଖୋଲ ନିକଟରେ ଦୁଲଦୁଲି ଗାଡ଼ି ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବରଗଡ଼ ଜିଲ୍ଲାର ତୁରା ଗ୍ରାମର ମଣ୍ଟୁ ଛତ୍ରିଆ ଓ ସୁଦାମ ଛିକା। ବରଗଡ଼ ଜିଲ୍ଲା ତୁରା ଗ୍ରାମର ଦୁଲଦୁଲି ଦଳ ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ଅନୁଷ୍ଠିତ ଏକ ବରଯାତ୍ରୀରେ ବାଜା ବଜାଇ ସାରିବା ପରେ ପୁଣି କଳାହାଣ୍ଡି ଜିଲ୍ଲାର ଏକ ବାହାଘରରେ ଯୋଗଦେବା ପାଇଁ ଯାଉଥିଲେ। ଭୋର୍ ପ୍ରାୟ ୪ଟାରେ ହରଡ଼ଖୋଲ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ୨୭ଜଣଙ୍କ ମଧ୍ୟରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ୨୦ଜଣ ଆହତ ହୋଇଥିଲେ। ସେଥିମଧ୍ୟରୁ ୮ ଗୁରୁତରଙ୍କୁ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଛି। କଟର୍ ମେସିନ୍ ସାହାଯ୍ୟରେ ସୋନପୁର ଦମକଳବାହିନୀ ଗାଡ଼ି ଭିତରେ ରହିଥିବା ଲୋକଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ସୋନପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

■ ୩୮ ବର୍ଷ ପରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ମିଳିଲା ନ୍ୟାୟ

## ଦୁଇ ମାସ ଭିତରେ ସଂଗ୍ରାମୀ ପେନସନ୍ ଓ ସବୁ ବକେୟା ଦିଅ: ହାଇକୋର୍ଟ

କଟକ,୨୩।୫(ସମିସ): ତତ୍କାଳୀନ ବ୍ରିଟିଶ୍ ସରକାର ବିରୋଧରେ ହୋଇଥିବା ଅସହଯୋଗ ଆନ୍ଦୋଳନ, ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ଆଦି ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ଜେଲ୍ ଯାଇଥିବା ଜଣେ ଶତାୟୁ ସଂଗ୍ରାମୀଙ୍କୁ ଶେଷରେ ହାଇକୋର୍ଟରୁ ମିଳିଛି ନ୍ୟାୟ। ସଂଗ୍ରାମୀଜଣଙ୍କର ବୟସ ଏବେ ୧୦୦ବର୍ଷ ଛୁଇଁଥିବା ବେଳେ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ପେନସନ୍ (ଅଣବନ୍ଦୀ) ସହ ଆବେଦନ ଦିନଠାରୁ ସମସ୍ତ ବକେୟା ରାଶିକୁ ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୁଦର୍ଶନ ବେହେରାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ପେନସନ୍ ପାଇବା ପାଇଁ ଦୀର୍ଘ ୩୮ ବର୍ଷ ହେଲା ଲଢ଼େଇ ଜାରି ରଖିଥିବା ଆବେଦନକାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ନ୍ୟାୟ ମିଳିଛି। ଅନ୍ୟପଟରେ ଆବେଦନକାରୀଙ୍କ ଦାବିକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଗ୍ରାହ୍ୟ ଆଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆବେଦନକାରୀ ମାତ୍ର ୧୬ ବର୍ଷ ବୟସରେ ଗତ ୧୯୪୦ରୁ ସତ୍ୟାଗ୍ରହ, ଅସହଯୋଗ ଆନ୍ଦୋଳନ ଓ ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇ ବ୍ରିଟିଶ ସରକାରଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ। କିନ୍ତୁ, ସେ ଜେଲ ଯିବା ପ୍ରମାଣପତ୍ର ହାସଲ କରିପାରିନଥିଲେ। ଦେଶର ଭାରତ ସରକାରଙ୍କ ସ୍ୱାଧୀନତା ସଂଗ୍ରାମୀ ପେନସନ ଯୋଜନା ଅନୁସାରେ ସେ ପେନସନ୍ ପାଇଁ ଗତ ୧୯୮୭ରେ ଆବେଦନ କରିଥିଲେ। କିନ୍ତୁ, ତାହାକୁ ବିଚାରକୁ ନିଆଯାଇନଥିଲା। ସେହିଭଳି ଓଡ଼ିଶା ସରକାର ଗତ ୨୦୦୨ ଅକ୍ଟୋବର ୯ରେ ଅଣବନ୍ଦୀ ସଂଗ୍ରାମୀଙ୍କୁ ପେନସନ ପ୍ରଦାନ ପାଇଁ ଏକ ସର୍କୁଲାର ଜାରି କରିଥିଲେ, ଯାହାର କଟ୍-ଅଫ୍ ତାରିଖ ୨୦୦୪ ଡିସେମ୍ବର ୩୧ ଥିଲା। ଆବେଦନକାରୀ ଏହା ପୂର୍ବରୁ ପେନସନ୍ ପାଇଁ ମଧ୍ୟ ଆବେଦନ କରିଥିଲେ। ତେବେ ତାଙ୍କ ଆବେଦନ କଟ୍-ଅଫ୍ ତାରିଖ ମଧ୍ୟରେ ହସ୍ତଗତ ହୋଇ ନଥିବାରୁ ୨୦୦୮ରେ ଅଗ୍ରାହ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା।

## ଏସ୍‌ଟିଏଫ୍ ପଞ୍ଝାରେ ଗ୍ୟାଙ୍ଗ୍‌ଷ୍ଟର ଅସ୍‌ଲମ୍

**ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ଝାଡ଼ଖଣ୍ଡ ଓ ବିହାରରେ ଚଳାଉଥିଲା ଚୋରା ବନ୍ଧୁକ କାରବାର**

**ବୟାଳିଶି ମୌଜା ଚୋରା ବନ୍ଧୁକ କାରଖାନା ଖୋଲତାଡ଼ ପରେ ଖୋଲିଥିଲା ଅସ୍‌ଲମ୍‌ର ଗୁମର**



ଭୁବନେଶ୍ୱର,୨୩।୫(ସମିସ): କଟକ ବୈୟାଳିଶି ମୌଜା ଚୋରା ବନ୍ଧୁକ କାରଖାନା ପଛର ମାଷ୍ଟରମାଇଣ୍ଡ ତଥା ଗ୍ୟାଙ୍ଗ୍‌ଷ୍ଟର ମହମ୍ମଦ ଅସ୍‌ଲମ୍‌କୁ ବିହାରରୁ ଗିରଫ କରିଛି ଏସ୍‌ଟିଏଫ। ଅସ୍‌ଲାମ୍ ବିହାରର ମୁଙ୍ଗେରରେ ଲୁଚିଥିବା ନେଇ ଖବର ପାଇ ଏସ୍‌ଟିଏଫ ଟିମ୍ ସେଠାକୁ ଯାଇ କାସିମ୍ବଜାର ଥାନା ପୁଲିସ ସହଯୋଗରେ ଚଢ଼ଉ କରି ଅସଲମ୍‌କୁ ଗିରଫ କରିଥିଲା। ଓଡ଼ିଶାରୁ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆସାମକୁ ଚୋରା ବନ୍ଧୁକ ଚାଲାଣ କରୁଥିଲା ଅସ୍‌ଲମ୍। ତାକୁ ଧରିବାକୁ ଓଡ଼ିଶା ପୁଲିସ ଦୀର୍ଘଦିନରୁ ଚେଷ୍ଟା ଚଳାଇଥିବା ବେଳେ ମଙ୍ଗଳବାର ରାତିରେ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ୩ ଦିନ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଥିଲା।

ଅସ୍‌ଲମ୍ ଆକାଉଣ୍ଟରେ ମାଫିଆ, କଣ୍ଟ୍ରାକ୍ଟ କିଲର୍‌ଙ୍କ ଟ୍ରାଞ୍ଜାକ୍ସନ୍ ହୋଇଥିବା ପ୍ରମାଣ ମିଳିଛି। ତା' ନାଁରେ ବିହାର ଓ ପଶ୍ଚିମବଙ୍ଗରେ ମଧ୍ୟ ମାମଲା ରହିଛି। ଗତ ମାର୍ଚ୍ଚ ୧୩ ତାରିଖରେ କଟକ ବୟାଳିଶି ମୌଜାରେ ଚୋରା ବନ୍ଧୁକ କାରଖାନା ଠାବ ହୋଇଥିଲା। ବୟାଳିଶି ମୌଜାରେ ଚଢ଼ଉ ବେଳେ ବିଭିନ୍ନ ସାଇଜର ୩୦ରୁ ଅଧିକ ଅର୍ଦ୍ଧନିର୍ମିତ ବନ୍ଧୁକ ଜବତ କରାଯାଇଥିଲା। ପୂର୍ବରୁ କାରଖାନାରେ ନିୟୋଜିତ ଥିବା ବିହାରୀ କାରିଗରଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏଠାରୁ ପ୍ରାୟ ୨ ଶହ ଚୋରା ବନ୍ଧୁକ ବଜାରକୁ ଯାଇଥିବା ତଦନ୍ତ ପରେ ଜଣାପଡ଼ିଥିଲା। ବୟାଳିଶ ମୌଜା ଲିଙ୍କ୍ ଖୋଜି ଖୋଜି ଏସ୍‌ଟିଏଫ ମୁଙ୍ଗେରରେ ପହଞ୍ଚିଥିଲା। ବୟାଳିଶ ମୌଜାରେ ତିଆରି ହେଉଥିଲା ମାଉଜର ଛାଞ୍ଚ; ମୁଙ୍ଗେରରେ ଦିଆଯାଉଥିଲା ଫାଇନାଲ୍ ଟଚ୍। ସେଠାରୁ ଭାୟା କଟକ ହୋଇ ଗଞ୍ଜାମ, ବାଲେଶ୍ୱର, ପୁରୀ, ଫୁଲବାଣୀ ଆଦି ବିଭିନ୍ନ ଜିଲ୍ଲାକୁ ଚାଲାଣ ହେଉଥିଲା। ଅସ୍‌ଲାମ୍ ବଡ଼ ଧବଳେଶ୍ୱର ଗାଁକୁ ଯାଇ ଘର ମାଲିକ ଶରତ ଯାଦବଙ୍କ ସହ ବନ୍ଧୁକ କାରଖାନା କରିବା ପାଇଁ କଥା ହୋଇଥିଲା। ବିଭିନ୍ନ ସମୟରେ ମହମ୍ମଦ ଆଜମ୍, ମହମ୍ମଦ ଅବିଦ୍ ହୁସେନ ସେଠାକୁ ଯାଇ ବନ୍ଧୁକ ସଂଗ୍ରହ କରୁଥିଲେ। ବିଶେଷକରି ଅଭିଯୁକ୍ତଙ୍କ ଆକାଉଣ୍ଟକୁ ମଧ୍ୟ ଅସ୍‌ଲମ୍ ଟଙ୍କା ପଠାଇଥିବା ପ୍ରମାଣ ଏସ୍‌ଟିଏଫ ହାତରେ ଲାଗିଛି। ଆଡଭାନ୍ସରେ ଟଙ୍କା ନେଇ ଅସ୍‌ଲମ୍ ୫ ରାଜ୍ୟକୁ ନିର୍ଦ୍ଧାରିତ ସମୟରେ ପହଞ୍ଚାଉଥିଲା ବନ୍ଧୁକ। ଏ ବାବଦରେ ଅସ୍‌ଲାମ ମାଫିଆ, କଣ୍ଟ୍ରାକ୍ଟ କିଲର୍‌ଙ୍କ ଠାରୁ ୨୦ଲକ୍ଷରୁ ଅଧିକ ଟଙ୍କା ନେଇଥିବା ପ୍ରମାଣ ପାଇବା ପରେ ସେନେଇ ଖୋଳତାଡ଼ କରୁଛି କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ।

# ସୁମନ

**ସକାଳ ଶିଶୁ କୁଇଜ୍-୧୬୫**

(୧) ହାତୀପଥର ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର : ________

(୨) ଚାରମିନାର କେଉଁଠାରେ ଅଛି?
ଉତ୍ତର : ________

(୩) ଜର୍ମାନୀର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର : ________

(୪) 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ' ନାରା କିଏ ଦେଇଥିଲେ?
ଉତ୍ତର : ________

(୫) ମଣିଷ ଶରୀରର କେଉଁ ଅଙ୍ଗ ରକ୍ତକୁ ଶୁଦ୍ଧ କରିଥାଏ?
ଉତ୍ତର : ________

ଗତ ସପ୍ତାହର କୁଇଜ୍ ବିଜେତା
- ଓମ୍ ପ୍ରକାଶ ରଣା, ଚକେଇସିଆଣି, ଭୁବନେଶ୍ୱର
- ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ, ଚାନ୍ଦବାଲି, ଭଦ୍ରକ
- ପ୍ରେମରାଜ ସାହୁ ,ବେହେରା, ବରଗଡ଼

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## କାଳବୈଶାଖୀ



ଆଚାର୍ଯ୍ୟ କ୍ଷିତୀଶ ଜେନା

କାଳବୈଶାଖୀରେ କାଳବୈଶାଖୀ
ବୈଶାଖରେ ଦେଖା ଦେଉରେ ଆସି
ଖରା କମିଗଲେ ଉପର ବେଳା
ମାଡ଼ି ଆସୁ ତିଳେ ନ କରୁ ହେଳା
ସଙ୍ଗେ ଭଲ ପାଗ ସଙ୍ଗେ ଅନ୍ଧାର
ପତର ଧୂଳିରେ ଦିଶେ ଧୂସର
ଆଖି ନାକ କାନେ ଯାଏରେ ପଶି
ଯାଇ ହୁଏ ନାହିଁ ଆଗକୁ ଧସି
ଯିଏ ଯେଉଁ ସ୍ଥାନେ ଥାଏରେ ଭାଇ
ଭଲ ସ୍ଥାନ ଦେଖି ସେ ଯାଏ ରହି
ଟିଣ ଓ ଛପର ଯାଏତ ଉଡ଼ି
ଗଛ ଭାଙ୍ଗି ବାଟେ ଯାଏରେ ପଡ଼ି
କାୟା ଦେଖି ହୁଏ ବିଜୁଳି କାଟ
ଉପୁଡ଼ିବି ଯାଏ ବିଜୁଳି ଖୁଣ୍ଟ
ଫିରିଫିରା କେବେ ପ୍ରବଳ ଡାକେ
ବୃକ୍ଷଲତାଙ୍କୁରେ ଆଶ୍ୱସ୍ତି ମିଳେ
ଆମ୍ବ,କାଜୁ ଯାଏ ଗଛରୁ ଝଡ଼ି
ଫସଲ କିଛିଟା ଯାଏ ଉଜୁଡ଼ି
ଭାଙ୍ଗଇ ସଜନା ଝଡ଼ାଏ ଭଣ୍ଡା
ଦାରୁଣ ହେଲେବି କରାଏ ଥଣ୍ଡା ।■

କଣ୍ଟିଗଡ଼ିଆ,ଧର୍ମଶାଳା,ଯାଜପୁର
ମୋ-୭୦୦୮ ୬୩୪୮୦୦



## ଏକତାର ବଳ



ରାମଚନ୍ଦ୍ର ବେହେରା

ଗାଆଁରୁ ଅଳ୍ପ ଦୂରରେ ବିଲ ମଝିରେ ରହୁଥିଲେ ବସନ୍ତର ପରିବାର। ଗାଈ, ବଳଦ, କୁକୁର, ବିଲେଇ ଓ କିଛି କୁକୁଡ଼ା ଥିଲେ ତା' ପରିବାରର ଅଂଶ। ବିଲଗୁଡ଼ିକ ତାର ଆଖପାଖରେ ଥିବାରୁ, ବର୍ଷ ସାରା ଭଲ ଫସଲ ଅମଳ କରେ ବସନ୍ତ। ଚାଷ କାମରୁ ଯାହା ମିଳେ, ସେଥିରେ ଖୁସିରେ ଦିନ କାଟନ୍ତି ତାର ପୁରା ପରିବାର। ତାର ପୋଷା ଜୀବଗୁଡ଼ିକ ମଧ୍ୟ ଗୋଟିଏ ଜାଗାରେ ବହୁତ ଦିନରୁ ଏକାଠି ରହୁଥିବାରୁ ସେମାନଙ୍କ ମଧ୍ୟରେ ଖୁବ୍ ତାଳମେଳ ଦେଖିବାକୁ ମିଳେ। ବଳଦ ଚାଷ କାମରେ ସାହାଯ୍ୟ କରେ, ଗାଈ କ୍ଷୀର ଦିଏ, କୁକୁଡ଼ା ଅଣ୍ଡା ଦିଅନ୍ତି, କୁକୁର ଓ ବିଲେଇ ପରିବାରର ସୁରକ୍ଷା ପାଇଁ ନିଘା ରଖନ୍ତି। ସମସ୍ତଙ୍କ ସହଯୋଗରେ ଦିନ ପରେ ଦିନ, ମାସ ପରେ ମାସ ବିତିଯାଏ ଜଣା ପଡ଼େନାହିଁ। ବୈଶାଖ ମାସ ହୋଇଥିବାରୁ, ଖରା ନଇଁଲା ପରେ କ୍ଷେତରେ ପାଣି ମଡ଼ାଉଥାଏ ବସନ୍ତ। ଗୋଟିଏ ମାଆ କୁକୁଡ଼ା ଆଠ-ଦଶଟି ଛୁଆଙ୍କୁ ନେଇ ଶାଗପଟାଳି ପାଖରେ ସେମାନଙ୍କୁ ଆହାର ଖୋଜିବାର କୌଶଳ ଶିଖାଉଥାଏ। କୁକୁର ଓ ବିଲେଇ ଘର ପାଖ ଆମ୍ବଗଛ ଛାଇରେ ଅଳସ ମାରୁଥାନ୍ତି। ଏହିସମୟରେ ଗୋଟିଏ ବଣୁଆ ନେଉଳ କୁକୁଡ଼ା ଛୁଆଙ୍କୁ ଖାଇବା ଆଶାରେ ଛୁପିଛୁପି ଆସି ଶାଗ ପଟାଳି ପାଖରେ ପହଞ୍ଚିଗଲା। ମାଆ କୁକୁଡ଼ା ନେଉଳର ଗତିବିଧିକୁ ଲକ୍ଷ୍ୟକରି ଛୁଆମାନଙ୍କୁ ସୁରକ୍ଷା ଘେରରେ ରଖିଥାଏ। ହଠାତ୍ ନେଉଳଟି ଗୋଟିଏ କୁକୁଡ଼ା ଛୁଆକୁ ଖାଇବା ପାଇଁ ଧାଇଁ ଆସିଲା ଓ ଛୁଆଟିକୁ ମୁହଁରେ କାମୁଡ଼ି ଧରିବାକୁ ଚେଷ୍ଟା କଲା। ଏହାଦେଖି ମାଆ କୁକୁଡ଼ାଟି ଆଖି ପିଛୁଳାକେ ନେଉଳ ଉପରକୁ କୁଦି ପଡ଼ିଲା ଓ ତା'ର ଚିତ୍କାର ଶୁଣି, ଗଛତଳେ ଶୋଇଥିବା କୁକୁର ଓ ବିଲେଇ ନେଉଳକୁ ପ୍ରତି ଆକ୍ରମଣ କରିବା ଆରମ୍ଭ କରିଦେଲେ। ପଶୁପକ୍ଷୀଙ୍କ ମିଳିତ ଆକ୍ରମଣରେ, ନେଉଳଟି ପ୍ରାଣ ବିକଳରେ ସେ ସ୍ଥାନ ଛାଡ଼ି ପଳାଇଗଲା। ପଶୁପକ୍ଷୀଙ୍କ ଚିତ୍କାର ଶୁଣି ବସନ୍ତର ସ୍ତ୍ରୀ ଘର ଭିତରୁ ଦୌଡ଼ି ଆସିଲା ଏବଂ ଦେଖିଲା ଗୋଟିଏ କୁକୁଡ଼ା ଛୁଆ ନେଉଳର ଆକ୍ରମଣରେ ଖଣ୍ଡିଆ ଖାବରା ହୋଇଛି। ପରିବାରର ଲୋକେ ତା'ର ଯତ୍ନ ନେବାରୁ, କୁକୁଡ଼ା ଛୁଆଟି କିଛି ଦିନରେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା। ପଶୁପକ୍ଷୀଙ୍କ ଏକତା ବଳରେ କୁକୁଡ଼ା ଛୁଆଟିର ଜୀବନ ବଞ୍ଚିଲା ଓ ବଣୁଆ ନେଉଳ ନିଜର ହାର୍ ମାନି ବସନ୍ତର ପୋଷା ପଶୁପକ୍ଷୀଙ୍କ ଠାରୁ ନିଜକୁ ଦୂରେଇ ରଖିଲା। ସ୍ତ୍ରୀ ପାଖରୁ ସମସ୍ତ କଥା ଶୁଣିଲା ପରେ, ବସନ୍ତ ଖୁବ୍ ଖୁସି ହୋଇ ନିଜର ପିଲାମାନଙ୍କୁ କହିଲା, ପଶୁପକ୍ଷୀଙ୍କ ଏକତା ସାମ୍ନାରେ ଚତୁର ନେଉଳ ହାର୍ ମାନିଲା। ତେଣୁ ସଦାବେଳେ ଏହା ମନେ ରଖିବା ଉଚିତ, ଏକତା ହିଁ ବଳ। ଏକତା ଅସମ୍ଭବକୁ ସମ୍ଭବରେ ପରିଣତ କରିବା ସହ ପରିବାରକୁ ସୁରକ୍ଷା ବଳୟରେ ରଖିବା ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରେରଣା ଦେଇଥାଏ।■





ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ତୁଳି ଆଉ ରଙ୍ଗ






**ଆରାଧ୍ୟା ପୁଷ୍ପାଳକ**
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ






**ଶୁଭଲକ୍ଷ୍ମୀ ସାହୁ**
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ମନ୍ଦିର
ବାଲିପାଟଣା, ଖୋର୍ଦ୍ଧା





**ପି ମାହିକା ସାହୁ**
ୟୁକେଜି
ବ୍ରାଇଟ୍ ଆଞ୍ଜେଲ ପାରାଡାଇଜ୍ ସ୍କୁଲ
ଚକେଇସିଆଣୀ, ଭୁବନେଶ୍ୱର





**ଅନ୍ୱିତା ପାଢ଼ୀ**
ଷଷ୍ଠ ଶ୍ରେଣୀ
ଲୋୟଲା ସ୍କୁଲ
ଜୟଦେବ ବିହାର
ଭୁବନେଶ୍ୱର

## ପ୍ରହେଳିକା

● ସ୍ୱାମୀଙ୍କୁ ଏମିତି ଭକ୍ତି କରନ୍ତି
ପତିବ୍ରତା ବୋଲି ସବୁ ଜାଣନ୍ତି
ଯମ ହାରିଗଲେ ତାଙ୍କ ଭକ୍ତିରେ
ଜୀବଦାନ ଦେଲେ ମୃତ ଶରୀରେ
ବଞ୍ଚାଇ ରଖିଲେ ସ୍ୱାମୀଙ୍କୁ ସିଏ
ନାମଟି ତାଙ୍କର କହିବ କିଏ ?
ଉ-ସାବିତ୍ରୀ

● ସଧବା ନାରୀଙ୍କ ବ୍ରତଟି ତାହା
ସ୍ୱାମୀ ପାଇଁ ସିଏ ପାଳନ୍ତି ଯାହା
ବଢ଼ାଇବା ପାଇଁ ସ୍ୱାମୀ ଆୟୁଷ
କରୁଥାନ୍ତି ପରା ସେ ଉପବାସ
ଏମିତି ବ୍ରତଟି ଅଟଇ ସିଏ
ନାମଟି ତାହାର କହିବ କିଏ ?
ଉ-ସାବିତ୍ରୀ ବ୍ରତ

● ଯାହାଙ୍କ ହାତରେ ଆମ ଜୀବନ
ନେଇ ଯାଆନ୍ତି ସେ ହୋଇଲେ ମନ
ଏମିତି ଦେବତା ଅଟନ୍ତି ସିଏ
ମୃତ୍ୟୁ ଦଉଡ଼ିକୁ ଧରନ୍ତି ଯିଏ
ସାଥେ ଯିବା ପାଇଁ ସବୁ ଡରନ୍ତି
ଯେବେ ଇଚ୍ଛା ସେବେ ଟାଣି ନିଅନ୍ତି ?
ଉ-ଯମରାଜ



● ଚାରୋଟି ଅକ୍ଷରେ ନାମ ତାଙ୍କର
ସେ ପରା ଅଟନ୍ତି ସାବିତ୍ରୀଙ୍କ ବର
ପ୍ରଥମ ଦୁଇଟି ଯଦି ମିଶିବ
ସତ ବୋଲି ତାହା ବୁଝାଉଥିବ
ପ୍ରଥମ ତୃତୀୟ ମିଶିଲା ପରେ
ବୁଝାଉ ଥାଏ ମୁଁ ସବୁ ଅର୍ଥରେ
ତୃତୀୟ ପ୍ରଥମ ମିଶିଲା ପରେ
ରହିବା ଅର୍ଥଟି ସେଠୁ ବାହାରେ
ତୃତୀୟ ପ୍ରଥମ ଚତୁର୍ଥ ମିଶିଲା ପରେ
ରହୁଥାଏ ତାହା ରୋଷେଇ ଘରେ
କିଏ ସେ କହିବ ନାମ ତାଙ୍କର
ଇତିହାସ କୁହେ ତାଙ୍କ ଖବର ?
ଉ-ସତ୍ୟବାନ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

# ବେଙ୍ଗାଲୁରୁକୁ ହରାଇଲା ହାଇଦରାବାଦ୍

ଲକ୍ଷ୍ନୌ, ୨୩।୫ (ଏଜେନ୍ସି)

ଚଳିତ ଆଇପିଏଲ୍‌ର ୬୫ତମ ମୁକାବିଲାରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦରାବାଦ୍ ୪୨ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ସ୍ଥାନୀୟ ଏକନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ସନରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଧାର୍ଯ୍ୟ ୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଗୋଟିଏ ବଲ୍ ପୂର୍ବରୁ ୧୮୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବରୁ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ବେଙ୍ଗାଲୁରୁ ୧୩ ମ୍ୟାଚରୁ ୪ର୍ଥ ପରାଜୟ ସହ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଖସିଯାଇଛି। ଅପରପକ୍ଷରେ ହାଇଦରାବାଦ ୧୩ତମ ମ୍ୟାଚରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ୮ମ ସ୍ଥାନରେ ସ୍ଥିର ରହିଛି। ହାଇଦରାବାଦ ପୂର୍ବରୁ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିସାରିଛି।

୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ପ୍ରଥମ ୱିକେଟ୍‌ରେ ୭ ଓଭରରେ ୮୦ ରନ ଉଠାଇଥିଲା। ଓପନର୍ ବିରାଟ କୋହଲି ୨୫ ବଲରେ ୭ ଚୌକା ଓ ୧ ଛକା ସହ ୪୩ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ପରେ ଅନ୍ୟତମ ଓପନର୍ ଫିଲ୍ ସଲ୍ଟ ୪ ଚୌକା ଓ ୫ ଛକା ସହ ୩୨ ବଲରେ ୬୨ ରନ କରି ଆଉଟ୍ ହୋଇଥିଲେ। ଏହାପରେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା ଯୋଗୁ ବେଙ୍ଗାଲୁରୁ ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୯ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୀତେଶ ଶର୍ମା ୨୪, ରଜତ ପଟିଦାର ୧୮, ମୟଙ୍କ ଅଗରୱାଲ ୧୧, କ୍ରୁନାଲ ପାଣ୍ଡ୍ୟା ୮, ଟିମ୍ ଡେଭିଡ୍ ୧ ରନ କରିଥିବାବେଳେ ରୋମାରିଓ ସେଫର୍ଡ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ହାଇଦରାବାଦ୍ ପାଇଁ ଅଧିନାୟକ ପ୍ୟାଟ୍ କମିନ୍ସ ସର୍ବାଧିକ ୩, ଏଶାନ ମାଲିଙ୍ଗା ୨ଟି ୱିକେଟ୍ ନେଇଥିଲେ।



## ଇଶାନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ପୂର୍ବରୁ ଏହି ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର କାମଚଳା ଅଧିନାୟକ ଜୀତେଶ ଶର୍ମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସ ହାଇଦରାବାଦ୍ ଇଶାନ କିଶାନଙ୍କ ଅପରାଜିତ ୯୪ ରନ ବଳରେ ୬ ୱିକେଟ୍‌ରେ ୨୩୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ସ୍କୋର କରିପାରିଥିଲା। ଇଶାନ ତାଙ୍କ ୪୮ ବଲ୍ ପାଳିରେ ୭ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା ୩୪, ହେନରିଚ କ୍ଲାସେନ ୨୪, ଅନିକେତ ବର୍ମା ୨୬, ଟ୍ରାଭିସ ହେଡ୍ ୧୭, ପ୍ୟାଟ୍ କମିନ୍ସ ଅପରାଜିତ ୧୩ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁର ରୋମାରିଓ ସେଫର୍ଡ ସର୍ବାଧିକ ୨ଟି ଏବଂ ଭୁବନେଶ୍ୱର କୁମାର, ଲୁନଗି ଏନ୍‌ଗିଡି, ସୁୟାଶ ଶର୍ମା ଓ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +0.୬୦୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +0.୩୮୯ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +0.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -0.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +0.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -0.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪୦ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -0.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

### ଆଇପିଏଲ୍‌ରେ ଆଜି

ପଞ୍ଜାବ ବନାମ ଦିଲ୍ଲୀ
ଜୟପୁର / ରାତି ୭.୩୦
ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ପଞ୍ଜାବ କିଙ୍ଗ୍‌ସ ମାଲିକଙ୍କ ମଧ୍ୟରେ ବିବାଦ


# ନେସ୍ ୱାଡିଆ, ମୋହିତ ବର୍ମନଙ୍କୁ କୋର୍ଟକୁ ଟାଣିଲେ ପ୍ରୀତି



ଚଣ୍ଡିଗଡ଼, ୨୩।୫ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ର ଅନ୍ୟତମ ଚର୍ଚ୍ଚିତ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗ୍‌ସର ମାଲିକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ କୋର୍ଟରେ ପହଞ୍ଚିଛି। ଦଳର ଅନ୍ୟତମ ମାଲିକ ତଥା ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ନିଜର ସହ ମାଲିକ ତଥା ନିର୍ଦ୍ଦେଶକ ନେସ୍ ୱାଡିଆ ଓ ମୋହିତ ବର୍ମନଙ୍କ ବିରୋଧରେ ଚଣ୍ଡିଗଡ଼ର ଏକ ଅଦାଲତରେ ମାମଲା ରୁଜ୍ଜୁ କରିଛନ୍ତି। ଏହି ବିବାଦ ଏକ୍ସଟ୍ରା ଅର୍ଡିନାରୀ ଜେନେରାଲ (ଇଜିଏମ୍) ବୈଠକରେ ସୃଷ୍ଟି ହୋଇଥିଲା ଓ ବିଭିନ୍ନ ନିଷ୍ପତ୍ତି ନେଇ ମାଲିକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ସୃଷ୍ଟି ହୋଇଥିଲା।

ପ୍ରୀତି, ୱାଡିଆ ଓ ମୋହିତ କେପିଏଚ୍ ଡ୍ରିମ୍ କ୍ରିକେଟ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରହିଛନ୍ତି। ଏହି କମ୍ପାନୀ ପଞ୍ଜାବ କିଙ୍ଗସର ମାଲିକାନା ହାସଲ କରିଛି। ୨୦୦୮ରେ ଏହି କମ୍ପାନୀ ସ୍ଥାପିତ ହୋଇଥିଲା। ମୋହିତ ଓ ୱାଡିଆ ପ୍ରୀତି ଜିଣ୍ଟାଙ୍କ ଭଳି ପଞ୍ଜାବ କିଙ୍ଗସ ଦଳର ସହ- ମାଲିକ ରହିଛନ୍ତି। ଗତ ଏପ୍ରିଲ ୨୧ରେ ଇଜିଏମ୍‌ର ବୈଠକ ବସିଥିଲା। କିନ୍ତୁ ପ୍ରୀତି ଏହି ବୈଠକ ବୈଧତାକୁ ନେଇ ଚ୍ୟାଲେଞ୍ଜ୍ କରିଛନ୍ତି। ଏହି ବୈଠକ ବସିବାରେ କମ୍ପାନୀର ୨୦୧୩ ଅଧିନିୟମ ଓ ନିୟମଗୁଡିକ ଅନୁସାରେ ଉଚିତ ପ୍ରକ୍ରିୟାର ପାଳନ କରାଯାଇନାହିଁ ବୋଲି ପ୍ରୀତି ପ୍ରଶ୍ନ ଉଠାଇଛନ୍ତି। ଏପ୍ରିଲ ୧୦ରେ ସେ ଏ ନେଇ ଏକ ଇ-ମେଲ ଜରିଆରେ ଆପତ୍ତି ଉଠାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଛି। ମୋହିତ ଓ ୱାଡିଆଙ୍କ ସମର୍ଥନରେ ହିଁ ଏହି ବୈଠକ ବସିଛି। ଏହି ବୈଠକରେ ଭାଗ ନେଇଥିଲେ ମଧ୍ୟ ପ୍ରୀତ୍ ଏହାକୁ ଅବୈଧ ଘୋଷିତ କରିବାକୁ କୋର୍ଟଙ୍କୁ ନିବେଦନ କରିଛନ୍ତି। ମୁନୀଶ ଖାନ୍ନାଙ୍କୁ ନିର୍ଦ୍ଦେଶକ ରୂପେ ନିଯୁକ୍ତି କରିବାର ନିଷ୍ପତ୍ତିକୁ ସେ ବିରୋଧ କରିଛନ୍ତି ଓ ନିଆଯାଇଥିବା ଅନ୍ୟ ନିଷ୍ପତ୍ତିକୁ ରଦ୍ଦ କରିବାକୁ ସେ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ୨୦୦୮ରେ ପ୍ରୀତି, ୱାଡିଆ, ମୋହିତ ଓ କରଣ ପଲ ପାଖାପାଖି ୩୦୪ କୋଟି ଟଙ୍କାରେ ସେତେବେଳେର କିଙ୍ଗସ ଏକାଦଶ ପଞ୍ଜାବ ଦଳକୁ କ୍ରୟ କରିଥିଲେ। ଚଳିତ ସଂସ୍କରଣରେ ପଞ୍ଜାବ ଦମ୍‌ଦାର ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରି ଟାଇଟଲ ହାସଲ କରିବା ଆଶା ସୃଷ୍ଟି କରିଛି।

# ଆଇପିଏଲ୍‌ରେ ଶତକ; ମିଚେଲ ୧୧ତମ ଅଷ୍ଟ୍ରେଲୀୟ



ଅହମ୍ମଦାବାଦ, ୨୩।୫ (ଏଜେନ୍ସି): ଆଇପିଏଲ୍‌ର ୬୪ତମ ମ୍ୟାଚରେ ଗୁରୁବାର ରାତିରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୩୩ ରନରେ ସନ୍‌ରାଇଜର୍ସ ହାଇଦରାବାଦକୁ ପରାସ୍ତ କରିଛି। ଏହି ମ୍ୟାଚରେ ସୁପର୍ ଜାଏଣ୍ଟ୍ସର ଅଷ୍ଟ୍ରେଲୀୟ ବ୍ୟାଟର୍ ମିଚେଲ ମାର୍ଶ ୬୪ ରନରେ ୧୧୭ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଆଇପିଏଲ୍‌ର ୧୮ ବର୍ଷର ଇତିହାସରେ ମିଚେଲ ୧୧ତମ ଅଷ୍ଟ୍ରେଲୀୟ ବ୍ୟାଟର୍ ଭାବେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ପ୍ରଥମ ଅଷ୍ଟ୍ରେଲୀୟ ଭାବେ ମିଚେଲଙ୍କ ଭାଇ ତଥା ସନ୍ ମାର୍ଶ ପ୍ରଥମ ସଂସ୍କରଣରେ (୨୦୦୮ ମେ ୨୮ରେ) କିଙ୍ଗ୍‌ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳି ରାଜସ୍ଥାନ ବିପକ୍ଷରେ ଶତକ ମାରିଥିଲେ। ଆଇପିଏଲ୍‌ରେ ଶତକ ହାସଲ କରିଥିବା ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟର୍‌ମାନେ ହେଲେ ଡେଭିଡ୍ ୱାର୍ଣ୍ଣର, ଆଦାମ ଗିଲ୍‌କ୍ରିଷ୍ଟ, ଆଣ୍ଡ୍ରିଉ ସାଇମଣ୍ଡସ, ମାଇକ ହସୀ, ଶେନ ୱାଟସନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, କାମେରନ ଗ୍ରୀନ ଓ ମାର୍କସ ଷ୍ଟୋଇନିସ।

# ଡି ଭିଲର୍ସଙ୍କ ସମକକ୍ଷ ହେଲେ ଫୋର୍ଡ



ଡବ୍ଲିନ୍, ୨୩।୫ (ଏଜେନ୍ସି): ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ମାଥ୍ୟୁ ଫୋର୍ଡ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସି ଦିନିକିଆ କ୍ରିକେଟ୍ ଇତିହାସର ସବୁଠୁ ଦ୍ରୁତତମ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଶୁକ୍ରବାର ଏଠାରେ ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଫୋର୍ଡ ଏହି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଫୋର୍ଡ ମାତ୍ର ୧୬ ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହିକ୍ରମରେ ସେ ଦକ୍ଷିଣ ଆଫ୍ରିକାର ପୂର୍ବତନ ବ୍ୟାଟର୍ ଏବି ଡି ଭିଲର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୨୦୧୫ରେ ଡି ଭିଲର୍ସ ୱେଷ୍ଟଇଣ୍ଡିଜ ବିପକ୍ଷରେ ସମାନ ୧୬ ବଲ୍ ଖେଳି ୧୦ ବର୍ଷ ହେଲା ଏହି ବିଶ୍ୱରେକର୍ଡର ଅଧିକାରୀ ରହିଥିଲେ। ଫୋର୍ଡ ଆଜି ତାଙ୍କର ବିଧ୍ୱଂସୀ ପାଳିରେ ୮ ଛକା ଓ ୨ ଚୌକା ସହ ମୋଟ୍ ୧୯ ବଲ୍ ଖେଳି ୫୮ ରନରେ ଆଉଟ୍ ହୋଇଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନକରିଥିଲା। ତେବେ ବର୍ଷା ଲାଗି ଏହି ମ୍ୟାଚ୍ ବାତିଲ ହୋଇଥିଲା । ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ୧୨୪ ରନରେ ଜିତି ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ରହିଛି।

## ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସେମିରେ ଶ୍ରୀକାନ୍ତ; ଧ୍ରୁବ- ତନିଶା ବିଦା

କ୍ୱାଲାଲମ୍ପୁର, ୨୩।୫ (ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର-୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୩୨ ବର୍ଷୀୟ ଶ୍ରୀକାନ୍ତ ୨୪-୨୨, ୧୭-୨୧, ୨୨-୨୦ରେ ଫ୍ରାନ୍ସର ତୋମା ଜୁନିଅର ପୋପୋଭଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ତଥା ବିଶ୍ୱ ଚାମ୍ପିଅନ, ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଶ୍ରୀକାନ୍ତ ସେମିରେ ଜାପାନର ୟୁଶି ତାନାକାଙ୍କୁ ଭେଟିବେ। ସେହିପରି ଭାରତୀୟ ମିଶ୍ରିତ ଯୁଗଳ ଯୋଡି ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ କ୍ୱାର୍ଟରଫାଇନାଲରେ ୨୨-୨୪, ୧୩-୨୧ରେ ମାତ୍ର ୩୫ ମିନିଟ୍‌ରେ ଟପ୍ ସିଡ୍ ଯୋଡି ଚୀନର ଜିଆଙ୍ଗ ଝେନ୍ ବାଙ୍ଗ ଓ ୱେଇ ୟା ଜିନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ସେମାନଙ୍କ ଅଭିଯାନ ଶେଷ କରିସାରିଛନ୍ତି।

## ଜାନୁସ୍ କୁସୋସିନ୍‌ସ୍କି ସ୍ମାରକୀ ଆଥଲେଟିକ୍ସ ମିଟ୍

# ନୀରଜଙ୍କୁ ରୌପ୍ୟ; ୱେବରଙ୍କ ବାଜିମାତ୍



ୱାରସା (ପୋଲାଣ୍ଡ), ୨୩।୫ (ଏଜେନ୍ସି): ଭାରତୀୟ ଆଥଲେଟିକ ସୁପରଷ୍ଟାର ତଥା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ପୋଲାଣ୍ଡର ଚୋରଜୋଠାରେ ଶୁକ୍ରବାର ରାତିରେ ଅନୁଷ୍ଠିତ ୭୧ତମ ଜାନୁସ କୁସୋସିନ୍‌ସ୍କି ଆଥଲେଟିକ୍ସ ମିଟ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ନୀରଜ ତାଙ୍କ ଦ୍ୱିତୀୟ ପ୍ରୟାସରେ ୮୪.୧୪ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜର୍ମାନୀର ଜୁଲିଏନ୍ ୱେବର ୮୬.୧୨ ମିଟର ଫିଙ୍ଗି ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ସେହିଭଳି ଗ୍ରେନେଡାର ଆଣ୍ଡରସନ ପିଟର୍ସ ୮୩.୨୪ ମିଟର ସହ କାଂସ୍ୟ ପଦକ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୫୪ରେ ପୋଲାଣ୍ଡର ଜଣାଶୁଣା ଆଥଲେଟ୍ ଜାନୁସ୍ କୁସୋସିନସ୍କିଙ୍କ ସ୍ମୃତିରେ ଏହି ଇଭେଣ୍ଟ ନିୟମିତ ଭାବେ ଆୟୋଜିତ ହୋଇଆସୁଛି। ଜାନୁସ୍ ୧୯୩୨ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତ ସପ୍ତାହରେ ଦୋହାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ୨୭ ବର୍ଷୀୟ ନୀରଜ ପ୍ରଥମଥର ପାଇଁ ୯୦ମିଟରର ଅଧିକ ଦୂରତା ଥ୍ରୋ କରି ନୂଆ ରେକର୍ଡ ସୃଷ୍ଟି କରିଥିଲେ।

# ଶାରୀରିକ ଓ କ୍ରୀଡ଼ା ଶିକ୍ଷାରେ ନୂଆ ସ୍ନାତକ ପାଠ୍ୟକ୍ରମ ସାମିଲ କଲା କିଟ୍

ଭୁବନେଶ୍ୱର, ୨୩।୫ (ଏଜେନ୍ସି): କ୍ରୀଡ଼ା ଓ ଶାରୀରିକ ଶିକ୍ଷାର ଉନ୍ନତି ତଥା ପ୍ରଚାର ଓ ପ୍ରସାର ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ନୂଆ ପାଠ୍ୟକ୍ରମ ସାମିଲ କରିଛି। ଚଳିତ ବର୍ଷଠାରୁ କିଟ୍ ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ (ବିପିଇଏସ୍) ପ୍ରୋଗ୍ରାମକୁ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ୍ ସାଇନ୍ସରେ ସାମିଲ କରିଛି। ଏଥିପାଇଁ ୨୦୨୦ ଜାତୀୟ ଶିକ୍ଷାନୀତି ଓ ୟୁଜିସି ନିୟମାବଳୀ ଅନୁସାରେ ଏକ ୪ ବର୍ଷୀୟା ଅନର୍ସ ଡିଗ୍ରୀ ପାଠ୍ୟକ୍ରମ ସ୍ଥିରିକୃତ କରାଯାଇଛି। ଏଥିରେ ୧୦୦ଟି ସିଟ୍ ଉପଲବ୍ଧ ହେବ। ଏହି ନୂଆ ପାଠ୍ୟକ୍ରମ ବାବଦରେ ସର୍ଟିଫିକେଟ, ପ୍ରମାଣପତ୍ର, ଡିପ୍ଲୋମା, ବ୍ୟାଚଲର ଓ ରିସର୍ଚ୍ଚ ସହ ଅନର୍ସ ଭଳି ବିକଳ୍ପ ଛାତ୍ରଛାତ୍ରୀ ପାଇଁ ଉପଲବ୍ଧ ରହିବ।

## ସ୍ଥାପନ ହେବ ଲିଆଣ୍ଡର - ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ

ବିଭିନ୍ନ କ୍ରୀଡ଼ାର ଉନ୍ନତୀ ଓ ବିଶ୍ୱସ୍ତରୀୟ ଆଥଲେଟି ସୃଷ୍ଟି କରିବାକୁ କିଟ୍‌ରେ ଲିଆଣ୍ଡର ପେସ୍- ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ସ୍ଥାପନ ହେବ। ଏଥିପାଇଁ କିଟ୍ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୧୬ଟି କ୍ରୀଡ଼ାରେ ଖେଳାଳିମାନଙ୍କୁ ଏହି ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ ଓ ଏଥିପାଇଁ ବିଶ୍ୱସ୍ତରୀୟ କୋଚିଂ ବ୍ୟବସ୍ଥା ସହ ମେଣ୍ଟରସିପ୍ ପ୍ରଦାନ କରାଯିବ। କିଟ୍‌ରେ ପ୍ରାୟ ସବୁ କ୍ରୀଡ଼ାରେ ଯଥା କ୍ରିକେଟ, ଆର୍ଚ୍ଚେରୀ, ରଗ୍‌ବୀ, ବ୍ୟାଡମିଣ୍ଟନ, ଭଲିବଲ, ଦୌଡ଼କୁଦ, ଭାରୋତ୍ତୋଳନ ଓ ଚେସ୍‌ରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସ୍ଥାପନ ହୋଇଛି। ଏଠାରେ ମଧ୍ୟ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ସଫଳତାର ସହ ଆୟୋଜିତ ହୋଇଛି।

# ୩ ଶତକ; ଇଂଲଣ୍ଡ ୫୬୫/୬ ଘୋଷଣା

ନଟିଂହାମ, ୨୩।୫ (ଏଜେନ୍ସି): ଭ୍ରମଣକାରୀ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ଶୁକ୍ରବାର ଦ୍ୱିତୀୟ ଦିବସରେ ୯୬.୩ ଓଭରରେ ୬ ୱିକେଟ୍ ହରାଇ ୫୬୫ ରନରେ ପାଳି ଘୋଷଣା କରିଛି। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସରେ ବ୍ରାଏନ ବେନେଟଙ୍କ ୧୩୯ ରନ ସତ୍ତ୍ୱେ ୨୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି। ୩୦୦ ରନ୍ ପଛରେ ଥାଇ ଜିମ୍ବାୱେ ଦ୍ୱିତୀୟ ପାଳିରେ ୨ ୱିକେଟ୍‌ରେ ୩୦ ରନ୍ କରିଛି। ପୂର୍ବରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍‌ଙ୍କ ଶତକ ବଳରେ ୩ ୱିକେଟ୍ ହରାଇ ୪୯୮ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଜ୍ୟାକ୍ କ୍ରାଲୀ ୧୨୪ ଓ ବେନ୍ ଡକେଟ ୧୪୦ ରନ କରି ଆଉଟ୍ ହୋଇଛନ୍ତି। ସେହିଭଳି ନଂ-୩ରେ ଆସିଥିବା ଓଲି ପୋପ୍ ୧୭୧ ରନ କରିଥିଲେ। ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଇତିହାସରେ ୪ର୍ଥଥର ଲାଗି ଗୋଟିଏ ଇନିଂସରେ ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ଶତକ ହାସଲ କରିଛନ୍ତି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି କ୍ରାଲୀ, ଡକେଟ ଓ ପୋପ୍ ଦ୍ୱିତୀୟଥର ଲାଗି ଏହି ସଫଳତା ପାଇଛନ୍ତି। ୨୦୨୨ରେ ରାୱଲପିଣ୍ଡିରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଟେଷ୍ଟରେ ଏହି ୩ଜଣ ବ୍ୟାଟିଂକ୍ରମର ପ୍ରଥମ ୩ଟି ସ୍ଥାନରେ ଆସି ଶତକ ହାସଲ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଗୋଟିଏ ଦିବସରେ ସର୍ବାଧିକ ରନ ଇଂଲଣ୍ଡ ନାମରେ ରହିଛି।

# ଟେଷ୍ଟରୁ ଅବସର ନେବେ ଆଞ୍ଜେଲୋ ମାଥ୍ୟୁସ୍



କଲମ୍ବୋ, ୨୩।୫ (ଏଜେନ୍ସି): ଶ୍ରୀଲଙ୍କା ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଖୁବଶୀଘ୍ର ଟେଷ୍ଟ କ୍ରିକେଟରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଜୁନ୍ ୧୭ରୁ ୨୧ ମଧ୍ୟରେ ଗାଲେରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବା ପରେ ସେ ଟେଷ୍ଟକୁ ଅଲବିଦା କରିବେ। ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଅବସର ନେଉଛି ବୋଲି ୩୭ ବର୍ଷୀୟ ମାଥ୍ୟୁସ୍ କହିଛନ୍ତି। ୨୦୦୯ରେ ଗାଲେରେ ହିଁ ସେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ସେ ମାତ୍ର ୨୫ ବର୍ଷ ବୟସରେ ଇଂଲଣ୍ଡରେ ନେତୃତ୍ୱ ନେଇ ଦେଶର ସର୍ବକନିଷ୍ଠ ଯୁବ ଅଧିନାୟକ ବିବେଚିତ ହୋଇଥିଲେ। ସେ ଟେଷ୍ଟରେ ଜଣେ ବ୍ୟାଟିଂ ଅଲରାଉଣ୍ଡର ଭାବେ ସୁଯୋଗ ପାଇଥିଲେ। ୧୬ ବର୍ଷର ଦୀର୍ଘ ଟେଷ୍ଟ କ୍ୟାରିଅରରେ ସେ ୧୧୮ଟି ଟେଷ୍ଟ ଖେଳି ୪୪.୬୨ ହାରରେ ୮୧୬୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ମଧ୍ୟ ଡାହାଣହାତୀ ମିଡିୟମ ପେସ୍ ବୋଲିଂ କରି ୩୩ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ଶ୍ରୀଲଙ୍କା ପାଇଁ ୨୨୬ ଦିନିକିଆ ଓ ୯୦ଟି ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି।

● ଡବ୍ଲ୍ୟୁଟିସି ଫାଇନାଲ

# ପରିଚାଳନା ଦାୟିତ୍ୱରେ ଶ୍ରୀନାଥ, ମେନନ

ଲଣ୍ଡନ, ୨୩।୫ (ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ଜୁନ ୧୧ରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଫାଇନାଲରେ ପରସ୍ପର ସାମ୍ନାସାମ୍ନି ହେବେ। ଗତ ଦୁଇଟି ସଂସ୍କରଣରେ ରନର୍ସଅପ୍ ରହିଥିବା ଭାରତୀୟ କ୍ରିକେଟ୍ ଦଳ ଏଥର ଫାଇନାଲରେ ପ୍ରବେଶ କରିପାରିବାରେ ବିଫଳ ହୋଇଛି। ତେବେ ଦୁଇଜଣ ଭାରତୀୟଙ୍କୁ ପ୍ରତ୍ୟେକ୍ଷ ଭାବେ ଫାଇନାଲ ମ୍ୟାଚରେ ଜଡ଼ିତ ଥିବାର ଦେଖିବାକୁ ମିଳିବ। ଜାଭାଗଲ ଶ୍ରୀନାଥ ଓ ନିତିନ ମେନନ ଆଇସିସି ପକ୍ଷରୁ ଶୁକ୍ରବାର ଫାଇନାଲ ମ୍ୟାଚ୍ ପରିଚାଳନା ଲାଗି ଅମ୍ପାୟର ଓ ରେଫରୀଙ୍କ ନାମ ଘୋଷଣା କରାଯାଇଛି।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# ଶୁଭାଶିଷଙ୍କ ଶତକ; ଭୁବନେଶ୍ୱର-ବି ବିଜୟୀ

କଟକ, ୨୩।୫ (ସମିସ)

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ରେ ଭୁବନେଶ୍ୱର-ବି ୬୯ ରନରେ ନୟାଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୭ ୱିକେଟ ବିନିମୟରେ ୨୩୬ ରନ କରିଥିଲା। ଶୁଭାଶିଷ ମଲ୍ଲିକ ୧୨୪ବଲରୁ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ସିଦ୍ଧାର୍ଥ ବେହେରା ୩୯ ବଲରୁ ଦ୍ରୁତ ୫୧ରନ ସଂଗ୍ରହ କରିଥିଲେ। ନୟାଗଡ଼ର ରିକି ମହାନ୍ତିଙ୍କୁ ୨ଟି ୱିକେଟ ମିଳିଥିଲା। ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ୭୨ ରନ ସତ୍ତ୍ୱେ ନୟାଗଡର ପାଳି ୧୬୭ ରନରେ ସୀମିତ ରହିଥିଲା। ବିଜୟୀ ଭୁବନେଶ୍ୱର-ବି ପକ୍ଷରୁ ସୋହମ ପଟ୍ଟନାୟକ ୫ଟି ୱିକେଟ ଅକ୍ତିଆର କରିଥିଲେ।


ଦିଲ୍ଲୀପ ବିଶୋୟୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନବରଙ୍ଗପୁର ୨୦ ରନରେ କିଟ୍‌କୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ସମସ୍ତ ୱିକେଟ ହରାଇ ୧୧୭ ରନ କରିଥିଲା।


ଶୁଭାଶିଷ ମଲ୍ଲିକ


ଦିଲ୍ଲୀପ ବିଶୋୟୀ


ଅମନ ବର୍ମା

ସାଇ କୁମାର ସର୍ବାଧିକ ୫୨ରନ କରିଥିବା ବେଳେ ଦିଲ୍ଲୀପ ୧୭ରନର ପାଳି ଖେଳିଥିଲେ। ତେବେ ୧୧୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି କିଟ୍ ୯୭ରନରେ ଅଲଆଉଟ ହୋଇଥିଲା। ଦିଲ୍ଲୀପ ୨୬ରନ ବ୍ୟୟ କରି ୪ଟି ୱିକେଟ ଅକ୍ତିଆର କରିବା ସହିତ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନସାଇନ କ୍ରିକେଟ ଗ୍ରାଉଣ୍ଡରେ ଖୋର୍ଦ୍ଧା ୧୨୩ ରନରେ ବୌଦ୍ଧକୁ ହରାଇଥିଲା। ଖୋର୍ଦ୍ଧା ପକ୍ଷରୁ ଧାର୍ଯ୍ୟ ୨୬୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବୌଦ୍ଧ ୧୪୨ ରନରେ ଅଲଆଉଟ ହୋଇଥିଲା। ୪ ୱିକେଟ ଦଖଲ କରିଥିବା ରୁଦ୍ର ମଲ୍ଲିକ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ରେଭେନ୍ସାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଯାଜପୁର ୨୦୯ରନରେ ରାୟଗଡାକୁ ହରାଇଥିଲା। ଆଶିଷ ପରିଡାଙ୍କ ୭୨ରନ ଏବଂ ସୌଭାଗ୍ୟ ଧଳଙ୍କ ୬୨ରନ ସହାୟତାରେ ଯାଜପୁର ୭ ୱିକେଟ ବିନିମୟରେ ୨୮୨ରନ ସଂଗ୍ରହ କରିଥିଲା। ରାୟଗଡାର ପାଳି ୭୩ରନରେ ସୀମିତ ରହିବା ସହ ୪ ୱିକେଟ ସଫଳତା ପାଇଥିବା ଯାଜପୁରର ଦୁର୍ଗା ବେହେରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡିକରେ ଭଦ୍ରକ ୧୪ରନରେ ଝାରସୁଗୁଡାକୁ, ସମ୍ବଲପୁର-ବି ୧୨ରନରେ ସୋନପୁରକୁ ହରାଇଥିଲା। ସମ୍ବଲପୁରର ଅମନ ବର୍ମା ୪ଟି ୱିକେଟ୍ ନେଇଥିଲେ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"

✓ ଭ୍ରମରବର ରାଉତ
ଆବିର୍ଭାବ: ୨୮.୧୨.୧୯୩୪ / ତିରୋଧାନ: ୧୫.୦୫.୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାରିତା ଓ ତ୍ୟାଗ ଆମମାନଙ୍କ ଜୀବନରେ ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପ୍ରଶାନ୍ତ, ସୁଶାନ୍ତ ଓ ପରିବାରବର୍ଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS